
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୩୦ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 30 November 2025
Vol.No. 36 ■ No.315 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଶ୍ରୀଲଙ୍କାରେ ଦାନବ ରୂପ ଦେଖାଇଲା: ଏବେ ଭାରତମୁହାଁ ବାତ୍ୟା 'ଦିତ୍-ୱାହ'



ନୂଆଦିଲ୍ଲୀ,୨୯/୧୧ : ଭୟଙ୍କର ରୂପ ନେଇ ଭାରତ ଆଡ଼କୁ ମାଡ଼ି ଆସୁଛି ବାତ୍ୟା । ସାମୁଦ୍ରିକ ବାତ୍ୟା 'ଦିତ୍ୱାହ' ଶ୍ରୀଲଙ୍କାରେ ତାଣ୍ଡବ ରଚିବା ପରେ ଏବେ ତାମିଲନାଡୁ ମୁହାଁ ହୋଇଛି । ଆସନ୍ତାକାଲି ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଉ ଏନେଇ ରେଡ୍ ଆଲର୍ଟ ଜାରି କରି ସତର୍କ ରହିଛନ୍ତି ତାମିଲନାଡୁ ସରକାର । ଶ୍ରୀଲଙ୍କା ଇତିହାସରେ ସବଠାରୁ ବଡ଼ବାତ୍ୟା। ଗତକାଲି ସକାଳୁ ସକାଳୁ ଶ୍ରୀଲଙ୍କାର ପୂର୍ବ ଉପକୂଳରେ ଲ୍ୟାଣ୍ଡଫଲ୍ କରି ବାତ୍ୟା 'ଦିତ୍ୱାହ' ଲଙ୍କାକୁ ଦେଖାଇଥିଲା ତାର ଦାନବ ରୂପ। ବାତ୍ୟା ପ୍ରଭାବରେ ଶ୍ରୀଲଙ୍କାରେ ପ୍ରବଳ ବର୍ଷା ଓ ପବନ ଲାଗି ରହିବାରୁ ଅନେକ ଅଞ୍ଚଳରେ ଭୂସ୍ଖଳନ ହୋଇଛି । ୬୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ୨୫ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ଏପଟେ ଆଜି ସକାଳୁ ସକାଳୁ ତାମିଲନାଡୁର ୪ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଏବଂ ୫ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ବଡ଼କଥା ହେଲା ଶ୍ରୀଲଙ୍କାର ଅବସ୍ଥା ଦେଖି ଏବେ ସତର୍କ ହୋଇଛନ୍ତି ତାମିଲନାଡୁ ସରକାର । ପ୍ରତିକୂଳ ପାଗ ଚେନ୍ନାଇ ଆନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳକୁ ପ୍ରଭାବିତ କରିଛି, ଯାହା ଫଳରେ ଅନେକ ବିମାନ ଚଳାଚଳ ବାତିଲ କରାଯାଇଛି । ଏହା ସହ ଅନେକ ଟ୍ରେନ ବାତିଲ୍ କରାଯାଇଥିବା ବେଳେ କିଛି ଟ୍ରେନର ସମୟ ବଦଳାଯାଇଛି । ଖାଲି ଏତିକି ନୁହେଁ ତାମିଲନାଡୁ ସରକାର ଶନିବାର ରାଜ୍ୟର ସମସ୍ତ ସ୍କୁଲ ପାଇଁ ଛୁଟି ଘୋଷଣା କରିଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି । ସେପଟେ ବାତ୍ୟାକୁ ସାମନା କରି ଭାଙ୍ଗିପଡ଼ିଥିବା ଶ୍ରୀଲଙ୍କାକୁ 'ଅପରେସନ୍ ସାଗରବନ୍ଧୁ' ମାଧ୍ୟମରେ ସହାୟତା ପଠାଇଛି ଭାରତ । ଶ୍ରୀଲଙ୍କାରେ ମୃତକଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମବେଦନା ଜଣାଇବା ସହ କହିଛନ୍ତି ଯେ ଭାରତ ସବୁବେଳେ ଶ୍ରୀଲଙ୍କା ସହ ରହିଛି। ଆମେ ମିଳିମିଶି ଏ ଦୁଃଖରୁ ବାହାରିବା । ସେଥିପାଇଁ ଅପରେସନ ସାଗର ବନ୍ଧୁ ଅଧୀନରେ ତୁରନ୍ତ ରିଲିଫ୍ ସାମଗ୍ରୀ ପଠାଇଛି । ଆବଶ୍ୟକ ପଡ଼ିଲେ ଭାରତ ଅତିରିକ୍ତ ସହାୟତା ଯୋଗାଇବାକୁ ପ୍ରସ୍ତୁତ ଅଛି ।

# ସୋମବାରଠାରୁ ସଂସଦର ଶୀତ ଅଧିବେଶନ: ଆଜି ବସିବ ସର୍ବଦଳୀୟ ବୈଠକ



ନୂଆଦିଲ୍ଲୀ,୨୯/୧୧ : ସୋମବାର ଠାରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହେଉଛି । ଏଥିପାଇଁ ଆସନ୍ତାକାଲି ରବିବାର ସର୍ବଦଳୀୟ ବୈଠକ ବସିବ। ବୈଠକରେ ଉଭୟ ଗୃହର ନେତାମାନଙ୍କ ସହିତ କେନ୍ଦ୍ର

- ■ସବୁ ନେତାଙ୍କ ସହ ଆଲୋଚନା କରାଯିବ
- ■ଆଲୋଚନା କରିବେ ସଂସଦୀୟ ବ୍ୟାପାର ମନ୍ତ୍ରୀ
- ■ସମସ୍ତଙ୍କ ସହଯୋଗ ଲୋଡ଼ିଲେ ସରକାର
- ■ଉଭୟ ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ଉଦ୍ୟମ
- ■ନିଜନିଜ ପ୍ରସଙ୍ଗ ନେଇ ବିରୋଧୀ ପ୍ରସ୍ତୁତ
- ■ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ସରକାର

ସଂସଦୀୟ ବ୍ୟାପର ମନ୍ତ୍ରୀ କିରଣ ରିଜିଜୁ ଆଲୋଚନା କରିବେ । ଲୋକସଭା ଓ ରାଜ୍ୟସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାର ବିରୋଧୀ ଦଳଙ୍କ ସହଯୋଗ କମନା କରିବେ । ଡିସେମ୍ବର ୧ ତାରିଖ ସୋମବାର ଠାରୁ ଆରମ୍ଭ ହେଉଥିବା ସଂସଦର ଶୀତ ଅଧିବେଶନ ଡିସେମ୍ବର ୧୯ ତାରିଖ ଯାଏଁ ଚାଲିବ । ସଂସଦରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ଉଠାଇବାକୁ ସ୍ଥିର କରିଥିବା ବେଳେ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି । ସଂସଦର ଶୀତ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ।

## ରାଜ୍ୟରେ ରହିଛି ୨୯୭ ମିଶନ ଶକ୍ତି କାଫେ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ରାଜ୍ୟରେ ମୋଟ ୨୯୭ଟି ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ବର୍ତ୍ତମାନ ଏଥିରୁ ୨୫୪ଟି କାର୍ଯ୍ୟକ୍ଷମ ରହିଛି ଏବଂ ଏଥିରେ ୨୨୩୯ ଜଣ ଏସଏଚଜି ସଦସ୍ୟା କାର୍ଯ୍ୟ କରୁଛନ୍ତି । ସୁଭଦ୍ରା ଶକ୍ତିକାଫେ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

# ଶୁଭଙ୍କର ମିଶ୍ରଙ୍କ ପାଇଁ ବଢ଼ିଲା ଅଡୁଆ



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଶୁଭଙ୍କର ମିଶ୍ର ଶ୍ରୀମନ୍ଦିରକୁ ନେଇ ବିବାଦୀୟ ବୟାନ ଦେବା ପରେ ଅସନ୍ତୋଷ ତେଜିଛି । କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରଘାତ କରିଛି। କାର୍ଯ୍ୟାନୁଷ୍ଠାନ ପାଇଁ ବି ଚାପ ପଡିଲାଣି । ପୁରୀ ଜିଲ୍ଲାପାଳ ବି କାର୍ଯ୍ୟାନୁଷ୍ଠାନର ସଙ୍କେତ ଦେଇଛନ୍ତି । ଶ୍ରୀମନ୍ଦିରକୁ ନେଇ ସୋସିଆଲ ମିଡିଆ ଇନଫ୍ଲୁଏନସର୍ ଶୁଭଙ୍କର ମିଶ୍ରଙ୍କ ବିବାଦୀୟ ମନ୍ତବ୍ୟ କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। ପ୍ରେମୀଯୁଗଳଙ୍କୁ ବିବାହ ପୂର୍ବରୁ ଶ୍ରୀମନ୍ଦିର ଯିବାକୁ ବାରଣ କରିଥିଲେ ଶୁଭଙ୍କର। ଶ୍ରୀମନ୍ଦିର ଉପରେ ମା ରାଧାରାଣୀଙ୍କ ଅଭିଶାପ ପଡ଼ିଛି ବୋଲି ମଧ୍ୟ କହିଥିଲେ ଶୁଭଙ୍କର ମିଶ୍ର । ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଶୁଭଙ୍କରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାପ ପଡିଛି। ପୁରୀ ଜିଲ୍ଲାପାଳ କହିଛନ୍ତି, ଯେଉଁମାନେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରିବେ କିମ୍ବା ଭୁଲ୍ ତଥ୍ୟ ଦେବେ, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଚାର ପ୍ରସାର ସବ୍‌କମିଟିରେ ▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ଗ୍ରହାଚାର୍ଯ୍ୟ: ୧୭ ହଜାର ଲାଞ୍ଚ ନେଇ ଫସିଗଲେ

ପୁରୀ, ୨୯/୧୧ (ନି.ପ୍ର): ପୁରୀଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ରେ କାର୍ଯ୍ୟରତ ଅମିନ ତଥା ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟଙ୍କୁ ଆଜି ସନ୍ଧ୍ୟା ସମୟରେ ଲାଞ୍ଚ ନେଲାବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ମାଡ଼ିବସିଛନ୍ତି। ଶ୍ରୀ ଗ୍ରହାଚାର୍ଯ୍ୟ ଗୃହ ନିର୍ମାଣ ପ୍ଲାନ୍ ଅନୁମୋଦନ ପାଇଁ ୧୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗର କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଛନ୍ତି। ଗଡ଼ଟୋରିହେଁ ଗ୍ରାମର ରଘୁନାଥ ଦାଶ ନିମାପଡ଼ା କଲେଜ ପାଖର ଏକ ପୌରାଞ୍ଚଳ ଜାଗାରେ ଗୃହ ନିର୍ମାଣ ପ୍ଲାନ ଅନୁମୋଦନ ଓ ଅନୁମତି ପାଇଁ ଅମିନ ତଥା ପରିମଳ ଅଧିକାରୀ ୩୪ହଜାର ଟଙ୍କା ଦେଲେ ଘର ନିର୍ମାଣ ପାଇଁ ସମସ୍ତ ଅଫିସ କାର୍ଯ୍ୟ କରିଦେବେ ବୋଲି କଥାଦେଇଥିଲେ। ଏଥି ପାଇଁ ସେ ପର୍ଯ୍ୟାୟ କ୍ରମେ ୩ ହଜାର, ୧୦ହଜାର ଓ ଆଜି ୧୭ ହଜାର ଟଙ୍କା ନେଇଥିଲେ। ଏକଥାକୁ ନେଇ ପୂର୍ବରୁ ପ୍ରସ୍ତୁତ ଥିବା ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲେ। ଡିଏସ୍‌ପି ସୁଶାନ୍ତ କୁମାର ମିଶ୍ରଙ୍କ ନେତୃତ୍ୱରେ ଅଶୋକ କୁମାର ବିରୁଆ ଓ ଇନ୍ସପେକ୍ଟର ବୈଭବିମଧୁ ସ୍ୱାଇଁ ଓ ଜଗନ୍ନାଥ ସାହୁଙ୍କୁ ନେଇ ୮ଜଣିଆ ଟିମ୍ ସନ୍ଧ୍ୟା ସମୟରେ ହୋଇଥିବା ଚଢ଼ଉ ସମୟରେ ୧୭ହଜାର ଟଙ୍କା ଜବତ କରିଥିଲେ। ସେମାନେ ଅଭିଯୁକ୍ତ ଅମିନଙ୍କୁ ଏନ୍ଏସି କାର୍ଯ୍ୟାଳୟରେ ପଚରାଉଚୁରା କରିଥିଲେ। ତାଙ୍କ ଗାଡ଼ିଗୁଡ଼ିକ ଓ ଅନ୍ୟାନ୍ୟ କାଗଜ ପତ୍ର ତନଖି କରି ଗ୍ରହାଚାର୍ଯ୍ୟଙ୍କ ବାସଗୃହ ତଲାସ ଜାରି ରଖିଛନ୍ତି। ଏହି ସମ୍ପର୍କରେ, ଭୁବନେଶ୍ୱର ଭିଜିଲାନ୍ସ ପି.ଏସ୍. ମାମଲା ରୁଜୁ କରିଛି। ତଦନ୍ତ ଜାରି ରହିଛି। ଡିଏ ଦୃଷ୍ଟିକୋଣରୁ ଶ୍ରୀ ଗ୍ରହାଚାର୍ଯ୍ୟଙ୍କ ସହିତ ଜଡିତ ଦୁଇଟି ସ୍ଥାନରେ ଏକକାଳୀନ ତଲାସ କରାଯାଉଛି।

# କାହିଁକି ଆକ୍ସନ୍ ନେଇପାରୁନି ବିଜେଡି ? ନେତାଙ୍କ ଖୋଲା ବିଦ୍ରୋହ ପରେ ବି ନିରବତା: ଅସହାୟତା ଜଳଜଳ



ଭୁବନେଶ୍ୱର, ୨୯/୧୧ (ନି.ପ୍ର): କୁଆଡ଼େ ଗଲା ସେ ଦମ୍ଭପଣ ? କାହିଁକି ଏଭଳି ଅସହାୟତା ? ଦଳରେ ଅରାଜକତା ଓ ବିଶୃଙ୍ଖଳା ଜଳଜଳ ହୋଇ ଦିଶୁଥିଲେ ମଧ୍ୟ ନେତାମାନଙ୍କ ଉପରେ ଲଗାମ ଦେବାରେ ବିଜେଡି ନେତୃତ୍ୱ କାହିଁକି ବ୍ୟାକଫୁଟରେ ଅଛନ୍ତି । ମାତ୍ର ୨-୩ମାସ ପୂର୍ବରୁ ବିଜେଡି ନେତୃତ୍ୱ ଯେଉଁ ଦମ୍ଭ ଓ ନାଲିଆଖି ଦେଖାଇ ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ, ଶ୍ରୀମୟୀ ମିଶ୍ର ଓ ଏନ ଭାସ୍କର ରାଓଙ୍କୁ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଆକ୍ସନ ନେଇଥଲେ, ଏବେ ଦଳରେ ଏକାଧିକ ନେତା ଖୁଲମଖୁଲା ସ୍ୱର ଉଠାଇ ବିଦ୍ରୋହର ବହ୍ନି ଜଳାଉଥିଲେ ମଧ୍ୟ ସେମାନଙ୍କୁ ଛୁଇଁବାକୁ ମଧ୍ୟ ସାହାସ କରିପାରୁନାହିଁ । ନୂଆପଡ଼ା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ବିଜେଡି ନେତୃତ୍ୱ କ'ଣ ସତରେ ଅସହାୟ ହୋଇପଡ଼ିଛନ୍ତି ? ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବୟସାଧିକ୍ୟ ଶାରୀରିକ ନିଷ୍କ୍ରିୟତା ଯୋଗୁ ସଂଗଠନର ନେତୃତ୍ୱ ନେବାପାଇଁ ଦଳ କ'ଣ ସତରେ 'ନମ୍ବର-ଟୁ' ନେତା ନିମନ୍ତେ ଏବେ ସଂଘର୍ଷ କରୁଛି ? ବିଜେଡିର ରାଜନୀତିକ ଅଳିନ୍ଦରେ ଏଭଳି ନାନାଦି ପ୍ରଶ୍ନ ଓ ଚର୍ଚ୍ଚା ଜୋର ଧରିଛି। ବିଜେଡି ସାଂସଦ ଦେବାଶୀଷ ସାମନ୍ତରାୟ ସିଧାସଳଖ ବିଜେଡିର ସାଂଗଠନିକ ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇବା ସହ ୬ମାସ ତଳେ ଦଳ ଦ୍ୱାରା ନିଯୁକ୍ତ 'ବରିଷ୍ଠ ନାଗରିକ ସେଲ' ଉପସଭାପତି ପଦବୀକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ନବୀନଙ୍କ ଦସ୍ତଖତରେ ମିଳିଥିବା ଏହି ପଦବୀକୁ ପ୍ରତ୍ୟାଖ୍ୟାନ କରି ଦେବାଶୀଷ ସିଧାସଳଖ ନବୀନଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରିଛନ୍ତି । ଦଳୀୟ ଫୋରମ୍ ଛାଡ଼ି ଗଣମାଧ୍ୟମରେ ଦଳ ଓ ନେତାଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ତଥାପି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ସମାନ୍ୟତମ ନୋଟିସ୍ ଜାରି କରିବା ଅବା ତାଙ୍କୁ ଆକଟ କରିବାକୁ ବିଜେଡି ନେତୃତ୍ୱ ସାହାସ ଜୁଟାଇ ପାରୁନାହାନ୍ତି । ନବୀନ ଓ ବିଜେଡିର ଅସହାୟତା କେବଳ ଦେବାଶୀଷଙ୍କ ପାଖରେ ସୀମିତ ହୋଇ ରହିନାହିଁ । ଦଳର ସାଂଗଠନିକ ପରିଚାଳନାକୁ ନେଇ ପ୍ରଶ୍ନ ଉଠାଉଥିବା ସମ୍ବଲପୁରର ପୂର୍ବତନ ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ, କଂଟାବାଞ୍ଜିର ବିଧାୟକ ପ୍ରାର୍ଥୀ ଅଜୟ ଦାସ, ନେତ୍ରୀ ଏଲିନା ଦାଶ ଓ ଅଜିତ୍ ବେହେରା ନିୟମିତ ବ୍ୟବଧାନରେ ଦଳୀୟ ନେତାଙ୍କୁ ଗଣମାଧ୍ୟମରେ କଟାକ୍ଷ କରିବାକୁ ପଛାଉନଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳୀୟ ନେତୃତ୍ୱ ସକ୍ଷମ ହୋଇପାରିନାହାନ୍ତି ।

# ଅତିରିକ୍ତ ବଜେଟ୍ ପରେ ବିଜେପିକୁ ନବୀନଙ୍କ ଟାର୍ଗେଟ୍



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଓଡ଼ିଶା ବିଧାନସଭାରେ ଅତିରିକ୍ତ ବଜେଟ୍ ଆଗତ ପରେ ରାଜ୍ୟ ରାଜନୀତି ଜୋର ଧରିଛି । ଅତିରିକ୍ତ ବଜେଟ୍ ଜରିଆରେ ନିଜ ଅପାରଗତା ଲୁଚାଇବାକୁ ଚେଷ୍ଟା କରୁଛି ବିଜେପି ବୋଲି କହି ସୋସିଆଲ ମିଡିଆରେ ବର୍ଷିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଲେଖିଛନ୍ତି ଯେ ବିଜେପି ସରକାର ବିଧାନସଭାରେ ଆଗତ କରିଥିବା ଅତିରିକ୍ତ ବଜେଟ୍ ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ କରୁଛି । ନୂତନ ବିଜେପି ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ଼ ଭିତ୍ତିଭୂମି ଯୋଜନା କିମ୍ୱା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳିନାହିଁ । ବରଂ ଏହା ଆମକୁ ରାଜକୋଷୀୟ ନିଅଣ୍ଟ ଆଡ଼କୁ ଆଗକୁ ବଢ଼ାଉଛି । ପ୍ରାଶାସନିକ ବ୍ୟୟ ସଙ୍କୁଚିତ ହେଉଛି । ଓଡ଼ିଶାର ସୁଧ ବୋଝ ବଢୁଛି । ବଜେଟରେ ପୂର୍ତ୍ତ ବିଭାଗର (୯୦୦ କୋଟି) ଏବଂ କିଛି ସହରାଞ୍ଚଳ ଭିତ୍ତଭୂମିକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ । ମନେ ହେଉଛି, ହ୍ରାସ ପାଉଥିବା କେନ୍ଦ୍ର ଅନୁଦାନ ଓ ନିଜସ୍ୱ ଅପାରଗତା ଲୁଚାଇବା ପାଇଁ ହୋଇଛି ଅତିରିକ୍ତ ବଜେଟ୍ । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହଁ, ଏହା ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ପ୍ରୟାସ କରୁଛି ବିଜେପି ସରକାର ବୋଲି କହି ସମାଲୋଚନା କରିଛନ୍ତି ନବୀନ । ତେବେ ଗତକାଲି ବିଧାନସଭାରେ ୨୦୨୫-୨୬ର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

## ଏବର୍ଷ ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ୯୭୫୩ କୋଟି ଟଙ୍କା

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଚଳିତ ଆର୍ଥିକ ବର୍ଷରେ ଅବାକରୀ ରାଜସ୍ୱ ବାବଦରେ ସରକାର ୯୭୫୩ କୋଟି ୬୨ଲକ୍ଷ ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୨୦-୨୧ ବର୍ଷରେ ରାଜ୍ୟରେ ଅବକାରୀ ରାଜସ୍ୱ ବାବଦରେ ୫୪୦୦ କୋଟି ୨୧ଲକ୍ଷ ଟଙ୍କା ଆଦାୟ ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହି ପରିମାଣ ୧୧,୪୨୯ କୋଟି ୭୪ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ।

# ଆମ ମଧ୍ୟରେ କୌଣସି ମତଭେଦ ନାହିଁ: ଡିକେଙ୍କ ସହ ବ୍ରେକ୍‌ଫାଷ୍ଟ ପରେ ତୁଟିଲା କଳି



ନୂଆଦିଲ୍ଲୀ,୨୯/୧୧ : କର୍ଣ୍ଣାଟକାରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ବିବାଦ ଶନିବାର ନେଇଛି ନାଟକୀୟ ମୋଡ଼। ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଓ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏକାଠି ସକାଳ ଜଳଖିଆ କରିବା ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ଯେ ସେମାନଙ୍କ ମଧ୍ୟରେ କୌଣସି ମନାନ୍ତର ନାହିଁ କି ଭବିଷ୍ୟତରେ ବି ହେବାର ନାହିଁ। ଅନ୍ୟପକ୍ଷରେ କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କ ହସ୍ତକ୍ଷେପ ପରେ ଉଭୟ ନେତାଙ୍କ ମଧ୍ୟରେ ବଡ଼ ଡିଲ୍ ହୋଇଥିବା ସୂଚନା ମିଳିଛି। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା କହିଥିଲେ, ଆମର ଲକ୍ଷ୍ୟ ହେଉଛି ୨୦୨୮ ବିଧାନସଭା ନିର୍ବାଚନ। ସେହିଭଳି ମ୍ୟୁନିସିପାଲିଟି ଓ ପଞ୍ଚାୟତ ନିର୍ବାଚନ ଆମ ପାଇଁ ଗୁରୁତ୍ୱ ବହନ କରେ। ଆମେ ସେହି ବିଷୟରେ ଆଲୋଚନା କଲୁ। ୨୦୨୮ ନିର୍ବାଚନରେ ପୁଣି କଂଗ୍ରେସକୁ କର୍ଣ୍ଣାଟକାରେ କ୍ଷମତାସୀନ କରିବା ନେଇ ଆମେ ଆଲୋଚନା କଲୁ। ଆମେ ଏକାଠି କାର୍ଯ୍ୟ କରିବୁ ବୋଲି ଆଲୋଚନା କଲୁ। ଆମ ମଧ୍ୟରେ କୌଣସି ମନାନ୍ତର ନାହିଁ ଓ ଭବିଷ୍ୟତରେ ବି ହେବାର ନାହିଁ। ସେହିଭଳି ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ବିବାଦକୁ ନେଇ ସେ କହିଥିଲେ, ଆମେ ନିଷ୍ପତ୍ତି ନେଇଛୁ ଯେ ହାଇକମାଣ୍ଡ ଯାହା କହିବେ, ଆମେ ତାକୁ ମାନିବୁ। ଆସନ୍ତାକାଲିଠାରୁ ଆଉ କିଛି ଦ୍ୱନ୍ଦ୍ୱ ରହିବ ନାହିଁ। ଏବେ ସୁଦ୍ଧା କୌଣସି ଦ୍ୱନ୍ଦ୍ୱ ନାହିଁ। ଗଣମାଧ୍ୟମରେ ପ୍ରକାଶିତ କିଛି ଖବର ହିଁ ଦ୍ୱନ୍ଦ୍ୱ ଉପନ୍ନ କରିଛି। ବିଜେପି ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରୁଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା କହିଥିଲେ ଯେ ମିଛ କହିବା ବିଜେପି ଓ ଜେଡିଏସ୍‌ର ଅଭ୍ୟାସ। ସେମାନେ ଅନାସ୍ଥା ପ୍ରସ୍ତାବ ଆଣିବେ ବୋଲି କହୁଛନ୍ତି। ସେମାନଙ୍କର କେବଳ ୬୦ ଓ ୧୮ ଜଣ ସଦସ୍ୟ ଅଛନ୍ତି। ଆମର ୧୪୦ ସଦସ୍ୟ ଅଛନ୍ତି। ତେଣୁ ସେମାନଙ୍କ ଅନାସ୍ଥା ପ୍ରସ୍ତାବ ଏକ ବ୍ୟର୍ଥ ପ୍ରୟାସ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

# ଜଗନ୍ନାଥ ଡିଗ୍ରୀ କଲେଜ ସାହାଜବାହାଲରେ ସଡକ ସୁରକ୍ଷା ଓ ସାଇବର ସୁରକ୍ଷା

ବଲାଙ୍ଗିର,୨୯/୧୧ (ନି.ପ୍ର): ଜଗନ୍ନାଥ ଡିଗ୍ରୀ କଲେଜ ସାହାଜବାହାଲ ରେ କଲେଜ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଯୁବ ରେଡକ୍ରସ ତରଫରୁ ସଡକ ସୁରକ୍ଷା ଓ ସାଇବର ସୁରକ୍ଷା ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୟୁଥ ରେଡକ୍ରସ କାଉନିଲର ଶାନ୍ତନୁ କୁମାର ପାତ୍ର ସାଂପ୍ରତିକ ସମୟରେ ସାଇବର ଅପରାଧ, ହ୍ୟାକିଂ, ଡାଟାଚୋରୀ ଦେଉଛି ଏବଂ ଆମ ସଚେତନ ରହିଲେ ତାହା ସୁରକ୍ଷିତ ରହି ପାରିବ ବୋଲି ମତ ପ୍ରକାଶ କରିଥିଲେ । ବଲାଙ୍ଗିର ଆରଟିଓ ଶ୍ରୀ ମହାନ୍ତି ସଡକ ସୁରକ୍ଷାର ନୀତି, ନିୟମକୁ ଅନୁସରଣ କରିବା ଏବଂ ଦୈନନ୍ଦିନ ଘଟୁଥିବା ଦୁର୍ଘଟଣାକୁ ଶୂନ କରିବା ପାଇଁ ସଡକ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳନ କରାଯାଉଛି ବୋଲି ଛାତ୍ର ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ୧୮ ବର୍ଷରେ ଉପନୀତ ଛାତ୍ରଛାତ୍ରୀମାନଙ୍କୁ ଡ୍ରାଇଭିଂ ଲାଇସେନ୍ସ ଆବେଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ଜୁନିୟର ଏମ୍‌ଭିଆଇ ଶ୍ରୀ ପାଢୀ ପାଓ୍ୱାର ପଏଣ୍ଟ ମାଧ୍ୟମରେ ସଡକରେ ଗାଡି ଚାଳନା କରିବା ସମୟରେ ନୀତି,ନିୟମ, ବିଭିନ୍ନ ସଂକେତକୁ କିପରି ପାଳନ କରିବେ ଏବ ଡ୍ରାଇଭିଂ ଲାଇସେନ୍ସ ବିଷୟରେ ବୁଝାଇଥିଲେ । ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପକ କବିରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣ ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ ।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଇପିଏଫ ସଂପର୍କୀୟ ସମସ୍ୟାର ନିରାକରଣ କରୁଛି ହେଲ୍ପ ଡେସ୍କ

ନୂଆଦିଲ୍ଲୀ,୨୯/୧୧ (ନି.ପ୍ର): ଭାରତୀୟ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ) ରେ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ପ୍ରଥମ ଥର ପ୍ୟାଭିଲିଅନ୍ ସ୍ଥାପନ କରି କର୍ମଚାରୀ ଓ ନିଯୁକ୍ତାଙ୍କୁ ଭବିଷ୍ୟନିଧି ସମ୍ବନ୍ଧୀୟ ବିଭାଗୀୟ ସୂଚନା ଓ ବିଭିନ୍ନ ସମସ୍ୟାର ସମାଧାନ ପ୍ରଦାନ କରୁଛି । ଏହି ପ୍ୟାଭିଲିଅନ୍‌ରେ ହେଲ୍ପ ଡେସ୍କ ମାଧ୍ୟମରେ ଅନେକ ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି । ଏଥିରେ ପେନସନ୍ ସ୍କିମ୍, ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ସମ୍ବନ୍ଧୀୟ ସୂଚନା ସହିତ ଅନଲାଇନ୍ କ୍ଲେମ୍, କେଓ୍ୱାଇସି ଅପଡେଟ୍, ମୁହଁ ଚିହ୍ନଟ ଦ୍ୱାରା ୟୁଏଏନ ସୃଷ୍ଟି, ଏବଂ ପେନସନଭୋଗୀଙ୍କ ପାଇଁ ଡିଜିଟାଲ୍ ଲାଇଫ୍ ସର୍ଟିଫିକେଟ୍ ଜମା କରିବାର ସୁବିଧା ମଧ୍ୟ ରହିଛି । ୧୪ ରୁ ୨୭ ନଭେମ୍ବର ପର୍ଯ୍ୟନ୍ତ ଭାରତ ମଣ୍ଡପମ୍‌ରେ ଚାଲୁଥିବା ଆନ୍ତର୍ଜାତୀୟ ବ୍ୟବସାୟ ମେଳାର ହଲ୍ ନମ୍ବର ୪ ରେ ଇପିଏଫଓ ପ୍ୟୋଲିଅନ୍ ରଖିବାର ଉଦ୍ଦେଶ୍ୟ ଓ ସେଠାର ସୁବିଧା ବିଷୟରେ ହିନ୍ଦୁସ୍ଥାନ ସମାଚାର କର୍ମଚାରୀ ଭବିଷ୍ୟନିଧି ସଂଗଠନର କ୍ଷେତ୍ରୀୟ କମିଶନର ଆଲୋକ ଯାଦବଙ୍କ ସହିତ କଥା ହୋଇଥିଲେ । ଆଲୋକ ଯାଦବ କହିଛନ୍ତି ଯେ ଅନ୍ତର୍ଜାତୀୟ ବ୍ୟବସାୟ ମେଳାରେ ଇପିଏଫଓ ପ୍ରଥମ ଥର ପ୍ୟାଭିଲିଅନ୍ ଲଗାଇଛି, ଯେଉଁଠାରେ କର୍ମଚାରୀ ଓ ନିଯୁକ୍ତାଙ୍କୁ ସମ୍ବନ୍ଧିତ ସୂଚନା ପ୍ରଦାନ କରାଯାଉଛି । ଏଥିପାଇଁ ଅଲଗା ଅଲଗା ହେଲ୍ପ ଡେସ୍କ ସୃଷ୍ଟି କରାଯାଇଛି, ଯେଉଁଠାରେ ଇପିଏଫ ସ୍କିମ୍, ପେନସନ୍ ସ୍କିମ୍ ଏବଂ ପ୍ରଧାନମନ୍ତ୍ରୀ ବିକସିତ ଭାରତ ରୋଜଗାର ଯୋଜନା ବିଷୟରେ ସୂଚନା ମିଳିବ ।

କ୍ଷେତ୍ରୀୟ କମିଶନର ଯାଦବ କହିଛନ୍ତି ଯେ ଆମେ ୧ ନଭେମ୍ବରରୁ 'ଏମ୍ପ୍ଲୋଇ ଏନରୋଲମେଣ୍ଟ ସ୍କିମ୍ ୨୦୨୫' ନାମକ ଏକ ନୂତନ ସ୍କିମ୍ ଆରମ୍ଭ କରିଛୁ । ଯଦିଓ ଏହା ପ୍ରଥମେ ୨୦୧୭ ରେ ଆରମ୍ଭ ହୋଇଥିଲା, କିନ୍ତୁ ଏବେ ତାହାକୁ ପୁନଃ ଆରମ୍ଭ କରାଯାଇଛି । ଏହି ଯୋଜନା ଅନୁସାରେ ୨୦୧୭ ପରେ ଯୋଗ ଦେଇଥିବା କର୍ମଚାରୀ, ବା ଯାହା ଛାଡ଼ିଯାଇଥିଲେ, ସେମାନଙ୍କୁ ପୁନଃ ସଦସ୍ୟ ଭାବରେ କରାଯାଇପାରିବ ଏବଂ କର୍ମଚାରୀ ଓ ନିଯୁକ୍ତା ଦୁଇଜଣ ନିଜ ନିଜ ବିଷୟ ସମ୍ବନ୍ଧୀୟ ସୂଚନା ଏଠାରେ ପାଇପାରିବେ ।

ପେନସନ୍ ସମ୍ବନ୍ଧୀୟ ସମସ୍ୟାମାନଙ୍କ ସମାଧାନ ବିଷୟରେ ପଚରାଯାଇଥିବା ପ୍ରଶ୍ନରେ ଯାଦବ କହିଛନ୍ତି ଯେ ପେନସନଧାରୀମାନେ ନିଜ ପେନସନ୍ ଯୋଜନା ସମ୍ବନ୍ଧୀୟ ସୂଚନା ମଧ୍ୟ ଏହି ଡେସ୍କ ମାଧ୍ୟମରେ ପାଇପାରିବେ । ପେନସନଧାରୀମାନଙ୍କ ସୁବିଧା ପାଇଁ ଏଠାରେ ଡିଜିଟାଲ୍ ଲାଇଫ୍ ସର୍ଟିଫିକେଟ୍ ଜମା କରିବାର ସୁବିଧା ମଧ୍ୟ ରହିଛି । କର୍ମଚାରୀମାନେ ପେନସନଧାରୀମାନଙ୍କୁ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ କିପରି ଜମା କରିବେ ସେଥିପାଇଁ ପ୍ରକ୍ରିୟା ମଧ୍ୟ ଶିଖାଇଦେବେ, ଯାହାଦ୍ୱାରା ପରବର୍ତ୍ତୀ ବର୍ଷ ସେମାନଙ୍କୁ କଷ୍ଟ ହେବନାହିଁ ଏବଂ କେଉଁଠି ଯିବାର ଆବଶ୍ୟକତା ମଧ୍ୟ ପଡିବନି । ଏହା ଅତ୍ୟନ୍ତ ସରଳ ପ୍ରକ୍ରିୟା ଏବଂ ଏହା ଶିଖିବା ପରେ ଆପଣ ଅନ୍ୟ ସହକର୍ମୀଙ୍କୁ ମଧ୍ୟ ସହାୟତା କରିପାରିବେ ।

# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଳିତ ହେଲା ସମ୍ବିଧାନ ଦିବସ

ଜୟପୁର,୨୯/୧୧ (ନି.ପ୍ର): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ସୁନାବେଡା କ୍ୟାମ୍ପସ୍‌ରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ୧୯୪୯ ମସିହାର ୨୬ ନଭେମ୍ବର ଦିନ ଭାରତୀୟ ସମ୍ବିଧାନ ଗ୍ରହଣ ଦିବସ ଭାବେ ସ୍ମରଣ ସହିତ ଭାରତର ସମ୍ବିଧାନ ସ୍ୱର୍ଣ୍ଣକାର, ଭାରତ ରତ୍ନ ଡ଼. ବି. ଆର୍. ଆମ୍ବେଡକରଙ୍କୁ ସ୍ମରଣ କରାଯାଇଥିଲା ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭରପ୍ରାପ୍ତ କୁଳ ସଚିବ ଡ଼. ରାକେଶ କୁମାର ଲେଂକା କାର୍ଯ୍ୟକ୍ରମର ଉଦ୍‌ଘାଟନ ଏବଂ ଅଧ୍ୟକ୍ଷତା କରିଥିଲେ । ମଞ୍ଚରେ ଅର୍ଥନୀତି ବିଭାଗର ପ୍ରଫେସର ଏବଂ ବିଭାଗ ମୁଖ୍ୟ ପ୍ରଫେସର ରଥିକାନ୍ତ କୁମ୍ଭାର, ଏନଏସଏସ୍ ସମନ୍ୱୟକର୍ତା ଡ଼. ଅଞ୍ଜନେୟୁଲୁ ଥୋଟାପଲ୍ଲି ଏବଂ ଆସ୍ପିରେସନାଲ୍ ଭାରତ କଲାବରେଟିଭ୍, କୋରାପୁଟର ପ୍ରୋଗ୍ରାମ୍ ମ୍ୟାନେଜର ଶ୍ରୀ ଅଲିକାନା ଓ୍ୱେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ନିଜ ବାର୍ତ୍ତା ପ୍ରେରଣ କରି କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । ଡ଼. ଆମ୍ବେଡକରଙ୍କ ପ୍ରତିମାକୁ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ତାଙ୍କର ଦେଶପ୍ରତି ଅମ୍ଳାନ ଓ ମହାନ ଅବଦାନକୁ ସ୍ମରଣ କରି ସମ୍ମାନିତ କରଯାଇଥିଲା ।

ଡ଼. ଲେଂକା ସମ୍ବିଧାନର ମୁଖବନ୍ଧ ପାଠ କରାଇ ପ୍ରତ୍ୟେକଙ୍କୁ ସମ୍ବିଧାନୀୟ ମୂଲ୍ୟବୋଧ ପ୍ରତି ପୁନଃସମର୍ପିତ କରିଲେ । ବକ୍ତବ୍ୟ ଦେଇ ସେ ଡ଼. ଆମ୍ବେଡକରଙ୍କ ଦୂରଦୃଷ୍ଟି ନେତୃତ୍ୱରେ ବୃହତ୍ତମ ଲୋକତାନ୍ତ୍ରିକ ସମ୍ବିଧାନ ରଚନା ପ୍ରକ୍ରିୟାକୁ ସ୍ମରଣ କରିଥିଲେ । ସେ ସମ୍ବିଧାନକୁ ସମାନତା, ନ୍ୟାୟ ଏବଂ ସତ୍ୟର ଶକ୍ତିଶାଳୀ ଦିଗଦର୍ଶିକା ବୋଲି ବର୍ଣ୍ଣନା କରି, ନାଗରିକମାନଙ୍କୁ ସମ୍ବିଧାନ ପଢିବା ଏବଂ ଡ଼. ଆମ୍ବେଡକର ଭଳି ମହାନ ନେତାମାନଙ୍କ ପଥ ଅନୁସରଣ କରି ରାଷ୍ଟ୍ର ଗଠନ କରିବାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ ।

# ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଘାଟିତ

ନୂଆପଡ଼ା,୨୯/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ରୀଡା ବାର୍ଷିକ ଉତ୍ସବ ଆଜି ଉଦ୍ଘାଟିତ ହୋଇଯାଇଛି । ଅଧ୍ୟାପକ ଡଃ. ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ଅଭିଷେକ ରଥ ଏବଂ ଛାତ୍ରମାନେ ମାଆ ସମଲେଶ୍ୱରୀଙ୍କ ଆଶିଷ ଜ୍ୟୋତି ଆଣି କ୍ରୀଡ଼ା ପଡ଼ିଆରେ ସ୍ଥାପନ କରିଥିଲେ । ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବରେ ଉପ -ସଭାପତି ରଣବୀର ସିଂହ, ସହଯୋଗୀ ଉପସଭାପତି ସନ୍ତୋଷୀ ଶର୍ମା, ଅଧ୍ୟାପକ ମୌସମ ପ୍ରଧାନ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଶାରୀରିକ ଶିକ୍ଷା ବିଭାଗ ଅଧ୍ୟାପକ ଡ଼ ସରୋଜ ପଣ୍ଡା, ଅଧ୍ୟାପିକା ରୀତା ଦାସ, ପରୀକ୍ଷା ନିୟନ୍ତ୍ରକ ସୁନୀଲ ପାଢୀ, ଗୀତାଶ୍ରୀ ପ୍ରିୟମ୍ବଦା, ରାଜଲକ୍ଷ୍ମୀ ରଥ, ବିଷ୍ଣୁଦେବ ସିଂ ମଲ୍ଲିକ, ଶିଲା ତ୍ରିବେଦୀ, ପ୍ରଣତି ପଣ୍ଡା, ବିୟୁଟି ଅଗ୍ରଓ୍ୱାଲ, ଗୁଣବନ୍ତ ସାହୁ, ମେଘନାଦ ସୁନା, ରାଜକୁମାର ରତେଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା ।

# ସାଂସଦ ଖେଳ ମହୋତ୍ସବର କ୍ରିକେଟ ଖେଳ ଉଦ୍‌ଘାଟିତ

ପୁରୀ,୨୯/୧୧ (ନି.ପ୍ର): ଆଜି ପୂର୍ବାହ୍ନରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ପୁରୀ ସଂସଦୀୟ କ୍ଷେତ୍ର ଅଧିନରେ ଥିବା ପୁରୀ ଜିଲ୍ଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପିପିଲି, ସତ୍ୟବାଦୀ, ପୁରୀ ସଦର ଓ ବ୍ରହ୍ମଗିରିର କ୍ରିକେଟ ଖେଳ ମହୋତ୍ସବ ଉଦଘାଟିତ ହୋଇଥିଲା । ଏହି କ୍ରିଡା ସେପ୍ଟେମ୍ବର ୨୧ରୁ ଆରମ୍ଭ ହୋଇଛି ଓ ଡିସେମ୍ବର ୨୫ ରେ ଉଦଯାପିତ ହେବ । ସାଂସଦ ଖେଳ ମହୋତ୍ସବର ୧୦ ଗୋଟି ଖେଳ ମଧ୍ୟରୁ କ୍ରିକେଟ ଅନ୍ୟତମ ଖେଳ ଭାବେ ପ୍ରତିଯୋଗିତାରେ ଅବତାର୍ଣ୍ଣ ହୋଇଛି । ଏହାକୁ ଉଦଘାଟନ କରି ସାଂସଦ ଡା. ସମ୍ବିତ ପାତ୍ର କେନ୍ଦ୍ର ସରକାରଙ୍କର ଏହା ଏକ ଉତମ ପଦକ୍ଷେପ । ଯାହା କେବଳ ଯୁବବର୍ଗଙ୍କ କ୍ରୀଡ଼ା ପ୍ରତିଭାକୁ ଆଗକୁ ଆଣୁନାହିଁ ବରଂ ସେମାନଙ୍କୁ ଶାରୀରିକ ସୁସ୍ଥ ଓ ଶୃଙ୍ଖଳାର ଶିକ୍ଷା ଦେଉଛି ବୋଲି କହିଥିଲେ । ପ୍ରତ୍ୟେକଙ୍କ ମଧ୍ୟରେ ପ୍ରତିଭା ରହିଛି । ଏହାର ସଠିକ ଉପଯୋଗ କରିପାରିଲେ ସେମାନେ ସମାଜ ପାଇଁ ସମ୍ବଳ ପାଲଟି ପାରିବେ । ୨୦୩୦ ରାଜ୍ୟ ଗୋଷ୍ଠୀ କ୍ରିଡା ଭାରତରେ ହେବାକୁ ସ୍ଥିର ହୋଇଛି ।

# ନୂଆ ରୂପ ନେବ ଦେବ୍ରିଗଡ଼ ଅଭୟାରଣ୍ୟ

## ୭୧ କୋଟି ଟଙ୍କା ବ୍ୟୟରେ ହେବ ଆନ୍ତର୍ଜାତୀୟ ଇକୋଟୁରିଜିମ୍ ଡେଷ୍ଟିନେସନ୍: ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୨୯/୧୧ (ନି.ପ୍ର): ଏଥିପାଇଁ ପ୍ରସ୍ତୁତ ଡିପିଆରକୁ ମଞ୍ଜୁରୀ ଦେଲେ ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ପରିଚୟ ଦେବା ସହିତ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ । ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏକ ଆନ୍ତର୍ଜାତୀୟ ଇକୋଟୁରିଜିମ୍ ଡେଷ୍ଟିନେସନ୍ ଭାବରେ ବିକଶିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରାୟ ୭୧.୧୯ କୋଟି ଟଙ୍କା ମୂଲ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍)କୁ ମଞ୍ଜୁରୀ ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଏହି ନିଷ୍ପତି ଦେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ପରିଚୟ ଦେବା ସହିତ ବନ୍ୟଜନ୍ତୁଙ୍କ ସଂରକ୍ଷଣରେ ସହାୟକ ହେବ । ଏହି ଇକୋଟୁରିଜିମ୍ ପ୍ରକଳ୍ପ ସ୍ଥାନୀୟ ନିଯୁକ୍ତି ଏବଂ ପର୍ଯ୍ୟଟନକୁ ବଡ଼ ଗତି ଦେବ । ଅପରପକ୍ଷରେ ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସିଙ୍କ ସୂଚାନୁସାରେ, ଅଭୟାରଣ୍ୟର ପ୍ରାୟ ୧୦୦ କିଲୋମିଟର ପରିସୀମା ଚାରିପାଖରେ ବାଡ଼ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବରେ ଅତିରିକ୍ତ ପ୍ରାୟ ୧୪.୧୮ କୋଟି ଟଙ୍କା ପାଣ୍ଠି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ରାଶିକୁ କାମ୍ପା କିମ୍ବା ଅନ୍ୟାନ୍ୟ ରାଜ୍ୟ ସରକାରୀ ପାଣ୍ଠି ମାଧ୍ୟମରେ ଯୋଗାଇବା ପାଇଁ ପରାମର୍ଶ ଦିଆଯାଇଛି । ଏହି ବାଡ଼ ନିର୍ମାଣ ଦ୍ୱାରା ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସଂଘର୍ଷ ହ୍ରାସ ହୋଇପାରିବ । ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ଡିପିଆର୍ ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପ୍ରକଳ୍ପ ଦେବ୍ରିଗଡ଼ରେ ଇକୋଟୁରିଜିମ୍ ଭିତିଭୂମିର ବିକାଶ କରିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ବଳିଷ୍ଠ କରିବ ।

# ଯମୁନାକୋଟ ବିବେକାନନ୍ଦ ଶିଶୁମନ୍ଦିର ବିଜ୍ଞାନମେଳାରେ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ

ଭୁବନ,୨୯/୧୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ବିବେକାନନ୍ଦ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସିଆରସିସି ରାଜୀବ ଲୋଚନ ସାହୁ ପ୍ରଦୀପ ପ୍ରଜ୍ଵଳନ କରିଥିବା ବେଳେ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାମଲ ନଡ଼ିଆ ଭାଙ୍ଗି ଜଳ ସିଂଚନ କରି ପବିତ୍ର କରିଥିଲେ । ଅନୁଷ୍ଠାନର ସଭାପତି ପୂର୍ବତନ ସରପଂଚ ନଟବର ସାହୁ, ସମ୍ପାଦକ ଅବସରପ୍ରାପ୍ତ ପ୍ରଧାପକ ରମେଶ ଚନ୍ଦ୍ର ପାଣି ମିଳିତ ଭାବେ ଫିତା କାଟି ବିଜ୍ଞାନମେଳାକୁ ଉଦଘାଟନ କରିଥିଲେ । ସମୁଦାୟ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶିଶୁ ବାଟିକାରେ ତେଜସ୍ୱିନୀ ପଟ୍ଟନାୟକ ପ୍ରଥମ, ସ୍ୱସ୍ତିକ ଶୁଭମ ବେହେରା ଦିତୀୟ, ମହେନ୍ଦ୍ର ପ୍ରତାପ ଖିଲାର ତୃତୀୟ ,କନିଷ୍ଠ ବିଭାଗରେ ସାଇ ଶ୍ରୀୟାଂଶ୍ ବାହାଳିଆ ପ୍ରଥମ,ଡି ସାଇରା ବାରିକ୍ ଦିତୀୟ, ବିଶ୍ୱଜିତ୍ ଜେନା ଓ ଦ୍ୱିୟାଂସି ପରିଡା ତୃତୀୟ, ବରିଷ୍ଠ ବିଭାଗରେ ଦ୍ୱିୟାଂଶୁ କୁମାର ବେହେରା ପ୍ରଥମ, ପ୍ରଜ୍ଞା ପରିମିତା ପୋଇ, ସ୍ନେହାଂଶୁ ଶେଖର ପାଣି ଦିତୀୟ, ସାଇ ସ୍ୱରୂପ ରାଉତ, ଅଭିଳାଷ ସାମଲ ତୃତୀୟ ସ୍ଥାନ ହାସଲ କରିଥିଲେ । ପ୍ରଶାନ୍ତ ସାମଲ, ରାଜୀବ ଲୋଚନ ସାହୁ ଓ ଶୁଭଶ୍ରୀ ନାୟକ ବିଜ୍ଞାନ ମେଳାର ବିଚାରପତି ଭୂମିକା ସମ୍ପାଦନ କରିଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବାଣିତିଆ ବି.ଜେ. ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୨୯/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ ବାର୍ଷିକ କ୍ୟାଲେଣ୍ଡର ଅନୁଯାୟୀ ପୋକ୍ସୋ ଆଇନ୍, କିଶୋର କିଶୋରୀ ନ୍ୟାୟ ଆଇନ୍ ତଥା ଯୌନ ଉତ୍ପୀଡ଼ନ ଏବଂ ନିର୍ଯ୍ୟାତନାରୁ ସୁରକ୍ଷା ନିମିତ ବାଣିତିଆ ଅନ୍ତର୍ଗତ ବି.ଜେ. ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରଥମେ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭାତ କୁମାର ଦାସ, ଛାତ୍ର ସଂସଦ ସଭାପତି, ବି.ଜେ.ଉଚ୍ଚ ବିଦ୍ୟାଳୟ ବାଣିତିଆ, ଭଦ୍ରକ ଅତିଥିମାନଙ୍କର ପରିଚୟ ପ୍ରଦାନ କରି ସଭାକାର୍ଯ୍ୟ ସମ୍ବନ୍ଧରେ ସମ୍ୟକ ଆଲୋକପାତ କରିଥିଲେ । ଅତିଥିମାନଙ୍କ ମଧ୍ୟରେ ଡ଼. ଦେବରାଜ ପାଣିଗ୍ରାହୀ, ଅଧ୍ୟକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଭଦ୍ରକ, ଅବିନାସ ମହାନ୍ତି ଜିଲ୍ଲା ଶିଶୁ ସୁରକ୍ଷା ଅଧବକାରୀ, ଭଦ୍ରକ, ସୁବ୍ରତ କୁମାର ଦାସ, ଲିଗାଲ ସୁରକ୍ଷା ଅଧିକାରୀ(ଶିଶୁ ଯତ୍ନ ବିଭାଗ), ଭଦ୍ରକ, ସଂଗ୍ରାମ ପଟ୍ଟନାୟକ, ଇନ୍‌ସ୍ପେକ୍ଟର ଜିଲ୍ଲା ଆରକ୍ଷୀ ବିଭାଗ, ଭଦ୍ରକ, କୃଷ୍ଣ ଚନ୍ଦ୍ର ସେନାପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଗୋପିନାଥ ବେହେରା, ପ୍ରଧାନଶିକ୍ଷକ, ବି.ଜେ. ଉଚ୍ଚ ବିଦ୍ୟାଳୟ, ବାଣିତିଆ, ଭଦ୍ରକ, ବହ୍ନିଶିଖା ବିଶ୍ୱାଳ, ସହାୟକ, ଏଲ୍.ଏ.ଡ଼ି.ଏସ.ଏମ୍., ନ୍ୟାୟ ରକ୍ଷକ, ଭଦ୍ରକ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଗଣ ଏବଂ ଛାତ୍ରଛାତ୍ରୀମାନ ଯୋଗ ଦେଇ ଏହି ସଚେତନତା କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ ।

ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କିଛି ଛାତ୍ରଛାତ୍ରୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ନିଜର ବକ୍ତବ୍ୟ ପ୍ରଦାନ କରି ଅତିଥିମାନଙ୍କ ହସ୍ତରୁ ପୁରସ୍କାର ସ୍ୱରୂପ ପୁସ୍ତକ ଓ କଲମ ଗ୍ରହଣ କରିଥିଲେ ଏବଂ ଉପସ୍ଥିତ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଉତ୍ସାହିତ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କର ଏହି କମ୍ ବୟସରେ ସେମାନଙ୍କ ମାନସିକତାସ୍ତରରେ ପରିପକ୍ୱତା ଆସିନଥାଏ । ତେଣୁ ସେମାନଙ୍କୁ ସମାଜର ଏକ ମୁଖ୍ୟ ଭୂମିକା ଏବଂ ଦାୟିତ୍ୱ ସଂପାଦନ କରିବାକୁ ହେଲେ ପ୍ରଥମେ ନିଜକୁ ଏକ ଉତମ ମଣିଷ ଗଢ଼ି ତୋଳିବା ସଂଗେ ସଂଗେ ପାରିପାର୍ଶ୍ୱିକ ସ୍ତରରେ ସାମାଜିକ କ୍ଷେତ୍ରରେ ନିଜକୁ ନିଜର ହକ୍ ପାଇଁ ଲଢ଼େଇ କରନ୍ତୁ ଓ ନିଜ ଜାଣତରେ ଯଦି କିଛି ଅନ୍ୟାୟ କିମ୍ବା ଅପରାଧ ଘଟୁଛି ତେବେ ସ୍ୱର ଉତ୍ତୋଳନ କରି ପ୍ରତିବାଦ କରନ୍ତୁ । ସାନପିଲାମାନେ ମୋବାଇଲର ସଦୁପ ଯୋଗ କେବଳ କରିବା ଉଚିତ ଏବଂ ନିଜର ସୁରକ୍ଷା ତଥା ପରିବାରର ସୁରକ୍ଷା ନିମି ପିଲାମାନେ ଶିକ୍ଷିତ ହୋଇ ସବୁକ୍ଷେତ୍ରରେ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ କାର୍ଯ୍ୟକରିବାକୁ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ । ୧୦୯୮ - ଚାଇଲ୍ଡ ହେଲ୍ପ ଲାଇନ୍ ନମ୍ବର ତଥା ଆଇନ୍ ସେବା ନିମିତ ନାଲସା ଦେୟ ମୁକ୍ତ ନମ୍ବର ୧୫୧୦୦କୁ ମାଗଣାରେ ଯୋଗାଯୋଗ ନିମିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପିନାଥ ବେହେରା ଆଜିର ସଚେତନତା କାର୍ଯ୍ୟକ୍ରମର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସଂଗେ ସଂଗେ ଛାତ୍ରଛାତ୍ରୀମାନଙ୍କୁ ମନ ଲଗାଇ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ ।

# ନିଶିକାନ୍ତ କୁମ୍ଭାରଙ୍କ ମୃତ୍ୟୁ ପାଇଁ ମ୍ୟୁନିସିପାଲିଟି ଦାୟୀ, ହତ୍ୟା ମାମଲା ରୁଜୁ ହେବା ଉଚିତ୍ : ନରସିଂହ

ବଲାଙ୍ଗିର,୨୯/୧୧ (ନି.ପ୍ର): ମହାରାଣୀ ସାଗର ଦୁର୍ନିତିର କୁପ୍ରଭାବ ସାଧାରଣ ଜନତାଙ୍କୁ ଗ୍ରାସ କରିବାରେ ଲାଗିଛି । ଅର୍ଥଲୋଭରେ ପୌର ପ୍ରଶାସନ କାମ ପାଇଥିବା ମହିଳା ଏସଏଚଜି ଓ ସେଗୁଡିକୁ କାର୍ଯ୍ୟକାରି କରୁଥିବା ଜଣେ ଠିକାଦାର ଶେଷରେ ତୁଳସୀ ନଗର ନିବାସୀ ନିଶିକାନ୍ତ କୁମ୍ଭାରଙ୍କ ଜୀବନ ନେଇଛନ୍ତି । ସେମାନେ ଅର୍ଥ ତୋଷାରପାତ କରିବା ପାଇଁ ଏକ ନିମ୍ନମାନର ବାଉଁଶ ପୋଲ ତିଆରି କରି ସେଠିକାର ଲୋକଙ୍କୁ ସେହି ରାସ୍ତାରେ ଯିବା ଆସିବା ପାଇଁ ବ୍ୟବସ୍ଥା କରିଥିଲେ । ଯାହାଦ୍ୱାରା କି ପୂର୍ବତନ କାଉନସିଲର ନିଶିକାନ୍ତ କୁମ୍ଭାର ସେହି ନିମ୍ନମାନର ପୋଲ ଉପରେ ଯାଉଥିବା ବେଳେ ଗୋଡ ଖସି ତଳେ ପଡି ଯାଇଥିଲେ । ସେଠାରେ ଥିବା ପଥରରେ ମୁଣ୍ଡ ଛେଚି ହୋଇ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ, ବଲାଙ୍ଗୀର ପୌର ସଂସ୍ଥା, ମହିଳା ଏସଏଚଜି ଏବଂ ଠିକାଦାର ବିଘ୍ନ ମିଶ୍ରଙ୍କ ସାମୁହିକ ଅବହେଳା ଯୋଗୁଁ ନିଶିକାନ୍ତଙ୍କ ଜିବନହାନୀ ଘଟିଛି । ଆଇନ ଅନୁସାରେ, କାହାର ଅବହେଳା ପାଇଁ ଯଦି ଜଣେ ବ୍ୟକ୍ତି ପ୍ରାଣ ହରାଏ ତେବେ, ଅବହେଳା କରିଥିବା ସମସ୍ତ ପକ୍ଷଙ୍କ ବିରୁଦ୍ଧରେ ହତ୍ୟା ମୋକଦ୍ଦମା ରୁଜୁ ହେବ । ତେଣୁ ଏମାନଙ୍କ ବିରୁଦ୍ଧରେ ଅତି ଶିଘ୍ର ହତ୍ୟା ମୋକଦ୍ଦମା ରୁଜୁ ହେବା ଉଚିତ ବୋଲି ଆଜି ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରି ପ୍ରକାଶ କରିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ମାମଲାରେ ପୀଡିତ ପରିବାର ୨ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦାବୀ କରିପାରିବେ । କେବଳ ଏତିକି ନୁହେଁ ପୂର୍ବରୁ ମଧ୍ୟ ଏହି ଠିକାଦାରଙ୍କ ଜଣେ କର୍ମଚାରୀ କାମ କରୁଥିବା ବେଳେ ବିଜୁଳି ଆଘାତରେ ପ୍ରାଣ ହରାଇଥିଲେ । କିନ୍ତୁ, ଚଂଚକତା କରି ପୌରସଂସ୍ଥା ସେହି ଘଟଣାକୁ ଚପାଇ ଦେଇଥିଲା । ତେଣୁ ଉଭୟ ମୃତ୍ୟୁ ଘଟଣା ପାଇଁ ଉପରୋକ୍ତ ତିନି ସଂସ୍ଥା ଉପରେ ହତ୍ୟା ମାମଲା ରୁଜୁ ହେବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ମହାରାଣୀ ସାଗର କାମ ପାଇଁ ନଗର ଉନ୍ନୟନ ବିଭାଗ ୮ କୋଟି, ଅଟଳ ଯୋଜନାରେ ୮ କୋଟି ୩୩ ଲକ୍ଷ, ତା' ଉପରେ ପୁଣି ତତକାଳିନ ରାଜ୍ୟ ସରକାରଙ୍କ ମୋ ପୋଖରୀ ଯୋଜନାରୁ ଅନୁଦାନ ଆସିଛି । କିନ୍ତୁ ମହାରାଣୀ ସାଗରର ବିକାଶ ପରିବର୍ତେ ପୌର ସଂସ୍ଥା ଏହାର ବିନାଶ କରିବାରେ ଲାଗିଛି । ତେଣୁ ଦୁର୍ନିତିରେ ଉବୁଟୁବୁ ଥିବା ଏହି ପ୍ରକଳ୍ପକୁ ନ୍ୟାୟ ପ୍ରଦାନ ପାଇଁ ଶ୍ରୀ ମିଶ୍ର ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଶ୍ରୀ ମିଶ୍ର ଉଦବେଗ ପ୍ରକାଶ କରିବା ସହ କହିଥିଲେ ବର୍ତମାନ ବିଧାୟକ ନିଜ ନିର୍ବାଚନୀ ପ୍ରତିଶୃତିରେ ୧୦ ଦିନ ଭିତରେ ବଲାଙ୍ଗୀରକୁ ଅପରାଧ ମୁକ୍ତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ, ବର୍ତମାନ ବଲାଙ୍ଗୀର ସହର ଅପରାଧୀ ଓ ନିଶା ବେପାରିଙ୍କ ଭୁସ୍ୱର୍ଗ ପାଲଟିଛି । ଦିନ ଦ୍ୱିପହରରେ ହତ୍ୟା ଘଟଣା ଘଟେଇ ଅପରାଧି ସ୍ୱଛନ୍ଦରେ ଫେରାର ମାରି ପାରୁଛି । ଲୋକଙ୍କୁ ଏପରି ମିଥ୍ୟା ପ୍ରତିଶୃତି ପାଇଁ ଜନ ପ୍ରତିନିଧି ଉତରଦାୟୀ ରହିବା ସହ ଇସ୍ତଫା ଦିଅନ୍ତୁ ବୋଲି କହିଥିଲେ । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କେନ୍ଦ୍ର ସରକାର ଯେତେ ବଢାଉଛନ୍ତି ରାଜ୍ୟ ସରକାର ଦେଉଥିବା ବୋନସରୁ ସେହି ମୂଲ୍ୟ କାଟିଦେବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଥିଲେ । କେନ୍ଦ୍ର ସରକାର ବଢାଇଥିବା ୬୯ ଟଙ୍କା ଚାଷୀର ହକ ଅଟେ । ରାଜ୍ୟର କୌଣସି ଅଧିକାର ନାହିଁ ଯେ ସେ ଏହି ଅର୍ଥ ବୋନସରୁ କାଟି ଦେବ । ଏଥିରୁ ଚାଷୀକୁଳ ପ୍ରତି ଏମାନଙ୍କର ମନୋଭାବ ସ୍ପଷ୍ଟ ଜଣା ପଡୁଛି । ମୁଁ ଦାବି କରୁଛି ଏମଏସପିରେ ବଢିଥିବା ୬୯ ଟଙ୍କା ଚାଷୀଙ୍କ ଏକାଉଣ୍ଟକୁ ତୁରନ୍ତ ରାଜ୍ୟ ସରକାର ପ୍ରଦାନ କରନ୍ତୁ । ତାସହ ଧାନ କିଣା କେନ୍ଦ୍ର ମାନଙ୍କରେ ସିସି କ୍ୟାମେରା ଏବଂ ଅଣ ଏଫଏକ୍ୟୁ ରୁ ଏଫଏକ୍ୟୁ ଧାାନ କରିବାର ଉପକରଣ ସମସ୍ତ ମଣ୍ଡି ମାନଙ୍କରେ ବ୍ୟବସ୍ଥା କରାଯାଉ । କାରଣ ସରକାରଙ୍କ ନୂଆଁ ନିଷ୍ପତି ଅନୁସାରେ ଚାଷୀ ଯଦି ଅଣ ଏଫେଏକ୍ୟୁ ଧାନକୁ ଏଫଏକ୍ୟୁ କରିବା ପାଇଁ ଆରଏମସିକୁ ଯିବ ତେବେ ତାହାର ପରିବହନ ଖର୍ଚ୍ଚ ପାଇଁ ଚାଷୀ ଅନେକ କ୍ଷତି ସହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ସାପ୍ତାହିକ ପରେଡ୍, କ୍ୟାଂଟିନ୍, ବାରାକ୍ ଓ କ୍ୱାର୍ଟର୍ ଲାଇନ୍ ରିଭ୍ୟୁ କଲେ ଏସପି

ପୁରୀ,୨୯/୧୧ (ନି.ପ୍ର): ସ୍ଥାନୀୟ ରିଜର୍ଭ ପୋଲିସ ଲାଇନରେ ସୁଚାରୁ ଭାବେ ସାପ୍ତାହିକ ପରେଡ୍ ଆୟୋଜିତ ହୋଇଥିଲା । ଏହି ସାପ୍ତାହିକ ପରେଡ୍ ଟିକୁ ପୁରୀ ଜିଲ୍ଲା ପୋଲିସ ଅଧୀକ୍ଷକ ପ୍ରତୀକ ସିଂ ଉପସ୍ଥିତ ରହି ନିରୀକ୍ଷଣ କରିଥିଲେ । ରିଭ୍ୟୁ ସମୟରେ ଶ୍ରୀ ସିଂ ଅଧିକାରୀମାନଙ୍କୁ ଏବଂ ସମସ୍ତ ପୋଲିସ ଜବାନମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ "ପୁରୀ ପୋଲିସଙ୍କ ପ୍ରାଥମିକ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ସେବା ଓ ଭରସା । ସେହିପରି ଏଥିପ୍ରତି ଜବାନ ଓ ଅଧିକାରୀଙ୍କୁ ନିଷ୍ଠା, ସମୟନୁଷ୍ଠାନ, ଶିଷ୍ଟାଚାର ଓ ପ୍ରାଗତିଶୀଳ ଦୃଷ୍ଟିଭଙ୍ଗୀ ସହିତ କାର୍ଯ୍ୟ କରିବା ଅତ୍ୟାବଶ୍ୟକ ।" ଜନସେବାରେ ପୋଲିସର ଭୂମିକାକୁ ସଶକ୍ତ କରିବା, ସାମାଜିକ କାର୍ଯ୍ୟ, ମହିଳା ଓ ଶିଶୁ ସୁରକ୍ଷା, ପର୍ଯ୍ୟଟକ ସୁରକ୍ଷା ଓ ଆଧୁନିକ ପୋଲିସିଙ୍ଗରେ କାର୍ଯ୍ୟ କରିବା ପାଇଁ ଜୋର ଦିଆଯାଇଥିଲା । ସାପ୍ତାହିକ ପରେଡ୍ ପରେ ଏସ. ପି. ଶ୍ରୀ ସିଂ ପୋଲିସ ଲାଇନ୍ ର ବିଭିନ୍ନ ସୁବିଧା ଓ ଅବସ୍ଥାର ପ୍ରତ୍ୟକ୍ଷ ନିରୀକ୍ଷଣ କରିଥିଲେ । ପୋଲିସ ଲାଇନ୍ କ୍ୟାଂଟିନ୍ ର ଖାଦ୍ୟଗୁଣ, ପରିଷ୍କାରତା ଓ ସେବା ବ୍ୟବସ୍ଥା ଯାଂଚ୍ କରିଥିଲେ । ବାରାକ୍ ଗୁଡ଼ିକର ରହଣୀୟ ବ୍ୟବସ୍ଥା, ପାଣି-ବିଦ୍ୟୁତ, ସୁରକ୍ଷା ଓ ଆବଶ୍ୟକୀୟ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । କ୍ୱାର୍ଟର୍ ରେ ଥିବା ପୋଲିସ ପରିବାରଙ୍କ ସୁବିଧା, ସାନିଟେସନ୍, ପରିବେଶ ଓ ମରାମତି କାମକାର୍ଯ୍ୟ ର ବ୍ୟବସ୍ଥା ନିରୀକ୍ଷଣ କରିଥିଲେ । ସମସ୍ୟାର ସେହି ସ୍ଥାନରେ ନିରୀକ୍ଷଣ କରି ସମ୍ପର୍କିତ ବିଭାଗକୁ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସାପ୍ତାହିକ ରିଭ୍ୟୁ ଓ ନିରୀକ୍ଷଣ କାର୍ଯ୍ୟକ୍ରମରେ ଅଧିକାରୀମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଏସ୍. ପି. ସୁଶିଲ କୁମାର ମିଶ୍ର, ଅତିରିକ୍ତ ଏସ୍. ପି. ସଚିନ ପଟେଲ, ଅତିରିକ୍ତ ଏସ୍. ପି. ସୌମ୍ୟ ରଞ୍ଜନ ମଲ୍ଲିକ, ଡିଏସପି ତପନ ଦାଶ, ଡିଏସପି ସ୍ମିତା କଳ୍ପନା କାଉଁରୀ, ଡିଏସପି ସସ୍ମିତା ବେହେରା, ଡିଏସପି ତିଳୋତମା ରାଉତ, ଆର.ଆଇ. ଚିତରଞ୍ଜନ ମହାନ୍ତି ପରେଡ୍ ଓ ସମୀକ୍ଷା କାର୍ଯ୍ୟକ୍ରମରେ ହବିଲଦାର ଓ କନେଷ୍ଟବଳ ଆସୋସିଏସନ୍ ର ପ୍ରତିନିଧି ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଉପାଧ୍ୟକ୍ଷ ସନ୍ତୋଷ ସାହୁ, ସୂର୍ଯ୍ୟତାପ ଜେନା, ଦିଲ୍ଲୀପ ଭୋଇ ଉପସ୍ଥିତ ରହିଥିଲେ । ସେମାନେ ପୋଲିସ ଜବାନମାନଙ୍କ ସମସ୍ୟା, ତଥ୍ୟ, ସୁବିଧା ଓ ଆବଶ୍ୟକତା ସମ୍ପର୍କରେ ଏସପିଙ୍କୁ ଅବଗତ କରିଥିଲେ । ପୋଲିସ ପରେଡ୍ ରେ ଶାରୀରିକ କ୍ଷମତା, ଅନୁଶାସନ ଓ ପ୍ରୋଫେସନାଲ୍ କ୍ଷମତାକୁ ଆରୋହିତ କରିବା, ପୋଲିସ ଲାଇନ୍ ର ଲଜିଷ୍ଟିକ୍ସ, ସୁବିଧା, ପରିଷ୍କାରତା ଓ ନିରପତା ନିଶ୍ଚିତ କରିବା, ସର୍ବସାଧାରଣଙ୍କ ସେବାରେ ପ୍ରମାଣିକତା, ସମୟନିଷ୍ଠା ଓ ମାନବିକତାକୁ ପ୍ରାଥମିକତା ଦେବା ପୁରୀ ଏକ ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ କେନ୍ଦ୍ର ତତ ସହ ପର୍ଯ୍ୟଟକ ସୁରକ୍ଷା, ଯାତାୟାତ ନିୟନ୍ତ୍ରଣ, ବଡ଼ ଆୟୋଜନର ପ୍ରସ୍ତୁତି ଉପରେ ବୃଦ୍ଧିତ ଗୁରୁତ୍ୱ ଦେବା ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୦ ନଭେମ୍ବର ୨୦୨୫
email :
rabibarachayan2015@gmail.com



# ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୧୨୩ (ଶେଷ ଭାଗ)

(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ହେ ମା' ବସୁଧା ! "ମୁଁ ତୋତେ ଯୋଡ଼ହସ୍ତ ହୋଇ ପ୍ରଣାମ କରୁଛି, ତୁ ଯଦି ତୋ କନ୍ୟାର ଏ ଦୁଃଖ ଦେଖିପାରୁଥିବୁ ନିଶ୍ଚିତ। ତା'ହେଲେ ଆଉ ବିଳମ୍ବ କରନା ମା। ମୁଁ ଆଉ ପରୀକ୍ଷା ଦେଇପାରିବି ନାହିଁ । ସମସ୍ତ ପରୀକ୍ଷା ମୋର ଶେଷ ହୋଇଯାଇଛି । ମୁଁ ଯଦି ପ୍ରକୃତରେ ତୋର କନ୍ୟା ହୋଇଥାଏ ତା'ହେଲେ ତୁ ଫାଟିଯା ମା' । ତୁ ବିଦୀର୍ଣ୍ଣ ହୋଇ ଦୁଇଫାଳ ହୋଇଯା, ମୋତେ ତୋ ଗର୍ଭରେ ସ୍ଥାନ ଦେ । ମୁଁ ଆଉ ଏ କଷ୍ଟ ସହିପାରୁ ନାହିଁ ମା' । ଭୋ ଭୋ ହୋଇ କାନ୍ଦିଉଠିଥିଲେ ସୀତାଦେବୀ । ତାଙ୍କ ସହିତ ସେଠାରେ ରୁଣ୍ଡ ହୋଇଥିବା ସମସ୍ତ ଜନତା ମଧ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲେ । ସହସା ପ୍ରଳୟ ବେଗରେ ପବନ ବହିବାକୁ ଲାଗିଲା । ତା' ସହିତ ଭୟଙ୍କର ଗର୍ଜନ । ଅନ୍ଧାର ମାଡ଼ିଆସିଲା । ଦୋହଲି ଉଠିଲା ବସୁଧା । ଜନପ୍ରାଣୀ ବିଚଳିତ ହୋଇଉଠିଲେ। ସହସା ମହାପ୍ରଳୟର ସୂଚନା। ଦୋହଲିଗଲା ବସୁଧା । ବିଦୀର୍ଣ୍ଣ ହୋଇଗଲା ମାଟି ମା'ର ଛାତି ।

କ୍ଷଣିକରେ ସବୁ ସ୍ତବ୍ଧ ହୋଇଗଲା । ପବନ ସ୍ତମ୍ଭିଗଲା । ଦୂରୀଭୂତ ହୋଇଗଲା ଅନ୍ଧାର । ଏକ ଉଜ୍ଜ୍ୱଳ ଆଲୋକ ଖେଳିଗଲା ନୈମିଷାରଣ୍ୟରେ । ସତେଯେମିତି ସୂର୍ଯ୍ୟ ଦ୍ୱିଗୁଣ ଆଲୋକ ବର୍ଷି ଦେଲେ ନୈମିଷାରଣ୍ୟରେ ।

ଏ କ'ଣ...? ଏ କ'ଣ...? ସମସ୍ତେ ଚକିତ ।

ସୀତାଦେବୀ ଛିଡ଼ା ହୋଇଥିବା ସ୍ଥାନରେ ବସୁଧା ଫାଟି ଦୁଇଭାଗ ହୋଇଯାଇଛି । ସେହି ଫଟା ମାଟି ଭିତରୁ ହସହସ ମୁହଁରେ ସ୍ୱର୍ଣ୍ଣ ସିଂହାସନଟିଏ ଧରି ଉଠି ଆସୁଛନ୍ତି ଉଜ୍ଜ୍ୱଳ ଭୂଷଣା ନାରୀ ଜଣେ । ଅପୂର୍ବ ସେ । ରୂପ ଶୋଭାରେ ତାଙ୍କର ଝଲସି ଉଠୁଛି ବନଭୂମି । ହସିହସି ସେ ହସ୍ତ ପ୍ରସାରଣ କରି ଡାକୁଛନ୍ତି, ମା' ଜାନକୀ ଆ' ମୋ କୋଳକୁ ଫେରିଆ । ମା' ତୋର ତୋତେ ସବୁଦିନ ଅନାଇ ବସିଛି । ତୁ କେବେ ମୋତେ ଡାକିବୁ। ତୋର ଦୁଃଖ ଦେଖି ହୃଦୟ ମୋର ଫାଟି ଯାଉଥିଲା ମା' । ହେଲେ ମୁଁ ଆସିପାରୁ ନଥିଲି ।

ତୁ ତ ସବୁବେଳେ ତୋ ସ୍ୱାମୀର ସୁଖରେ ସୁଖୀ, ଦୁଃଖରେ ଦୁଃଖୀ, ଏତେ ଦୁଃଖରେ ବି ଦିନେହେଲେ ତୁ ମୋତେ ଚିନ୍ତା କରିନଥିଲୁ । ତୋ ସ୍ୱାମୀ ତୋ ପାଇଁ ଦେବତା, ତୋ ପାଇଁ ସ୍ୱର୍ଗ । ତୋ ପାଇଁ ସେ ଥିଲେ ହିମାଳୟ ଭଳି ଦୃଢ଼ । ଆଉ ଗଂଗା ଭଳି ସ୍ୱଚ୍ଛ । ସ୍ୱାମୀର ସବୁ ଅବମାନନା ତୁ ସହିଥିଲୁ ମା' । ଦିନେହେଲେ ମୋତେ ଡାକିନଥିଲୁ । ଆଜି ହୃଦୟ ଖୋଲି ଡାକିଲୁ ଯେତେବେଳେ ମୁଁ ଆସିଯାଇଛି । ଆ' ମା' ଆ ମୋ କୋଳକୁ ଚାଲିଆ' ।

ଏ ଦୃଶ୍ୟ ଦେଖୁଛନ୍ତି ସହସ୍ର ସହସ୍ର ସଂଖ୍ୟାରେ ସେଠାରେ ଥିବା ନରନାରୀ, ସାଧୁସନ୍ଥ, ରାଜାପ୍ରଜା । ସୀତାଦେବୀ ହସ୍ତଯୋଡ଼ି ସମସ୍ତଙ୍କୁ ପ୍ରଣାମ ଜଣାଇଲେ । ଶେଷରେ ପଦଟିଏ କହିଲେ "ବିଦାୟ ପ୍ରଭୁ ବିଦାୟ । ଏ ଜନ୍ମ ପାଇଁ ଆପଣଙ୍କ ସୀତା, ଜାନକୀ, ମୈଥିଳୀ, ବୈଦେହୀ ଆଜି ଆପଣଙ୍କ ଠାରୁ ସବୁଦିନ ପାଇଁ ବିଦାୟ ନେଇ ଯାଉଛି ।" ଏହାକହି ସୀତାଦେବୀ ସଭିଙ୍କୁ ପ୍ରଣାମ କରି ସ୍ୱାମୀଙ୍କୁ ଶେଷ ପ୍ରଣାମ ଜଣାଇ ପଶି ଯାଇଥିଲେ ମାଆ ଧରିତ୍ରୀ ପାତିଥିବା ସ୍ୱର୍ଣ୍ଣ ସିଂହାସନର କୋଳକୁ ।

ଆତୁର ହୋଇ କାନ୍ଦିକାନ୍ଦି ପ୍ରଭୁ ଶ୍ରୀରାମ। "ସୀତା, ଜାନକୀ, ମୈଥିଳୀ, ବୈଦେହୀ କହି ଧରି ନେଇଥିଲେ ସୀତାଙ୍କ ପଣତକାନିକୁ । ମୋତେ କ୍ଷମା କରିଦିଅ ବୈଦେହୀ ମୁଁ ଭୁଲ୍ କରିଛି । ମୁଁ ତୁମ ନିକଟରେ ଅପରାଧୀ । ମୋତେ କ୍ଷମା କରିଦିଅ ।"

ନା ପ୍ରଭୁ ନା । ଆଉ ନୁହେଁ । ମୋ ପଣତ ଛାଡ଼ ପ୍ରଭୁ । ମୁଁ ଯିବି, "ଅଞ୍ଚଳ ଛାଡ଼ ମହାବାହୁ । ଏ ଜନ୍ମେ ଆଉ ଭେଟ ନୋହୁ ।"

ଧୀରେଧୀରେ ମାଟି ଭିତରକୁ ପଶି ଯାଉଛି ସ୍ୱର୍ଣ୍ଣ ସିଂହାସନ । ବୈଦେହୀ, ବୈଦେହୀ ବୋଲି ଚିତ୍କାର କରୁଛନ୍ତି ପ୍ରଭୁ ଶ୍ରୀରାମ । ଧୀରେଧୀରେ ପଣତ ତାଙ୍କ ହସ୍ତରୁ ଖସିଗଲା । ସୀତା ମିଶିଗଲେ ମାଟିରେ । ସମାନ ହୋଇଗଲା ବସୁଧା । ପୂର୍ବେ ଯେମିତି ଥିଲା ବର୍ତ୍ତମାନ ସେମିତି । ମୁହୂର୍ତ୍ତକ ମଧରେ ସବୁ ପରୀକ୍ଷାର ଅନ୍ତ ଘଟିଲା ।

ବୈଦେହୀ.... ବୈଦେହୀ ବୋଲି କାନ୍ଦିକାନ୍ଦି ଚିତ୍କାର କରୁଥାନ୍ତି ପ୍ରଭୁ ଶ୍ରୀରାମ । ଜନତାଙ୍କ କଣ୍ଠରେ ଗୋଟାଏ ଧ୍ୱନି ଜୟ ସୀତା ମାତାଙ୍କର ଜୟ, ଜୟ ସୀତା ମାତାଙ୍କର ଜୟ।

ଆକାଶରୁ ରାଶିରାଶି ଫୁଲ ଖସି ପଡୁଥାଏ ସେ ସ୍ଥାନରେ । ଜୟ ସୀତାରାମ ଧ୍ୱନିରେ ମୁଖରିତ ଆକାଶ, ବସୁଧା । ତଟସ୍ଥ ମହର୍ଷି ବିଶ୍ୱାମିତ୍ର, ବଶିଷ୍ଠ, ବାଲ୍ମିକୀ ଆଦି ମୁନିଋଷିମାନେ । ସମସ୍ତଙ୍କ ତୁଣ୍ଡରେ ଗୋଟାଏ କଥା ଧନ୍ୟ ତୁମେ ସୀତାଦେବୀ । ଧନ୍ୟ ତୁମର ପତିଭକ୍ତି । ସୀତା, ସୀତା, ବୈଦେହୀ, ବୈଦେହୀ, ହୋଇ ସେହି ବିଦୀର୍ଣ୍ଣ ବସୁଧା ଉପରେ ଲୋଟିଯାଉଥା'ନ୍ତି ପ୍ରଭୁ ଶ୍ରୀରାମ । ସେ ସ୍ଥାନରୁ ମୁଠାମୁଠା ଧୂଳି ଆଣି ନିଜ ଶରୀରରେ ବୋଳି ହୋଇ ସେ କହୁଥାନ୍ତି ଧନ୍ୟ ଧନ୍ୟ ତୁମେ ବୈଦେହୀ । ଧନ୍ୟ ତୁମେ ବୈଦେହୀ ।

(ସମାପ୍ତ)

ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଭାରତୀୟ ରାଜନୀତି: ବଂଶାନୁକ୍ରମିକ ଐତିହ୍ୟ ବନାମ ଯୋଗ୍ୟତାର ଆହ୍ୱାନ

ଡ଼ ଗୋଲକ ବିହାରୀ ଆଚାର୍ଯ୍ୟ



ଭାରତୀୟ ଲୋକତନ୍ତ୍ରର ଚିତ୍ରପଟରେ ବଂଶାନୁକ୍ରମିକ ରାଜନୀତି ଏକ ଦୀର୍ଘସ୍ଥାୟୀ ବାସ୍ତବତା । ସଂସଦଠାରୁ ପଞ୍ଚାୟତ ପର୍ଯ୍ୟନ୍ତ, ଜାତୀୟ ଦଳଠାରୁ ଆଞ୍ଚଳିକ ଶକ୍ତି ପର୍ଯ୍ୟନ୍ତ – ରାଜନୈତିକ କ୍ଷମତା ଅନେକ କ୍ଷେତ୍ରରେ ଯୋଗ୍ୟତା ଅପେକ୍ଷା ରକ୍ତସମ୍ପର୍କ ଉପରେ ଅଧିକ ନିର୍ଭର କରେ । ଏହା କ୍ରମେ ଏକ ସଂସ୍କୃତିରେ ପରିଣତ ହୋଇଛି, ଯେଉଁଠାରେ ନେତୃତ୍ୱ ପରିଶ୍ରମ ଓ ପ୍ରତିଭା ବଦଳରେ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ହୁଏ ।

ପୃଥିବୀର ବୃହତ୍ତମ ଲୋକତନ୍ତ୍ର ଭାବରେ ଗର୍ବ କରୁଥିବା ଏହି ଦେଶରେ ପରିବାରମୁଖୀ ନେତୃତ୍ୱର ପ୍ରଭାବ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଏ:

ଆଭ୍ୟନ୍ତରୀଣ ଲୋକତନ୍ତ୍ର ଦୁର୍ବଳ ହେଉଛି କି ?

ନୂତନ ପ୍ରତିଭା ଓ ଯୋଗ୍ୟ ବ୍ୟକ୍ତିଙ୍କ ଉଦୟ ପଥ ଅବରୋଧ ହେଉଛି କି ?

ଏହା କେବଳ ସେହି ପରିଚିତ ଉପନାମଗୁଡ଼ିକ ଉପରେ ମତଦାତାଙ୍କ ଅନ୍ଧ ବିଶ୍ୱାସର ପ୍ରତିଫଳନ ?

ଆଜି ସାମାଜିକ ଆକାଂକ୍ଷା ବୃଦ୍ଧି ପାଉଥିବା ବେଳେ ଏବଂ ଯୁବ ତଥା ସଚେତନ ମତଦାତାଙ୍କ ଉଦୟ ହେଉଥିବା ବେଳେ – ବଂଶାନୁକ୍ରମିକ ରାଜନୀତି ପାରଦର୍ଶିତା ଓ ଯୋଗ୍ୟତାନୁକ୍ରମର ଦାବି ସହିତ ଏକ କଠିନ ସଂଘର୍ଷରେ ଅଛି ।

## ନେପୋଟିଜିମ୍ ଓ ନାଗରିକ ଅଧିକାର ମଧ୍ୟରେ ରେଖା

ବଂଶାନୁକ୍ରମିକ ରାଜନୀତିର ସମାଲୋଚନା ସେତେବେଳେ ଯୁକ୍ତିଯୁକ୍ତ ହୁଏ, ଯେତେବେଳେ କ୍ଷମତା ଯୋଗ୍ୟତା ବିନା କେବଳ ଉତ୍ତରାଧିକାରରେ ମିଳେ କିମ୍ବା ନେତାମାନେ ବ୍ୟକ୍ତିଗତ ପ୍ରଭାବ ବ୍ୟବହାର କରି ପରିବାର ସଦସ୍ୟଙ୍କୁ ଅନ୍ୟାୟ ସୁବିଧା ଦିଅନ୍ତି । ଏହାକୁ ପ୍ରକୃତରେ ନେପୋଟିଜିମ୍ (ସ୍ୱଜନପୋଷଣ) କୁହାଯାଏ ।

କିନ୍ତୁ ଏହା ସହଜରେ ଜାଣିରଖିବା ଉଚିତ୍ ଯେ:

ଭାରତର ପ୍ରତ୍ୟେକ ନାଗରିକଙ୍କର – ତାଙ୍କ ପାରିବାରିକ ପୃଷ୍ଠଭୂମି ଯାହା ହେଉନା କାହିଁକି – ରାଜନୀତିରେ ପ୍ରବେଶ କରିବାର ସାମ୍ବିଧାନିକ ଅଧିକାର ରହିଛି ।

ଯଦି ଜଣେ ରାଜନୈତିକ ପରିବାରର ସଦସ୍ୟ ତାଙ୍କ ପୂର୍ବଜଙ୍କ ଉପରେ ନିର୍ଭର ନକରି, ବଂଶାନୁକ୍ରମକୁ ଏକ ଅଧିକାର ଭାବରେ ଦାବି ନକରି, ନିଜସ୍ୱ ଧାରଣା ଏବଂ କ୍ଷମତା ଆଧାରରେ ରାଜନୀତିରେ ପ୍ରବେଶ କରନ୍ତି, ତେବେ ତାହା କେବଳ ତାଙ୍କର ଏକ ବ୍ୟକ୍ତିଗତ ପସନ୍ଦ । ତେଣୁ, ଏହା କେବଳ ଜନ୍ମର ଦୁର୍ଘଟଣା; କୌଶଳୀ ରାଜନୀତି ନୁହେଁ । ଯଦି ପୂର୍ବଜମାନେ ଦଳ ଭିତରେ ଆଭ୍ୟନ୍ତରୀଣ ପ୍ରତିଯୋଗିତାକୁ ଦମନ କରି ନାହାନ୍ତି କିମ୍ବା ରକ୍ତସମ୍ପର୍କ ଆଧାରରେ ପଦବୀ ଦେଇ ନାହାନ୍ତି, ତେବେ ଯୁବ ସଦସ୍ୟଙ୍କୁ ଦୋଷାରୋପ କରିବା ଅନ୍ୟାୟ । ପାରିବାରିକ ପୃଷ୍ଠଭୂମି ଅପରାଧ ନୁହେଁ ।

## ନେତୃତ୍ୱର ଦାର୍ଶନିକ ଦୃଷ୍ଟିକୋଣ

ଶତାବ୍ଦୀ ଧରି ରାଜନୈତିକ ଦର୍ଶନରେ ଏହି ବିଷୟରେ ଆଲୋଚନା ହୋଇଆସୁଛି: କିଏ ନେତୃତ୍ୱ ପାଇଁ ସର୍ବୋତ୍ତମ ? ଜଣେ ସାଧାରଣ ନାଗରିକ, ଜଣେ ଶ୍ରମିକ, ନା ଜଣେ ଅଭିଜ୍ଞ ପରିବାରର ଉତ୍ତରାଧିକାରୀ ?

ଫଳପ୍ରଦ ନେତୃତ୍ୱ ପାଇଁ ଏକ ଦୁର୍ଲଭ ସମନ୍ୱୟ ଆବଶ୍ୟକ – ସାମାଜିକ ସମ୍ବେଦନଶୀଳତା ସହିତ ବୁଦ୍ଧିବୃତ୍ତିଗତ ସନ୍ତୁଳନ, ଅନୁଭବ ସହିତ ନମ୍ରତା, ଏବଂ କ୍ଷମତା ସହିତ ଲୋକପ୍ରିୟତା ।

ଏହି ଦୃଷ୍ଟିକୋଣରୁ ଦେଖିଲେ, ସ୍ଥାପିତ ରାଜନୈତିକ ପରିବାରର ସଦସ୍ୟମାନଙ୍କ ନିକଟରେ କିଛି ପ୍ରାରମ୍ଭିକ ସୁଯୋଗ ନିଶ୍ଚିତ ଥାଏ । ବ୍ୟବସ୍ଥାର ଚିନ୍ତାଧାରା, ପ୍ରଶାସନିକ ଚାପ, ଏବଂ ସାର୍ବଜନୀନ ଆଶା-ଆକାଂକ୍ଷାର ଅନୁଭବ - ଯାହା ଅନ୍ୟମାନଙ୍କୁ ବର୍ଷ ବର୍ଷ ଲାଗିପାରେ । କିନ୍ତୁ ଏହି ପ୍ରସ୍ତୁତିର ଭିତ୍ତି ସେମାନଙ୍କୁ ସ୍ୱତଃସ୍ଫୁର୍ତ୍ତ ଭାବରେ ଅଧିକାରପ୍ରାପ୍ତ ଶାସକ କରି ନଥାଏ ।

ମୂଳ ପ୍ରଶ୍ନ ଏହା ନୁହେଁ ଯେ, ବଂଶାନୁକ୍ରମିକ ନେତା ଭଲ ହୋଇପାରିବେ କି ? (ସେମାନେ ଅନେକ ସମୟରେ ହୁଅନ୍ତି)। ପ୍ରଶ୍ନ ହେଉଛି – ସେମାନଙ୍କୁ କି ସ୍ୱତଃସ୍ଫୁର୍ତ୍ତ ଭାବରେ ସୁବିଧା ଦେବା ଉଚିତ୍ ?

ଲୋକତନ୍ତ୍ର ସମସ୍ତଙ୍କୁ ଉତ୍ଥାନର ଅବସର ଦିଏ, କିନ୍ତୁ ଅଧିକାରରେ ନୁହେଁ, କେବଳ ଯୋଗ୍ୟତା ଆଧାରରେ ।

## ଅଦୃଶ୍ୟ ଉତ୍ତରାଧିକାର ଏବଂ ବାସ୍ତବ ଆହ୍ୱାନ

ବିରୋଧୀମାନଙ୍କ ଦ୍ୱାରା ବଂଶାନୁକ୍ରମିକ ରାଜନୀତିର ଆଲୋଚନା ଅନେକ ସମୟରେ ଚୟନାତ୍ମକ ହୋଇଥାଏ । ସେମାନେ ଏହାକୁ ଲୋକତନ୍ତ୍ରକୁ ସଶକ୍ତ କରିବା ପାଇଁ ନୁହେଁ, ବରଂ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦୁର୍ବଳ କରିବାର ଏକ ଉପାୟ ଭାବରେ ବ୍ୟବହାର କରନ୍ତି ।

ଦୃଶ୍ୟମାନ ବଂଶାନୁକ୍ରମକୁ ନିନ୍ଦା କରି ଅଦୃଶ୍ୟ ଉତ୍ତରାଧିକାର (ଚୁକ୍ତି, ଜମି, ବ୍ୟବସାୟ, ଓ ସମ୍ପର୍କର ଚୋରା ସ୍ଥାନାନ୍ତର) ଲାଭକୁ ଅଣଦେଖା କରିବା ଏକ ଦ୍ୱିମୁଖୀ ନୀତି । ଅଦୃଶ୍ୟ ବଂଶାନୁକ୍ରମ ହିଁ ଅଧିକ ଭୟଙ୍କର, କାରଣ ଏହା ନିରୀକ୍ଷଣ ବାହାରେ ଅନିୟନ୍ତ୍ରିତ ପ୍ରଭାବ ସୃଷ୍ଟି କରେ ।

ଏହି ତୁଳନାରେ, ଖୋଲା ବଂଶାନୁକ୍ରମ – ଯେଉଁଠାରେ ପରିବାର ନିଜ ଉତ୍ତରାଧିକାରୀଙ୍କୁ ମତଦାତାଙ୍କ ନିକଟରେ ଉପସ୍ଥାପନ କରେ – ଢେର ସରଳ । ମତଦାତାମାନେ ଏହାକୁ ବିଚାର କରିପାରିବେ ଏବଂ ଅସ୍ୱୀକାର କରିପାରିବେ ।

## ନେତୃତ୍ୱର ସତ୍ୟ ପରିମାପ

ଶେଷରେ, ବଂଶାନୁକ୍ରମିକ ବନାମ ଅବଂଶାନୁକ୍ରମିକ ରାଜନୀତିର ଆଲୋଚନା ଦ୍ୱିତୀୟ ମାନ୍ୟତା ବହନ କରେ । ପ୍ରଥମ ଏବଂ ମୂଳ ପ୍ରଶ୍ନ ହେଉଛି – ଭାରତ କିଭଳି ନେତା ଚାହୁଁଛି ?

ନେତା ଯେକୌଣସି ପୃଷ୍ଠଭୂମିରୁ ଆସିଥାନ୍ତୁ ନା କାହିଁକି, ମୂଳ ମାନଦଣ୍ଡ ଏକା:

ଗଭୀର ଦେଶପ୍ରେମ ଓ ସାମାଜିକ ସମ୍ବେଦନଶୀଳତା ।

ସମସ୍ୟା ବୁଝି ସମାଧାନ କରିବାର କ୍ଷମତା ଓ ଉନ୍ନତିମୁଖୀ ଦୃଷ୍ଟିକୋଣ ।

ଆନ୍ତର୍ଜାତୀୟ ଦୃଷ୍ଟିବଳୟ ଓ ନୀତିମୂଳକ ଶୃଙ୍ଖଳା ।

ସ୍ୱାର୍ଥ ଉପରେ ଜନସେବାର ପ୍ରାଧାନ୍ୟ ଓ ଉତ୍ତରଦାୟିତ୍ୱ ।

ସେହିପରି, ନେତୃତ୍ୱର ସତ୍ୟ ପରିମାପ ହେଉଛି – ବଂଶ ନୁହେଁ, ଚରିତ୍ର; ଐତିହ୍ୟ ନୁହେଁ, ପ୍ରତିବଦ୍ଧତା; ଉତ୍ତରାଧିକାର ନୁହେଁ, ସତସାର ଓ ସେବାଭାବ ।

ଭାରତର ଭବିଷ୍ୟତ ନିର୍ଭର କରେ ନାହିଁ – କାହାର ପିତା କିଏ ? – ଏହା ନିର୍ଭର କରେ – କିଭଳି ନିଷ୍ଠା ସହିତ ସେ ଦେଶକୁ ନେତୃତ୍ୱ କରିବାକୁ ପ୍ରସ୍ତୁତ ।

କେଶଦୁରାପାଳ, କେନ୍ଦୁଝର- ୭୫୮୦୨୫
(ମୋ) ୯୯୩୮୧୭୫୧୦୦

## କବିତା...



### କେବେ ଖରା କେବେ ଛାଇ

ଡ. ଶ୍ରୀଧର ସାମଲ

ନିଶୀଥ ଏ ଜ୍ୟୋସ୍ନାଭିଜା
ନିର୍ଜନ ଏ କୋଳାହଳ
ନିସ୍ତବ୍ଧ ରଜନୀ,
ସ୍ମୃତିସବୁ ଇତସ୍ତତଃ
ଫିଙ୍କାଫିଙ୍କା ବର୍ଷାଭିଜା ଅଧୁରା କାହାଣୀ ।

ଅଦୂର ଅତୀତ ଏଠି
ଦିଗହରା ଭାସିଯାଏ ବେସାହାରା
ସମୟ ସୁଅରେ,
ଆତ୍ମୀୟତା ମ୍ରିୟମାଣ, ହଜିଯାଏ ଅଚାନକ
ପ୍ରେମର ଏ ଅଜଣା ସହରେ।

ନିକାଞ୍ଚନ ଲମ୍ବାରାସ୍ତା
ଝୁଣ୍ଟିପଡ଼େ ଚାଲୁଚାଲୁ
ଖାଲଢିପ କେବେ ଧୂଳିଝଡ଼,
ବିଶ୍ୱାସର ବାଲିବନ୍ଧ, ତୁଟିଯାଏ ଅସମୟେ
ଅଙ୍କାବଙ୍କା କେତେ ରାସ୍ତା ମୋଡ଼।

ବିସ୍ତୀର୍ଣ୍ଣ ଏ ଉପତ୍ୟକା, ଝାଉଁବଣ ନିରବତା
କୁହୁଡ଼ିର ଝାପ୍ସା ଆସ୍ତରଣ,
ବିଜନ ଏ ଅଭିସାର
କେବେ ଖରା କେବେ ଛାଇ
ମୋହଭଙ୍ଗ ହୁଏ ବାରବାର।

ଅଳୀକ ଅସ୍ଥିର ଏଠି ନିବିଡ଼ତା
ଋତୁମାନେ ପତ୍ରଝଡ଼ା
ଆଷାଢ଼ର ନିର୍ମେଘ ଆକାଶ,
ସ୍ମୃତିସବୁ ଓଦା ଓଦା
କଣ୍ଠ ହୁଏ ବାଷ୍ପରୁଦ୍ଧ
ଅସୁମାରୀ ଭଗ୍ନ ଅବଶେଷ।

ସଂପାଦକ : ମୌସୁମୀ, କେନ୍ଦ୍ରାପଡା
(ମୋ) ୯୪୩୭୬ ୦୭୯୯୭

### ତାପସୀ କନ୍ୟା

ଦୀପ୍ତି ଦାସ



ସହସ୍ର ସହସ୍ର ସୂର୍ଯ୍ୟାସ୍ତ ପରେ ବି
ସୂର୍ଯ୍ୟ ଯେଉଁଠି ଅହରହ ଉଦିତ ମୁଖର
ସେଇଠି ତା ଆଖିର ଅକ୍ଷର ଉଦିତ ସହର
ସହସ୍ର ସହସ୍ର ଯୁଗ ଯୁଗର ପୃଥିବୀର ଅବିରାମ
ଗତି ଯେଉଁଠି ସ୍ଥିର ଅଚଞ୍ଚଳ
ସେଇଠି ତା ସ୍ୱାଭିମାନ ଅଲିଭା ସ୍ୱାକ୍ଷର

ସେ କିଏ କିଏ ବୋଲି
ପ୍ରଶ୍ନ କଲାବେଳେ ଶୂନ୍ୟବାଣୀ ହେଉଥିଲା
ମୁଁ ଚନ୍ଦ୍ରମା, ମୁଁ ଚନ୍ଦ୍ରମା
ସବୁ ସୂର୍ଯ୍ୟୋଦୟ ଭିତରେ ମୁଁ
ସବୁ ମାଟି ଭିତରେ ବି ମୁଁ
ଦେଖ ମୁଁ କେମିତି ଜଳୁଛି
ଉଆଁସ ପୂନେଇ ହୋଇ
ଘଡ଼ିଏ ଆଲୁଅ ଆଉ ଘଡ଼ିଏ ଅନ୍ଧାର ହୋଇ

ନା ମୋର ନିଶ୍ୱାସ ଅଛି
ତା ମୋର ପବନ, ତା ମୋର ଜୀବନ
ତଥାପି,
ମୁଁ ସୂର୍ଯ୍ୟର
ମୁଁ ପୃଥିବୀର
ମୁଁ ସ୍ୱର୍ଗର
ମୁଁ ମର୍ତ୍ତ୍ୟର
ମୁଁ ପାତାଳର ଅତଳ ଗର୍ଭର
ମୁଁ ଖାଲି... ମୁଁ... ମୁଁ... ମୁଁ
ମୁଁ ଦଶ ଦିଶା

ବିଛେଇ ହୋଇ ପଡ଼ିଛି
ଯେଉଁଠି ସୂର୍ଯ୍ୟ ଅଛି ସ୍ୱପ୍ନ ଅଛି
ଯେଉଁଠି ମାଟି ଅଛି ପାଣି ଅଛି ଅଛି ବି ପବନ

ମୁଁ ଯେଉଁଠି ବିଛେଇ ହୋଇ ପଡ଼ିଛି
ସେଇଠି ଜୀବନ ଅଛି
ମୋତେ ଯେଉଁଠି ଛୁଇଁବ
ଖାଲି ଜୀବନ ହିଁ ଜୀବନ
ଅମୃତର ପୁଣ୍ୟ କମଣ୍ଡଳୁ ମୁଗ୍ଧ ତପୋବନ

ମୁଁ ଚନ୍ଦ୍ରମା
ମୁଁ ଶୀତଳ ସୂର୍ଯ୍ୟ
ମୁଁ ମୁଁ ଆକାଶ ପଣତ ମାଟି ପାଣି ପବନ
ମୁଁ ଖାଲି ମୋର ନୁହେଁ
ମୁଁ ଏକ ନିରିମାଖି ଝିଅଟିଏ
ତାପସୀ କନ୍ୟା, ମାଟିର ମଲାଟ
ଜଗତ ଜୀବନ .....

ଅରଡ଼ ବଜାର, ବାଲେଶ୍ୱର
(ମୋ) ୯୮୬୧୪୬୬୪୫୩

### ଭୋର ନଥିବା ସକାଳ

ଜ୍ଞାନେନ୍ଦ୍ର କୁମାର ପଣ୍ଡା



ଏ ଅଜଣା ପଶ୍ଚିମଘାଟ ସହରର
ବ୍ୟସ୍ତ ପାଦଚଲା ମୁହଁ, ବସ୍,କାର, ଟ୍ରାମ୍‌ର
ଭୀଷଣ ଗହଳି,
'ରହିଯାଆରେ...,
ଆତ୍ମୀୟପଣରେ ଡାକିଲେ ବି,
ବିବ୍ରତ ଯେମିତି ସମସ୍ତେ,
ଜଣେ କେହି ବି ଅଟକି ଚାହିଁନାହିଁ ।

ଅକାରଣ ସାପ ଶିଢ଼ିର ଖେଳରେ
ଯେଉଁଠି ବି ପାଦ ପକାଏ,
ଶୁଭେ ଖାଲି ଅଚିହ୍ନା କୋଳାହଳ
ଆଶଙ୍କା ଜନ୍ମନିଏ ମୋ ଭିତରେ,
ଯେମିତି ଏଇମାତ୍ର ସେ ବିଶାଳ
ବିଳାପ, ଗିଳିଯିବ ମୋହରି ଅସ୍ତିତ୍ୱ ।

ସାନ୍ଧ୍ୟ ଉତ୍ତର-ପୂର୍ବ ମନସୁନ୍ ପବନର ଜାଡ଼
ଗାଧୋଇଦିଏ ସରାଗରେ
ସମୁଦ୍ରରୁ ସହରୀ ମଣିଷ ।

ସୁଉଉ... ସୁଉଉ...
ଅଯାଚିତ ମୁଲାୟମ ପବନର ସେ ସୁଅ

ଅକ୍ଲେଶରେ ଥରାଏ ବିରାଟ
ବନ୍ଧ ବାଡ଼ ପୋଲ
ଗଗନସ୍ପର୍ଶୀ ସିଗନେଚର୍ ପରି ଅଟ୍ଟାଳିକାର ଛାତି
ତଥାପି ସ୍ୱଚ୍ଛନ୍ଦରେ ଥରୁଟିଏ ପୁରିହେଉନାହିଁ
ମୋ ନିଶ୍ୱାସ ।

ରାସ୍ତା କଡ଼ ନୁଆଁଣିଆ ଛାତ ତଳେ
ଆତ୍ମୀୟଟେ ପରି ହସିଦେଇ ହାତଠାରେ
ଉଷୁମ ଚା' କେଟିଲିର ମୋହ ।

ଡାଡିଲା ଚା' କପ୍ ରେ ଚୁମୁକ ଦେଇ
ଚମକିଉଠେ ମୁଁ;
କେଫିନ୍ ବଦଳରେ କେଇଖଣ୍ଡ ବରଫ ମାତ୍ର !
ଗ୍ଲାସ ଉପରିଭାଗରେ ଭାସି ବୁଲୁଛି
ମିଛ ଉଷ୍ମ ଶିହରଣ ।

ଫେରୁଛି ଯେତେ ପାଦ
କ୍ରମଶଃ ଦୂରତ୍ୱ ବଢୁଛି ଠିକଣାର
ଯେମିତି ଏଇମାତ୍ର ପୂର୍ବାଶାର ପାଳଗଦାରେ
ଛୁଇଁଯିବ ନିଆଁ ।

କେତେବେଳ ବିତିଯାଇଥିବ
ଯା ଭିତରେ, କେଜାଣି ?
ଚମକିପଡ଼ି ଗୋଟିଏ ଅପରିଚିତ ତଥା
ଅନ୍ତଃହୀନ ଗଳି ଭିତର ଦେଇ
ଫେରିଯିବାର ଆଶାରେ
ଅତର୍କା ଧାଉଁଛି ମୁଁ ।

ମୁଖାପିନ୍ଧା ବେଦରଦୀ ଅନ୍ଧାର
ମୋ ସାମ୍ନାରେ ଆଗକୁ ଆଗକୁ ଲମ୍ବିଚାଲିଛି
ବେପରବାୟ ।

ପିନ୍ଧିଥାଉ ମୁଖା ସିଏ
ବଢୁଥାଉ ଏ ରାତି ନିରନ୍ତର
ଭୟ ମୋର, ମୁଖା ଉତାରି ରଖିଦେଲେ
ପୁନଶ୍ଚ ଚେଇଁଉଠିବ ସକାଳର ଯେତେକ
ଅପରିଚିତ ମୁହଁ ।
ଏଠି ଘର କାହିଁ ମୋର,
କେଉଁଠି ପହଞ୍ଚିବି ?
କିଛି ବି ଜାଣି ହୁଏନାହିଁ ।
ରାତି କିନ୍ତୁ ସରିଆସୁଛି
ସବୁଦିନ ପରି...
ବୁଝିହେଉନି ଏ ଅଜଣା ସହର ।

ସୁନ୍ଦରୀ, ସୁନହଟ, ବାଲେଶ୍ୱର
(ମୋ) ୯୮୬୧୧୧୬୩୮୦

### ଯୁଦ୍ଧ

ପ୍ରଦେଶ ପ୍ରତ୍ୟୁଷ



ଏ ଯୁଦ୍ଧ କାହା ପାଇଁ କେଉଁଥି ପାଇଁ !
ଶାନ୍ତି ତ ବାଟ ହୁଡ଼ିଛି
ଅଶାନ୍ତ ନଗରୀରେ ...

ମଣିଷ ପାଖେ ଆଉ ସମୟ କାହିଁ
ନିଜକୁ ଦେଖିବାକୁ !
ଧାଁ ଦୌଡ଼ର ଦୁନିଆଁରେ ଅଣନିଃଶ୍ୱାସୀ
କୃତ୍ରିମ ବୁଦ୍ଧିମତା ପାଖେ ତ
ସର୍ବସ୍ୱ ହଜାଇଛି ।

ଏ ଯୁଦ୍ଧ କାହା ପାଇଁ କେଉଁଥି ପାଇଁ !
ଜଳୁଛି ମନ
ପ୍ରଜ୍ୱଳିତ ଜୀବନ ବିବାଦର ଜୁଇରେ ...

ମଣିଷ ମନରେ ଆଶା, ସଂଘର୍ଷ
ଓ ସଂଶୟର ପାରାବାର
ସ୍ୱାର୍ଥ ପାଇଁ ହୃଦୟରେ କନ୍ଦଳ,
ଧର୍ମ ଓ ବିଶ୍ୱାସରେ ବିଭେଦର ତରବାରୀ।

ଏ ଯୁଦ୍ଧ କାହା ପାଇଁ, କେଉଁଥି ପାଇଁ !
ଭାଇର ରକ୍ତ ମିଶି ଭୂମି ଲାଲ,
ଅନ୍ୟାୟ ଅନୀତିରେ ହଜେ ସତ୍ୟର ଛାଇ।

ସନ୍ଧାନ ସମ୍ବନ୍ଧରେ ମଧୁର ହୁଏ ଜୀବନ।
ବୃଥା ସବୁ ବାଧା ବାଦ ଦ୍ୱନ୍ଦ୍ୱ
ଶ୍ରଦ୍ଧା ପ୍ରୀତି ପୁଲକ ମିଳନର ଆଲୋକ,
ଦେଖାଏ ଶାନ୍ତିର ପଥ।
ଏ ଯୁଦ୍ଧ କାହା ପାଇଁ କେଉଁଥି ପାଇଁ !

କୁରୁମଟାଙ୍ଗର, ମହୁଲପଡା, ଢେଙ୍କାନାଳ
(ମୋ) ୭୦୦୮୪୩୧୨୫୭

# ସାହିତ୍ୟ ମାଧ୍ୟମରେ ସାମାଜିକ ଜୀବନ, ମଣିଷର ଭାବନା ଓ ଚିନ୍ତାଶକ୍ତିରେ ନୂତନ ପ୍ରେରଣା ସୃଷ୍ଟି ହେଉ : ସୌଭାଗ୍ୟବନ୍ତ ମହାରଣା

**ସୌଭାଗ୍ୟବନ୍ତ ମହାରଣା** ଓଡ଼ିଆ ସାହିତ୍ୟ ଜଗତର ଗୋଟେ ପରିଚିତ ନାଁ । କେବଳ କବିତା ନୁହେଁ, ଅନେକ ସମାଲୋଚନା ଗ୍ରନ୍ଥର ମଧ ସେ ସଫଳ ସ୍ରଷ୍ଟା । ତାଙ୍କ କବିତାର ଶବ୍ଦ ସଂଯୋଜନାରୁ ବାରିହୁଏ ତାଙ୍କ ନିପୁଣତା । 'ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ଅତ୍ୟନ୍ତ ଆଶାବାଦୀ' ବୋଲି କହୁଥିବା କବି ସୌଭାଗ୍ୟବନ୍ତ ନିଜ୍ଜକ ଚଳମାନ ଜୀବନର ଛବିକୁ ରୂପ ଦେଇପାରନ୍ତି ତାଙ୍କ କବିତାରେ । ଅନୁଶୀଳନ ଓ ଅନୁଧ୍ୟାନ ଭିତରେ ସ୍ୱକୀୟ ବିଚାରଧାରାକୁ ପ୍ରତିଷ୍ଠା କରିବାକୁ ସଦା ଗୁରୁତ୍ୱ ଦେଉଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଆକାଶର ନୀଳ ଶ୍ୟାମଳ ବିସ୍ତୃତି ଭିତରେ ପୁଞ୍ଜା ପୁଞ୍ଜା ଧଳା ମେଘଙ୍କ ବିଚରଣ ଦେଖି ମୁଁ କାବ୍ୟମନସ୍କ ହେଉଥିଲି ମୋ ପିଲାବେଳେ । ଆମ ଘରେ ଥିବା ସ୍ତୁତି ଚିନ୍ତାମଣି, ମଥୁରା ମଙ୍ଗଳ, ନୃସିଂହ ପୁରାଣ, ଭାଗବତର ପଠନ ମୋ ଜୀବନକୁ ପ୍ରଭାବିତ କରିଛି କାବ୍ୟିକତାରେ ମୋ ପିଲାଦିନରୁ । ପୁନଶ୍ଚ ଆମ ଘର ପାଖେ ଥିବା ଜମିରେ ହଳିଆ ଲଙ୍ଗଳରେ ହଳ କରୁଥିବା ଗୀତ ଶୁଣି ମୋ ପିଲାଦିନ ବିଭୋର ହୋଇଛି ମାଟି ମନସ୍କତାର ଆଦ୍ୟ ଶିହରଣରେ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ରାଜେନ୍ଦ୍ର କଲେଜ ବଲାଙ୍ଗିରରେ ପଢ଼ୁଥିବା ବେଳେ ଓଡ଼ିଆ ଓ ଇଂରାଜୀରେ ସାହିତ୍ୟ ସାର୍ ମାନେ ଯଥା- ଚିନ୍ତାମଣି ବେହେରା, ପ୍ରସନ୍ନ କୁମାର ମିଶ୍ର, ରତ୍ନାକର ଚଇନି, ରାଜକିଶୋର ମିଶ୍ରଙ୍କ ପାଖରୁ ମୁଁ ସାହିତ୍ୟ ଓ କବିତାର ପ୍ରଚୁର ପ୍ରେରଣା ପାଇଛି । ୧୯୭୫ ମସିହାରେ କବିତା ରଚନା କଲାବେଳକୁ ମୁଁ କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, କମଳାକାନ୍ତ ଲେଙ୍କା, ସଚ୍ଚି ରାଉତରାୟ ଓ ଗୁରୁ ପ୍ରସାଦ ମହାନ୍ତିଙ୍କ କବିତା ପଢ଼ି ତନ୍ମୟ ହୋଇ ଯାଉଥିଲି । ସେମାନେ ହିଁ ମୋ ପାଇଁ ଥିଲେ ଆଦ୍ୟଗୁରୁ । ସେମାନଙ୍କର ଅନେକ କବିତା ମୋତେ ଆଚ୍ଛନ୍ନ କରିଥିଲା ମୋ କବିତାର ପ୍ରାରମ୍ଭିକ ସର୍ଜନା କାଳରେ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ନୂଆ ନୂଆ ସାହିତ୍ୟ ଜଗତକୁ ପ୍ରବେଶ କଲାବେଳେ ମୁଁ ଶିହରିତ ହୋଇ ଯାଉଥିଲି କବିତା ଭିତରେ ମୋ ଅକ୍ଷର ଓ ଶବ୍ଦମାନଙ୍କ ଭାବ ସଙ୍ଗେ ଗଭୀର ମିଶ୍ରଣକୁ ଲକ୍ଷ୍ୟ କରି । ସତେ ଯେମିତି ସେହି ଶବ୍ଦମାନେ ମୋ ହୃଦୟରୁ ଜନ୍ମ ହୋଇ ମୋ ଆଗରେ ଉଭା ହୋଇଛନ୍ତି କବିତାରତ ମନ୍ତ୍ର କରିବାକୁ ଗୋଟିଏ ଅନନ୍ୟ ଭାବ ମୁଦ୍ରାରେ । ବର୍ତ୍ତମାନ ସୁଦ୍ଧା ମୋର ୧୯ ଖଣ୍ଡ କବିତା ସଂକଳନ ଓ ୭ଟି ପ୍ରବନ୍ଧ ସଂକଳନ (ସମାଲୋଚନା ଗ୍ରନ୍ଥ) ପ୍ରକାଶିତ ହୋଇଛି । ମୋ କବିତା ସଂକଳନ ମଧ୍ୟରେ ୨୦୧୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା 'ମାଟିପର୍ବ' ପୁସ୍ତକଟି ମୋର ଅତିପ୍ରିୟ । ପୁନଶ୍ଚ ମୋର ପ୍ରଥମ ସର୍ଜନା ଥିଲା କବିତା ସଂକଳନ 'ଶାଗୁଆ କ୍ଷତର ସହର' ଯାହା ୧୯୮୮ ମସିହାରେ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବର୍ଣ୍ଣମାଳା ସମ୍ବଲପୁର ଦ୍ୱାରା ପ୍ରକାଶିତ ହୋଇ ପାଠକଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଥିଲା ଏହାର ଶବ୍ଦବିନ୍ୟାସ ଭାବକଳ୍ପ ଓ ଏକ ନୂଆ ଶୈଳୀ ଓ ମନୋଜ୍ଞ ଚିତ୍ରକଳ୍ପର ପ୍ରୟୋଗ ଯୋଗୁଁ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ମୁଁ ବହୁତ ଆଶାବାଦୀ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ସଂପର୍କରେ ଚିନ୍ତନ କଲାବେଳେ । ସାଂପ୍ରତିକ କଂପ୍ୟୁଟର ଓ ଡିଜିଟାଲ ଯୁଗରେ ଓଡ଼ିଆରେ ପ୍ରକାଶିତ କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ପୁସ୍ତକ ଗୁଡ଼ିକର ଏବେ ବି ଲୋକପ୍ରିୟତା ଓ ଆଦୃତି କମି ନାହିଁ । ପ୍ରତି ବର୍ଷ ହଜାର ହଜାର ପୁସ୍ତକ ଛପା ହୋଇ ପାଠକ ଓ ଲେଖକଙ୍କୁ ଉତ୍ସାହିତ କରୁଛନ୍ତି । ସହରରେ ଏବଂ ବିଶେଷ ଭାବରେ ଗ୍ରାମାଞ୍ଚଳରେ ସରକାରଙ୍କ ତରଫରୁ ପାଠାଗାର ପ୍ରତିଷ୍ଠା ହେଲେ ସାଧାରଣ ଲୋକମାନେ ବହୁତ ଉପକୃତ ହୋଇ ପାରନ୍ତେ। ରାଜା ରାମମୋହନ ରାୟ ଲାଇବ୍ରେରୀ ଅନୁଷ୍ଠାନ ମାଧ୍ୟମରେ ଗ୍ରାମାଞ୍ଚଳର ସ୍କୁଲ, କଲେଜରେ ସାହିତ୍ୟ ସଂପର୍କିତ ପୁସ୍ତକ ଲାଇବ୍ରେରୀରେ ସ୍ଥାନ ପାଇଲେ ଗ୍ରାମାଞ୍ଚଳରେ ସାଧାରଣ ଛାତ୍ରଛାତ୍ରୀମାନେ ଅଧିକ ପୁସ୍ତକ ପାଠ କରିବାର ସୁଯୋଗ ପାଆନ୍ତେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମୋ ଦୃଷ୍ଟିରେ ମାତୃଭାଷା ଏବେ ବେଶୀ ସଂକଟରେ ଥିଲା ପରି ମନେ ହେଉ ନାହିଁ । ତଥାପି ଇଂରାଜୀ ମିଡିୟମ ସ୍କୁଲମାନଙ୍କରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ପ୍ରଚୁର ଅବହେଳା କରାଯାଉଛି । ଯାହା ଫଳରେ ଛାତ୍ରଛାତ୍ରୀ ମାନେ ଭଲ ଭାବେ ଓଡ଼ିଆ ଭାଷାର ଶବ୍ଦଜ୍ଞାନ ପାଇପାରୁ ନାହାନ୍ତି ଏବଂ ଉତ୍ତମ ଭାବେ ବନାନ ଓ ଉଚ୍ଚାରଣ ମଧ କରିପାରୁ ନାହାନ୍ତି । ସୁତରାଂ ଇଂରାଜୀ ମିଡିୟମ ଆଦି ସ୍କୁଲରେ ହିନ୍ଦୀ, ଇଂରାଜୀ ଭାଷା ସହିତ ଓଡ଼ିଆ ଭାଷାର ପ୍ରଚଳନ ଅତ୍ୟନ୍ତ ଆବଶ୍ୟକ ମନେହୁଏ । ପୁନଶ୍ଚ ଟି.ଭି ରିଏଲିଟି ସୋ ମାନଙ୍କରେ ସଂଯୋଜନା ମାଧ୍ୟମରେ ଓଡ଼ିଆ ଅପେକ୍ଷା ଇଂରାଜୀ, ହିନ୍ଦୀ ଭାଷାର ଶବ୍ଦମାନଙ୍କୁ ଓଡ଼ିଆ ଅପେକ୍ଷା ଅଧିକ ଗୁରୁତ୍ୱ ହେଉଥିବାର ଦୃଷ୍ଟାନ୍ତ କାହାକୁ ଅଜଣା ନୁହେଁ। ଏହା ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ କୁପ୍ରଭାବ ପକାଇବା ନିଶ୍ଚିତ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ମୋ ମତରେ ଯେଉଁ କବିତାକୁ ଥରେ ପଢ଼ି ଦେଲେ ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ ବର୍ଷ ବର୍ଷ ଧରି ଏବଂ ସେ କବିତାରେ ଯୁଗ ଚେତନା ଓ ଯୁଗ ଧର୍ମର ଗୁରୁତ୍ୱ ପ୍ରତିପାଦିତ ହୋଇଥାଏ ସର୍ଜନ କଳାର ପୃଷ୍ଠଭୂମିରେ, ତାହା ହିଁ ଗୋଟେ ଭଲ କବିତାର ସଂଜ୍ଞା । ସାହିତ୍ୟ ହେଉଛି ସମାଜର ଦର୍ପଣ ସଦୃଶ । ଯେଉଁ ସାହିତ୍ୟରେ ସାମାଜିକ ବାସ୍ତବତା, ମାନବିକ ମୂଲ୍ୟବୋଧ ଓ ମଣିଷକୁ ଭଲ ପାଇବାର ବାର୍ତ୍ତା ଓ ପ୍ରେରଣା ଥିବ, ସେହି ସାହିତ୍ୟ ମନୁଷ୍ୟର ମାନସିକତାକୁ ପରିବର୍ତ୍ତନ କରିପାରିବାର ସାମର୍ଥ୍ୟ ରଖିଥାଏ । ସାହିତ୍ୟ ଓ କବିତା ମାଧ୍ୟମରେ ଭାରତୀୟମାନଙ୍କ ମାନସିକତାରେ ପରାଧୀନ ଭାରତରେ ସ୍ୱାଧୀନତା ସଂଗ୍ରାମର ଉତ୍ସାହ-ବାଣୀ ଭାରତୀୟଙ୍କୁ ବହୁଳ ଭାବରେ ବିଦ୍ରୋହୀ ଓ ମୁକ୍ତିଭାବର ଚେତନାରେ ଉଦ୍‌ବୁଦ୍ଧ କରି ରଖିଥିଲା ।

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ଅତ୍ୟନ୍ତ ଆଶାବାଦୀ । ସଂପ୍ରତି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଯୁବ କବି ତଥା ନବପ୍ରସ୍ଥର କବିମାନେ ନିଜ ନିଜ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରୁଛନ୍ତି । ବିଶେଷତଃ କବିତା ଓ ଗଳ୍ପର ପ୍ରେକ୍ଷାପଟ୍ଟରେ ଏମାନଙ୍କ ପ୍ରାଧାନ୍ୟକୁ ସ୍ମରଣ କରାଯାଇ ପାରେ । ଯୁବ କବି ଓ ଯୁବ ଗାଳ୍ପିକଙ୍କ ଲେଖାରେ ଜୀବନର ଘାତ ପ୍ରତିଘାତ, ଜୀବନ ଜିଜ୍ଞାସା, ଦଳିତ ଓ ପ୍ରଗତିଶୀଳ ଚେତନା ଏବଂ ବିଦ୍ରୋହୀ ଭାବର ଚମତ୍କାର ଉନ୍ମେଷ ଘଟିଛି । ସେମାନଙ୍କ ନିର୍ମାଣ କଳା ଓ ଚିତ୍ରକଳ୍ପର ପ୍ରୟୋଗ କବିତା ଓ ଗଳ୍ପକୁ ଏକ ନବଦିଗନ୍ତ ପ୍ରଦାନ କରିଛି ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ଲେଖକକୁ ଉତ୍ସାହିତ ଓ ଅନୁପ୍ରେରିତ କରିଥାଏ । ପୁରସ୍କାର ପ୍ରାପ୍ତିରେ ଲେଖକୀୟ ସତ୍ତା ଓ ଜୀବନର ସର୍ଜନାକଳାରେ ନୂଆ ନୂଆ ଭାବ ଓ ଚେତନାର ଉଦ୍ରେକ ଘଟିଥାଏ ଯାହା ଦ୍ୱାରା ସାମାଜିକ ଜୀବନ ତଥା ମାନବିକ ମୂଲ୍ୟବୋଧରେ ଲେଖକଟି ଆହୁରି ଅଧିକ ନିଜକୁ ଜଡ଼ିତ ରଖିପାରେ । ସାହିତ୍ୟ ମାଧ୍ୟମରେ ସାମାଜିକ ଜୀବନ ଓ ମଣିଷର ଭାବନା ଓ ଚିନ୍ତାଶକ୍ତିରେ ନୂତନ ପ୍ରେରଣା ସୃଷ୍ଟି ହେଉ । ମଣିଷ- ମଣିଷ ମଧ୍ୟରେ ଏକତା ସହନଶୀଳତା, ଶାନ୍ତି, ସଦ୍‌ଭାବ ଓ ବନ୍ଧୁତାର ଉଦ୍ରେକ ହେଉ । ମଣିଷ- ମଣିଷ ଭିତରେ ବିରୋଧାଭାସ ଓ ଶତ୍ରୁତାର ପରିସମାପ୍ତି ଘଟୁ । ସାହିତ୍ୟ ସମସ୍ତଙ୍କୁ ପ୍ରେମ ଓ ମିତ୍ରତାର ବନ୍ଧନରେ ବାନ୍ଧିରଖୁ, ଏହା ହିଁ ମୋ ଆଶା ଓ ବିଶ୍ୱାସ । ❤❤

## ■ ଅଳ୍ପରେ ସୌଭାଗ୍ୟବନ୍ତ ମହାରଣା



ନାମ - ସୌଭାଗ୍ୟବନ୍ତ ମହାରଣା
ପିତା - ଶ୍ରୀଯୁକ୍ତ ସ୍ୱର୍ଗତ ବୃଷଭ ମହାରଣା
ମାତା- ସ୍ୱର୍ଗତା ସୁଭଦ୍ରା ମହାରଣା
ପତ୍ନୀ- ଶ୍ରୀମତୀ ଭାରତୀ ମହାରଣା
ଜନ୍ମ ତାରିଖ - ୧୫ ଅଗଷ୍ଟ ୧୯୫୧
ଜନ୍ମସ୍ଥାନ - ବଲାଙ୍ଗିର ସହରର ତାଲପାଲିପଡ଼ା
ବର୍ତ୍ତମାନର ଠିକଣା - 'ଭାରତୀ ଭବନ', ଶିବମ୍ କଲୋନୀ, ଆୟକର ଭବନ ପଛ, ସମ୍ବଲପୁର- ୭୬୮୦୦୪
ମୋ: ୯୪୩୭୪୫୭୭୩୬

### ପ୍ରକାଶିତ କବିତା ସଂକଳନ

୧.ଶାଗୁଆ କ୍ଷତର ସହର
୨.ମାଟିପର୍ବ (ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ)
୩. ଦୃଶ୍ୟାନ୍ତରର ନାୟକ
୪. ସେଇ ସବୁ ସମୟ
୫. ମାୟା ଦର୍ଶଣ
୬. ଅପରଂପରା
୭.ନୀରବତାର ଚିତ୍ରାଙ୍କନ
୮.ଜହ୍ନରାତିର ଚିତ୍ରଶାଳା
୯.ପ୍ରତି ଈଶ୍ୱର
୧୦.ତୁମ ପାଇଁ ଓ ଅନ୍ୟାନ୍ୟ କବିତା
୧୧. ଅନାବୃତ ଅଜ୍ଞାତବାସ

### ପ୍ରକାଶିତ ସମାଲୋଚନା ଗ୍ରନ୍ଥ

୧. ସ୍ଥାପତ୍ୟ ଓ ସଂଭାର
୨. ସମକାଳୀନ ଓଡ଼ିଆ କବିତା: ଦିଶା ଓ ଦୃଷ୍ଟି
୩. ସାହିତ୍ୟ: ସ୍ୱର ଓ ସ୍ୱରୂପ
୪- ସାହିତ୍ୟ: ସୃଜନ ଓ ସମୀକ୍ଷା
୫.ଓଡ଼ିଆ କବିତାର ପୃଷ୍ଠଭୂମି ଓ ପର୍ଯ୍ୟାଲୋଚନା
୬. ସାହିତ୍ୟ ସମାଲୋଚନା: ଦୃଷ୍ଟି ଓ ଦିଗନ୍ତ
୭. ସମ୍ବଲପୁରୀ କବି ଆର୍ କବିତା: ସିରଜିନାର ସୁରତା



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ସୌଭାଗ୍ୟବନ୍ତ...



ସୁଖୀ ପରିବାର : ପୁଅ, ଦୁଇ ଝିଅ ଓ ପତ୍ନୀଙ୍କ ସହ କବି ସୌଭାଗ୍ୟବନ୍ତ ମହାରଣା...












ପୁସ୍ତକ ଉନ୍ମୋଚନ ଉତ୍ସବ ଓ ପୁରସ୍କାର ଗ୍ରହଣ କରିବାର ମହାର୍ଘ ମୁହୂର୍ତ୍ତରେ କବି ସୌଭାଗ୍ୟବନ୍ତ ମହାରଣା ।

# ଆମ ଭାରତ: ଜୟଭାରତ ସ୍ୱାବଲମ୍ବୀ ଭାରତ

## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ଭାରତ ଆମ ଦେଶ। ବିଶେଷ କରି ଆମ ପୁରାଣ ଶାସ୍ତ୍ରରେ ଜମ୍ବୁଦ୍ୱୀପ ଭାବରେ ଏହି ଦେଶ ବେଶ ଜଣାଶୁଣା। ଏହା ଆମ ବିଶ୍ୱର ସର୍ବପୁରାତନ ଦେଶ ଭାବରେ ବହୁ ଗବେଷକ ମତ ପୋଷଣ କରିଛନ୍ତି । ଏହାର ଉତ୍ପତ୍ତି ସମ୍ପର୍କରେ ବହୁ ଶାସ୍ତ୍ର ଏକାଭଳି ମତ ଦେଇଥାନ୍ତି । ଏହା ସନାତନ କାଳରୁ ଅଛି, ରହିଛି ଓ ଭବିଷ୍ୟତ କାଳକୁ ବି ରହିବ। ଭଗବାନ ନାମକ ଦିବ୍ୟ ପୁରୁଷ ଜଣକ ଅନନ୍ତ ଶୟନରେ ଶୋଇ ରହିଥିଲେ। ତାଙ୍କରି ନାଭିଚକ୍ରରୁ ଜାତ ପଦ୍ମ ପୁଷ୍ପ ଉପରେ ସୃଷ୍ଟି କର୍ତ୍ତା ବ୍ରହ୍ମା ବେଦ ଧାରଣ କରି ପରମାତ୍ମାଙ୍କ ଧ୍ୟାନରେ ଧ୍ୟାନସ୍ଥ ଥିଲେ। ଠିକ୍ ଏ ବେଳରେ ସମସ୍ତ ଅପଶକ୍ତିରୁ ଜନ୍ମ ନେଇଥିଲେ ଦୁଇ ଦାନବ ମଧୁ-କୈଟଭ। ସେମାନେ ଏ ସ୍ଥିର ପ୍ରଳୟାକ୍ରାନ୍ତ ଜଳ ରାଶି ମଧ୍ୟରେ ବ୍ରହ୍ମାଙ୍କ ହାତରେ ଝଲସୁଥିବା ବେଦକୁ ଆଣିବାକୁ କୌଣସି ଧ୍ୟାନସ୍ଥ ବ୍ରହ୍ମାଙ୍କ କରରୁ ବେଦଗ୍ରନ୍ଥକୁ ଚୋରି କରି ପୁଣି ସମୁଦ୍ରର ମହାପ୍ରଳୟ ମଧ୍ୟରେ ହଜିଗଲେ । ଏଣେ ବ୍ରହ୍ମାଙ୍କ ଧ୍ୟାନଭଗ୍ନ ହୁଅନ୍ତେ ବେଦଚୋର ଜଳଜୀବ ମତ୍ସ୍ୟ ଅବତାର ନେଇ ବେଦଚୋରଙ୍କୁ ଖୋଜି ନିପାତ କଲେ । ତତ୍ପରେ ସେହି ଅସୁର ଦ୍ୱୟଙ୍କ ଶବ ଶରୀର ମେଦ ସମୁଦ୍ରରେ ପଡ଼ି ଏକ ଭାସମାନ ମେଦିନୀର ସୃଷ୍ଟି ହେଲା। ସେହି ମେଦ ସୃଷ୍ଟ ମେଦିନୀ ହେଲା ଆଜିକାର ସୃଷ୍ଟି ତଥା ପୃଥିବୀ । କେହି ଏହାକୁ ସୃଷ୍ଟି, ବିଶ୍ୱ, ପୃଥିବୀ ଆଦି ସହ ସପ୍ତଦ୍ୱୀପ ମେଦିନୀ ବୋଲି ବି ବର୍ଣ୍ଣନା କରିଥାଆନ୍ତି । ସେହି ମେଦିନୀ ମଧ୍ୟରୁ ପ୍ରଥମେ କୁଆଡ଼େ ଆମ ଦେଶ ଭାରତ ସ୍ଥିତ ଜମ୍ବୁଦ୍ୱୀପ ସୃଷ୍ଟିହେଲା। ଭାସମାନ ପ୍ରକାଣ୍ଡ ଦୈତ୍ୟଙ୍କର ଶରୀର ଜଳରେ ପତିତ ହେବାରୁ ସମୁଦ୍ର ଜଳର ଅପସାରଣ ହେଲା ଓ ସମୁଦ୍ରର କାୟା ସମ୍ପ୍ରସାରିତ ହେବାକୁ ଲାଗିଲା। କ୍ରମଶଃ ଅନ୍ୟାନ୍ୟ ଦ୍ୱୀପର ସ୍ଥଳଭାଗ ସବୁ ଆଗକୁ ଆସି ଏ ବିଶ୍ୱର ଅନ୍ୟାନ୍ୟ ଦେଶ ସମୂହର ଉତ୍ପତ୍ତି ହେଲା । ଏଥିରୁ ମନେହେଉଛି ପୁରାଣ, ବେଦସାହିତ୍ୟ ବର୍ଣ୍ଣିତ ଆମ ଭାରତବର୍ଷ ସବୁଠାରୁ ଆଗରେ ପ୍ରତିଭାତ ହୋଇଥିବା ସ୍ଥଳଭାଗ ଓ ଏହି ସ୍ଥଳ ଭାଗରେ ହିଁ ପ୍ରଥମେ ସୃଷ୍ଟି ହୋଇଥିଲା ଜୀବ, ଉଦ୍ଭିଦ, ପଶୁପକ୍ଷୀ ଓ ଆଜିର ଶ୍ରେଷ୍ଠ ଋଷି ମନୁଙ୍କର ବଂଶଜ ସନ୍ତାନଗଣ ମନୁଷ୍ୟ ବା ମାନବ । ଏହି କାରଣରୁ ବୋଧେ ଏହି ଭାରତ ଭୂମିକୁ ସନାତନ ଆଖ୍ୟାରେ ଆଖ୍ୟାୟିତ କରିଯାଇଛି । ଏ ଦେଶର ଧର୍ମ, ସଂସ୍କୃତି ମଧ୍ୟ ସନାତନ ନାମରେ ପର୍ଯ୍ୟବେସିତ ହେବାରେ ଲାଗିଛି । ଏ ସବୁ ତ ଆଜିକାଲି ଧର୍ମୀୟ କାହାଣୀ ବୋଲି ପାଶ୍ଚାତ୍ୟ ଦେଶମାନେ ସାଧାରଣରେ କହିଦେଇଥାନ୍ତି । କିନ୍ତୁ ଏସବୁର ଶତପ୍ରତିଶତ ବୈଜ୍ଞାନିକ କାରଣ ସବୁ ରହିଛି । ଏଣୁ ଏସବୁକୁ କେହି ଆଲୋଚନା ପରିସରକୁ ଆଣି ନିଜ ରାଷ୍ଟ୍ରଚେତନାକୁ ଗୌଣ କରିଦେବାର ଯେଉଁ ଆଶଙ୍କା ରହିଛି ତାକୁ ଘାଣ୍ଟିବାକୁ ଉଚିତ ମନେ କରୁନାହାନ୍ତି । ଏ ଛଳରେ ଏକ ଐତିହାସିକଙ୍କ କଥାକୁ ପ୍ରତିପାଦିତ କରିବାକୁ କାହିଁକି କେଜାଣି ପ୍ରବଳ ଇଚ୍ଛା ହେଉଛି । ସେ ଗୋଟିକ ହେଲା ଆଜି ଆମ ପୃଥିବୀର ସବୁଠୁ ଧନାଢ଼୍ୟ ରାଷ୍ଟ୍ର ବୋଲାଉଥିବା ଆମେରିକାର ଜନ୍ମ ତଥା ଆବିଷ୍କାରର କଥା। ସେ କାଳରେ ସମଗ୍ର ପୃଥ୍ୱୀ କେବଳ ଜ୍ଞାନ ସଂସ୍କୃତି ଓ ମାନବ ଧର୍ମ ଚେତନାରେ ଉଦ୍‌ବେଳିତ ଥିବା ଏକମାତ୍ର ଦେଶ ଥିଲା- ତା'ହେଉଛି ଆମ ସନାତନ ଧର୍ମ, ସଂସ୍କୃତି ଓ ଐତିହ୍ୟର ଦେଶ ଭାରତବର୍ଷ । ଯାହାର ଶକ୍ତି ପାଉଥିଲା ସେମାନେ ସମସ୍ତେ ଚାହୁଁଥିଲେ ଏହି ପବିତ୍ର, ସର୍ବଗୁଣ ଧନଧାନ୍ୟ ସମ୍ପର୍ଣ୍ଣ ଦେଶ ଭାରତକୁ ଦେଖିବା, ଛୁଇଁବା ଓ ଏ ମାଟିରେ ବସତି ସ୍ଥାପନ କରିବାକୁ । ସେ ବେଳରେ ତ ଆଜିକାଲି ଭଳି ସ୍ଥଳ ପଥରେ ରାସ୍ତାଘାଟ ନଥିଲା । ସବୁଆଡ଼େ ବସ୍ତୁତଃ ଥିଲା ପର୍ବତ, ଉପତ୍ୟକା, ବଣଜଙ୍ଗଲ, ନଦୀ, ସମୁଦ୍ର ଓ ହ୍ରଦ । କିନ୍ତୁ ଦେଶ ଦେଶ, ମଧ୍ୟରେ ସମ୍ପର୍କର ଏକ ମାତ୍ର ସେତୁ ଥିଲା ଜଳପଥ । ସେ ନଦୀ ହେଉକି ସମୁଦ୍ର ହେଉ ପାଣିରେ ଭାସି ପାରୁଥିବା କାଠ ବାଉଁଶରେ ଡଙ୍ଗା, ଭେଳା ବା ବୋଇତଟିଏ କରି ନଦୀ ମୁହାଁଣରୁ ହେଉ କି ସମୁଦ୍ର ବେଳାଭୂମିରୁ ଜଳପଥରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ବୋଇତ ବାନ୍ଧିଯିବା ଅତି ସହଜ ଥିଲା । ପୁଣି ଆଜିକାଲିକା ପେଟ୍ରୋଲ ଡିଜେଲ, ସୌର କିବା ବିଦ୍ୟୁତ୍ ଶକ୍ତିଚାଳିତ ପରିବହନ ଖର୍ଚ୍ଚ ନ ପଡ଼ିବା ଯୋଗୁଁ ପବନ ଚାଳିତ ଭେଳାଦିରେ ସୁବିଧାରେ ପହଁରି ହେଉଥିଲା । କିନ୍ତୁ ଅସହଜ ଥିଲା ଝଡ଼ ତୋଫାନ ବେଳରେ ନୌକା ବା ଜଳ ଜାହାଜ ଯାତ୍ରା । ସମଗ୍ର ପୃଥ୍ୱୀର ଅଧିକାଂଶ ଭାଗ ସମୁଦ୍ର ଘେରିତ ଯେତେ ସବୁ ସ୍ଥଳଭାଗ ଥିଲା ସବୁଠି ମନୁଷ୍ୟ ନଥିଲେ । ଜନସଂଖ୍ୟାର ବୃଦ୍ଧି ଫଳରେ କ୍ରମଶଃ ଅନ୍ୟତ୍ର ଦ୍ୱୀପ ଉପଦ୍ୱୀପମାନଙ୍କରେ ବସବାସ କରିବାକୁ ଚାହିଁ ଉପନିବେଶ ସ୍ଥାପନ କରିବାକୁ ଚାହୁଁଥିଲେ । ପୁଣି ଅନ୍ୟ ଦ୍ୱୀପ ଉପଦ୍ୱୀପ –ଦେଶ ବିଦେଶରୁ ସହଜ ସୁବିଧା ଓ ଶସ୍ତାରେ ମିଳୁଥିବା ସାମଗ୍ରୀ ସବୁକୁ ନିଜ ଦେଶକୁ ଆଣି ଅଧିକା ଚାହିଦା ଥିବା ଯାଗାରେ ବିକ୍ରୀ କଲେ ଲାଭ ମଧ୍ୟ କରିଥାଆନ୍ତି । ଏମିତିକି ବହୁ ମୂଲ୍ୟବାନ ଦ୍ରବ୍ୟ ସମୁଦ୍ରକୁ ସୁନା, ରୂପା, ମୁକ୍ତା, ମଣି, ହୀରା, ନୀଳା ଆଦିକୁ ସଂଗ୍ରହ କରି ନିଜ ଦେଶକୁ ସମୃଦ୍ଧ କରିଥାଆନ୍ତି। ଏଥିପାଇଁ ଆରମ୍ଭ ହୋଇଥିଲା ନୌବାଣିଜ୍ୟ ଓ ନୌପରିବହନ ବ୍ୟବସ୍ଥା । ଭାରତର ଅନ୍ୱେଷଣରେ ଖୋଜିଖୋଜି କଲମ୍ବସ କ୍ରିଷ୍ଟୋଫର ୧୪୯୨ ଖ୍ରୀ.ରେ ସ୍ପେନ୍‌ରୁ ନୌଯାତ୍ରା ଆରମ୍ଭ କରି ପଶ୍ଚିମ ଗୋଲାର୍ଦ୍ଧର କେତେକ ଦେଶକୁ ଆବିଷ୍କାର କରି ଭାବିଲେ ଯେ, ଏ ଦେଶ ନିଶ୍ଚିତରେ ଭାରତ ଦେଶ । କିନ୍ତୁ ସେ ଆଗରୁ ଯାହା ଭାରତୀୟଙ୍କ ଉପରେ ଜ୍ଞାନ ଥିଲା ଯେ, ସେମାନେ ଗ୍ରୀଷ୍ମ ମଣ୍ଡଳୀୟ ଦେଶର ନାଗରିକ ହେବା ଯୋଗୁଁ ବର୍ଣ୍ଣରେ ବିଶେଷରେ କୃଷ୍ଣକାୟ ହିଁ ହେବେ । ଆବିଷ୍କୃତ ଦେଶ ଦୁଇଟିର ଲୋକଙ୍କ ବର୍ଣ୍ଣ ଥିଲା ଲୋହିତ ବର୍ଣ୍ଣ। ଏଣୁ ଭାରତବାସୀଙ୍କ ଉତ୍ସୁକତାରେ ସେ ସେମାନଙ୍କୁ 'ରେଡ ଇଣ୍ଡିଆନ' ବା ଲୋହିତ ଭାରତୀୟ କହିବାକୁ ଲାଗିଲେ ଆଉ ଭାବିଲେ ଯେ, ସେ ଭାରତର ପାଖାପାଖି ହେଲେଣି । କଲମ୍ବସଙ୍କ ଜଳଯାତ୍ରାରେ ଭାରତ ବୋଲି ଯେଉଁ ଦେଶ ଆବିଷ୍କାର ହେଲା- ତା'ହେଲା ଲୋହିତ ଭାରତୀୟଙ୍କ ଦେଶ ତଥା ଆଜିର ଆମେରିକା । ଏହି ନୌଯାତ୍ରାର ସାକ୍ଷୀ ସ୍ୱରୂପ ଏଯାବତ୍ କଲମ୍ବିଆ ରହିଛି । ଏହି କଲମ୍ବିଆ ଦେଶର ନାମ ଇତିହାସର ନୌବଣିକ ଆବିଷ୍କାରକ କଲମ୍ବସ୍‌ଙ୍କ ନାମ କ୍ରମରେ ହୋଇଥିବା ଜଣାଯାଏ । ସେଭଳି ଆଉ ଜଣେ ମଣ୍ଡିକେଭିୟାର ନାବିକମାନେ ଉତ୍ତର ଆମେରିକାର କୌଣସି କୌଣସି ଅଞ୍ଚଳରେ ପ୍ରାୟତଃ ୧୦ମ ଶତାବ୍ଦୀ କାଳରେ ନୌବହର ନେଇ ପହଞ୍ଚିଥିଲେ ମଧ୍ୟ ଭାରତରେ ପ୍ରବେଶ କରିପାରିନଥିଲେ । ପୁଣି ୧୨୬୬ ଖ୍ରୀ.ଅରେ ମଧ୍ୟ ଡେନମାର୍କର କେତେକ ନାବିକ ଗ୍ରୀନଲ୍ୟାଣ୍ଡର ଉପନିବେଶ ସ୍ଥାପନ କରି ୧୨୬୮ ଆଉ ଦୁଇବର୍ଷ ପରେ ଅନ୍ୟ ଏକ ଉପଦ୍ୱୀପ ଆବିଷ୍କାର କରିଥିଲେ ଯାହାର ନାଁ ଥିଲା 'ନ୍ୟୁ ଫାଉଣ୍ଡଲ୍ୟାଣ୍ଡ' । ଏସବୁ ଆବିଷ୍କାରର କଥା କଲମ୍ବସ୍‌ଙ୍କ ଆମେରିକାର ଆବିଷ୍କାର ପରେ ଲୋକଲୋଚନକୁ ଆସିଥିଲା । କିନ୍ତୁ ଯେତେସବୁ ନୌବହରର ଜ୍ଞାନ ପାଇଁ ଉଦ୍ଦିଷ୍ଟ । ଆମ ଦେଶ ଭାରତରେ ନୌଯାତ୍ରା ମଧ୍ୟ ଥିଲା ଅପ୍ରତିହତ । ମଧ୍ୟ ଆମେରିକାରେ ଏ ସବୁର ବହୁ ଅତୀତ କାଳରୁ ଏମିତିକି ଖ୍ରୀଷ୍ଟପୂର୍ବ ସମୟରୁ ଆମ ଦେଶର ଦକ୍ଷିଣ ଭାରତୀୟ ମାନେ ଉପନିବେଶ ସ୍ଥାପନ କରିଥିବାର ପ୍ରମାଣ ରହିଛି। ସେଠିକା ମାୟା ଓ ଆକଟେକ୍ ସଭ୍ୟତା ବସ୍ତୁତଃ ଆମ ଭାରତୀୟ ପୂର୍ବଜ ଥିବା ଗବେଷକମାନେ ମତପୋଷଣ କରନ୍ତି । ଆମ ଭାରତୀୟ ସଂସ୍କୃତି ଓ ସଭ୍ୟତା ସହ ସେମାନଙ୍କ ଚଳଣି ଓ ଧାର୍ମିକ ଭାବନା ଏବେ ବି ପ୍ରାୟ ସମାନ ରହିଥିବା ଦେଖାଯାଏ। ଏଥିସହିତ ଆମ ପୂର୍ବ କଳିଙ୍ଗର ନୌଯାତ୍ରା ଯେ କେବଳ ଇଣ୍ଡୋନେସିଆନ୍ ଦେଶମାନଙ୍କ ସହ ରହିଥିଲା ଏମିତି ନୁହଁ ଭାରତବାସୀ ତଥା କଳିଙ୍ଗୀ ମାନେ ଚୀନ, ଜାପାନ, ୟୁରୋପ ଓ ପୃଥିବୀରୁ ଊଣା ଅଧିକେ ସମସ୍ତ ଦେଶମାନଙ୍କ ସହ ଧର୍ମ, ସଂସ୍କୃତି, ବାଣିଜ୍ୟ ବେପାର ପାଇଁ ସମ୍ପର୍କ ରଖିବାରେ ବିଶେଷ ପାରଙ୍ଗମ ଥିଲେ । ସନାତନ ସଂସ୍କୃତି, ଧର୍ମ ଓ ବୌଦ୍ଧଧର୍ମର ବିଚ୍ଛୁରଣ ପାଇଁ ଆମ ଭାରତୀୟ ମାନଙ୍କର ବହୁ ସାମର୍ଥ୍ୟ ରହିଥିଲା ତା ଯେକେହି ସ୍ୱୀକାର କରିବ । କଳିଙ୍ଗ ନୌବାଣିଜ୍ୟର ସଂସ୍କୃତି- ଆମକୁ ଅନ୍ତର୍ଜାତୀୟ ରେଶମ ପଥ (ସିଲ୍କ ରୁଟ୍)ରେ ପ୍ରବେଶ କରାଇ ଏ ଦେଶକୁ ଧନଧାନ୍ୟରେ ଭରିଦେବାରେ ସହାୟକ ଥିଲା, ଏହା ଆଦୌ ଅତିରଞ୍ଜିତ ବିଜ୍ଞାପନ ନୁହଁ । ଏଥିରୁ ସମ୍ଭବତଃ ସୃଷ୍ଟି ହେଇଛି ଏକ ଅନନ୍ୟ ରୂପକଳ୍ପ 'କଳିଙ୍ଗା ସାହାସିକା' । ଆମେରିକାର ରୂପଚିହ୍ନ ରେଡଇଣ୍ଡିଆନଙ୍କ ନାମାନ୍ତରଣରୁ ଆରମ୍ଭ ହୋଇଥିଲା ପରି ଇଣ୍ଡୋନେସିଆ-ଏହି ଭାରତୀୟ (ତଥା ଇଣ୍ଡିଆନ)ଙ୍କ ଠାରୁ ସୃଷ୍ଟି ହେଇଥିବା ସେ ଦେଶର ଧର୍ମ ସଂସ୍କୃତି ଉପନିବେଶ ଆଦିରୁ ସ୍ପଷ୍ଟ ପ୍ରତିପାଦିତ । କଲମ୍ବସ୍ ଇଟାଲୀୟ ଥିଲେ ମଧ୍ୟ ସ୍ପେନ ସାହଚର୍ଯ୍ୟରେ ଭାରତରେ ପହଞ୍ଚିବା ପାଇଁ ଯେଉଁ ନୌଯାତ୍ରା କରି ଆମେରିକାରେ ପହଞ୍ଚି ଯାଇଥିଲେ, ତା'ଆଣିଦେଇଥିଲା ତାଙ୍କ ମନରେ ତୃପ୍ତିର ଝଲକ । କିନ୍ତୁ ଯେତେବେଳେ ସେ ଜାଣିଲେ ଯେ ଏହା ଭାରତ ନୁହେଁ ସେ ପୁଣି ତାଙ୍କ ଯାତ୍ରା ଆରମ୍ଭ କରିଥିଲେ – ଭାରତରେ ପହଞ୍ଚିବା ପାଇଁ । ଆଜି ଆମେ ଯେଉଁ ଯୁକ୍ତରାଷ୍ଟ୍ର ଆମେରିକା ଦେଖିବାକୁ ପାଉଛେ, ସେ ଥିଲା ଅନ୍ୟ ଜଣେ ଇଟାଲିୟ ନାବିକ ଆମେରିଗୋ ଭେସପୁଚିଙ୍କ ଆବିଷ୍କାର ତାଙ୍କ ନାମରେ ନାମ ଏହି କଲମ୍ବିଆ ଦେଶ । କଲମ୍ବସ୍‌ଙ୍କ ପ୍ରାୟତଃ ସମାନ କାଳ ତଥା ପଞ୍ଚଦଶ ଶତାବ୍ଦୀର ଶେଷ ପ୍ରାନ୍ତ ଆଡ଼କୁ ଆମେରିଗୋଙ୍କ ଦ୍ୱାରା ଏହାର ପରିଚୟ ହୋଇଥିଲା । ଲୋକେ କହିବାକୁ ଲାଗିଲେ 'ଆମେରିଗୋଙ୍କ ଦେଶ ଆମେରିକା'। ଆମେରିକା ଜନଶୂନ୍ୟ ଥିଲା କହିଲେ ଚଳେ । ଆମେରିକାର ଆବିଷ୍କାର ପରେ ବିଭିନ୍ନ ଦେଶରୁ ଲୋକମାନେ ଯାଇ ଆମେରିକାରେ ଉପନିବେଶ କରି ରହିଲେ । ଏଥିରେ ବେଶି ଥିଲେ ସ୍ପେନୀୟ ଓ ଇଟାଲୀୟ । ଭାରତଠାରୁ ବହୁ ପଛରେ ଜନ୍ମ ନେଇଥିବା ଆମେରିକା ଆଜି ଆମ ଉପରେ ଟିକଜ ରାଜ ଦେଖାଇ ମାଲିକ ହେବାକୁ ଚାହୁଁଛି । ତାହା କ'ଣ ସତରେ ସମ୍ଭବ ହେବ । କଦାପି ନୁହଁ ଭାରତ ମାତାର ସନ୍ତାନ ଭାବରେ ଆମେ ନିଶ୍ଚିତ କାହାରି ଗୋଡ଼ାଣିଆ କି ବୁକୁଟା ବୁହା ନହୋଇ ଆମ ଦେଶ ଗୌରବର ସୁରକ୍ଷା କରିବା ଓ ନିଶ୍ଚିତ ଭାବେ ସ୍ୱାବଲମ୍ବୀ ହେବାର ଶପଥ ନେବା ।

♥ ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି
ମୋ:୯୩୩୭୯୬୦୬୮୮

## ଆଲୋଚନା...

# କବି ସିଦ୍ଧେଶ୍ୱର ପଣ୍ଡାଙ୍କ 'ଭଙ୍ଗା ଭାରତ' ଏକ ସୂକ୍ଷ୍ମ ଆକଳନ

## ବନମାଳୀ ସେନାପତି




କବିତା ଏକ କଳା । କବିତା କବି ହୃଦୟର ସ୍ୱଚ୍ଛଳ ଅଭିବ୍ୟକ୍ତି, ରସମୟ ପରିପ୍ରକାଶ, ଏକ ବର୍ଣ୍ଣାଢ଼୍ୟ ତାଜମହଲ। କବିତା ସମସ୍ତଙ୍କ ମାଦକଦ୍ରବ୍ୟ ଠାରୁ ଅଧିକ ଉତ୍କଟ ନିଶା । ସେ ନିଶା ଯେ ଦାନ କରିଛି ସେ ପାଗଳ ହୋଇଛି । ତେଣୁ କବି ତ କବିତା ପ୍ରେମରେ ଉବୁଟୁବି ହୋଇ ଗାଇ ଚାଲେ ଜୀବନ ସଂଗୀତା, ସେହିଭଳି କବିତା ପ୍ରେମରେ ଜଣେ ବାଇଆ ହେଉଛନ୍ତି ଶ୍ରୀ ସିଦ୍ଧେଶ୍ୱର ପଣ୍ଡା । ପେଶାରେ ଶିକ୍ଷକ, ନିଶାରେ କବି । ସେ କବି ପ୍ରାଣ ଶିକ୍ଷକ ଆଉ ଶିକ୍ଷକ ପ୍ରାଣ କବି ।

'ଜୀବନ ଖୋଜା'ରୁ ତାଙ୍କର କାବ୍ୟଯାତ୍ରା 'ଭଙ୍ଗା ଭାରତ' ପର୍ଯ୍ୟନ୍ତ ପ୍ରସାରିତ । ତିନି ଦଶନ୍ଧି ଧରି ଚଳଚଞ୍ଚଳ ତାଙ୍କ କଲମ । 'ଭଙ୍ଗା ଭାରତ' କବିତା ସଂକଳନ ହେଉଛି ତାଙ୍କର ୪ର୍ଥ ସୃଷ୍ଟି । ଏଥିରେ ସ୍ଥାନିତ ହୋଇଛି ବୟାଳିଶିଟି କବିତା। ପ୍ରତ୍ୟେକ କବିତାରେ କବି ତାଙ୍କର କାବ୍ୟ ଚାତୁରୀ ପ୍ରଦର୍ଶନ କରିଛନ୍ତି ।

କବିତା ବଂଚି ରହିବାର ଶବ୍ଦଉତ୍ସ । ଶବ୍ଦ ବ୍ରହ୍ମରୁ ସୃଷ୍ଟି ହୁଏ କବିତା । ଏହାର ଭାବ ଭୂମି ଅତ୍ୟନ୍ତ ଗଭୀର । କବିଟିଏ କବିତାରେ ଜିଏଁ କବିତାରେ ମରେ । ତେଣୁ କବି ତାଙ୍କ ପ୍ରଥମ କବିତା 'ମୋତେ ବଞ୍ଚେଇ ରଖିଛି କବିତା'ରେ ସେ ଲେଖିଛନ୍ତି-

*ମୋର ଯାବତୀୟ ଦୁଃଖ / ବର୍ଷବର୍ଷର ଅସହାୟତା ଭିତରୁ / ରକ୍ଷା କରିଛି ମୋତେ କବିତା । + + + ସ୍ୱାର୍ଥପର ସମୟର ଶାଗୁଣା/ ଖୁଂପି ଖୁଂପି ଖାଏ ଯେବେ / ମୋର ସ୍ୱପ୍ନର ଶରୀର / ନିରୁପାୟ ନିର୍ଯାତନାର / ଗହ୍ୱରରୁ ମୋତେ ଟେକି ଧରେ / କବିତାର ଅଦୃଶ୍ୟ ଧ୍ୱନି/ ଓ ମୁଁ ପୁଣି ଉର୍ଜା ପାଏ / ନିଜ ଭିତରେ ନିଜେ ସ୍ଥିର ହୋଇଯାଏ /'ମୋତେ ବଂଚାଇ ରଖିଛି କବିତା' ।*

ଯେତେବେଳେ ଶବ୍ଦ ସବୁ ପାଟିରୁ ବାହାରିବା ବନ୍ଦ ହୋଇଯାଏ, ସେତେବେଳେ ସମସ୍ତ ବ୍ୟଥା ବେଦନାକୁ ଆଖିରୁ ଭାଷା ହିଁ ଢ଼ାଳିଦିଏ ଲୁହ ରୂପରେ ଯାହା କବି ତାଙ୍କ ଦ୍ୱିତୀୟ କବିତା 'ଲୁହର ଦୃଶ୍ୟ'ରେ ପ୍ରକାଶ କରିଛନ୍ତି ।

*ଯନ୍ତ୍ରଣା ଯେଉଁଠି ବି ହେଉ / ଆଖି କହିଦେବ ଭିତିରି କଥା / ଶବ୍ଦମାନେ ଯେବେ ମୂକ ପାଲଟି ଯାଆନ୍ତି / ସେବେ ଆଖି ହିଁ କହିବ/ ଦଳିମକଟି ଥିବା ବ୍ୟଥା ବିଧୂର/ ଜୀବନର ନିର୍ବାକ ଭାଷା ।*
(ଲୁହର ଦୃଶ୍ୟ-ପୃଷ୍ଠା-୧୬)

ଛୋଟ ଛୋଟ ଶିଶୁମାନଙ୍କୁ ଭବିଷ୍ୟତର ସୁନାଗରିକ କରି ତୋଳିବାର ଭାର ବହନ କରିଥିବା ଶିକ୍ଷକ ସେ । ତାଙ୍କ ଭିତରେ ପ୍ରତିବାଦର ସ୍ୱର ସୃଷ୍ଟି ହୋଇଛି ଆଉ ଭୋକର ଭୂଗୋଳ ମଧ୍ୟରେ ତାଙ୍କ ଶବ୍ଦର କାନ୍‌ଭାସରେ ସେ ଆଙ୍କିଛନ୍ତି ନଗଡ଼ାର ଚିତ୍ର ।

*'କାହିଁକି ସେମାନେ ଭୋକରେ / ତୁଙ୍ଗାଆଳୁ ଖାଆନ୍ତି / ଚାକୁଣ୍ଡା ଶାଗ, ମାଟିଆଳୁ, ପତ୍ର ବି ଖାଆନ୍ତି / ସେମାନଙ୍କୁ ମିଳେନା ପନିପରିବା / ଭୋକରେ ଯାହା ମିଳେ / ଏପରିକି ବଗଡ଼ା ଚାଉଳର ଭାତ/ ପୋକଖିଆ ଡାଲି ।'*
(ନଗଡ଼ାର କଥା)

କବିଙ୍କୁ ବ୍ୟଥିତ କରିଛି ସମାଜର ବଡ଼ପଣ୍ଡା ମାନଙ୍କର ନିଷ୍ଠୁର ବ୍ୟବହାର । କ୍ଷମତାର ସିଡ଼ିରେ ଚଢ଼ି ନିଜ ସ୍ୱାର୍ଥ ସାଧନ ପାଇଁ ଦେଶ ପ୍ରେମର ନାରା ଦିଅନ୍ତି ଆଉ ଦୁର୍ନୀତିର ଚରମ ସୀମାରେ ଉପନୀତ ହୋଇ, ଦୁର୍ନୀତି ନିବାରଣର ବକ୍ତବ୍ୟରେ ଜନସାଧାରଣଙ୍କ ହାତର ତାଳି ହାସଲ କରନ୍ତି । ଏସବୁ ଦେଖି କବି ଅଣନିଶ୍ୱାସୀ ହୋଇଯାଇଛନ୍ତି ।

ସେ କହୁଛନ୍ତି-

*ଅଗଷ୍ଟ ପନ୍ଦର ନାଆଁରେ/ ଏଠି ବୁଲୁଛି ମୁଖାପିନ୍ଧା ବାଘ ଦଳଦଳ / ନୀଳବର୍ଣ୍ଣ ଶୃଗାଳ / ହରେକ ରଂଗର ସାପ ଓ ସେମାନଙ୍କ / ଦେଶସାରା ଚରିଗଲାଣି ଗଣତନ୍ତ୍ରର ବିଷ/ ଅଗଣିତ ପୋକ !" (ଅଗଷ୍ଟ ପନ୍ଦର ଆସିଲେ)*

ମାଆ ବୁଝିପାରେ ସନ୍ତାନର ଦୁଃଖ । ତା ବାତ୍ସଲ୍ୟ ପ୍ରେମରେ ଚିରକାଳ, ସେ ଘଣ୍ଟ ଘୋଡ଼େଇ ରଖେ ତା ସନ୍ତାନକୁ। ସେ ହିଁ କେବଳ ପଢ଼ିପାରେ ସନ୍ତାନର ମାର୍ମିକ ବେଦନା, ସେ ସମୁଦ୍ର ପରି ଅଜାଡ଼ିଦିଏ ଆଶୀର୍ବାଦର ଢେଉ । ତା' ଭଲ ପାଇବା ନିର୍ଭେଜାଲ । ଟିକିଏ ବି ଖାଦ ନ ଥାଏ ସେଥିରେ ସେ ଧରିତ୍ରୀ । ସେ ସର୍ବସଂହା । ସେ ଅନନ୍ୟ, ତା' ପରି ଅନ୍ୟ କେହି ବି ହୋଇ ପାରିବେନି । ଏହି ପରିପ୍ରେକ୍ଷୀରେ କବି ତାଙ୍କ କବିତା 'ମାଆ କଥା ଭାବେ'ରେ ପ୍ରକାଶ କରିଛନ୍ତି ।

*'ମାଆ ତ ସମୁଦ୍ର / ନ ମାଗିଲେ ବି ଅଜାଡ଼ି ଦିଏ / ଅନ୍ତରଙ୍ଗ ଈଶ୍ୱର ପରି ! / କହି ପାରୁନଥିବା ଟୁକୁଡ଼ା ଟୁକୁଡ଼ା ଦୁଃଖକୁ / ଅକ୍ଳେଶରେ ବୁଝିପାରେ ମାଆ/ ସେଇଥି ପାଇଁ ତ / ମାଆ ଭଳି/ ଅନ୍ୟ ନାରୀମାନେ ହୋଇ ପାରନ୍ତିନି ।"* (ମାଆ କଥା ଭାବେ)

ପରାଧୀନ ଭାରତରେ ରାମରାଜ୍ୟର ସ୍ୱପ୍ନ ଦେଖି ସ୍ୱାଧୀନତା ମିଳିଲା ପରେ ତାହା ପାଇବାର ଆକାଂକ୍ଷା ଧୂଳିସାତ ହୋଇଛି । ଗୋଟିଏ ରାବଣ ବଦଳରେ ଶହଶହ ରାବଣଙ୍କ ସୃଷ୍ଟି ହୋଇଛି ନିଜ ସ୍ୱାର୍ଥ ସାଧନ ପାଇଁ ଦେଶ ସହ ବେଇମାନୀ କରିବାକୁ କେହି ପଚାଉ ନାହାନ୍ତି । ଦେଶ ଖଣ୍ଡ ବିଖଣ୍ଡିତ ହେଇଯାଉ କିନ୍ତୁ ସେମାନଙ୍କ ସ୍ୱାର୍ଥ ସାଧନ ହେଉ, ଏଇ ନ୍ୟାୟରେ ଗଣତନ୍ତ୍ର ଆଜି ପହଞ୍ଚି ଯାଇଛି । କବି ସମାଜର ସାମାଜିକ ବ୍ୟବସ୍ଥାରେ ବୀତସ୍ପୃହ ହୋଇ ତାଙ୍କ 'ଭଙ୍ଗା ଭାରତ' କବିତାରେ ଲେଖିଛନ୍ତି-

*ଭାଙ୍ଗି ଭାଙ୍ଗି ଗଲାଣି ଭାରତ / ତା' ଦେହରେ ସବୁଠି ଫଟା ଦାଗ, କଟା ଦାଗ/ ତାର ଛିଣ୍ଡା ପଣତ ସାରା / ରକ୍ତର ଅସରନ୍ତି ଚିହ୍ନ/ କେତେଦିନ ମରାମତି କରି / ଘଷିମାଜି ଜୀଇଁବ ମାଆଟିଏ / ଅଜସ୍ର ଭୋକ, ଶୋଷ ଓ ଶୋଷଣ ଭିତରେ / ବିଭତ୍ସ ରୂପ ଧରି /ଆଉ କେତେ ନିର୍ଯ୍ୟାତିତା ହେବ ସେ ?* (ଭଙ୍ଗା ଭାରତ)

କବିତା ସଂକଳନଟିର ପ୍ରତ୍ୟେକଟି କବିତା ସମାଜର ଘଟି ଚାଲିଥିବା ଘଟଣା ପ୍ରବାହର ଗୋଟିଏ ଗୋଟିଏ ଝଲକ, ସମସ୍ତ କବିତା ସୁଖ ପାଠ୍ୟ । ଆସ, ଆମେ ଆଶା କରିବା ଏହା ବହୁଳ ପାଠକୀୟ ସ୍ୱୀକୃତି ଲାଭ କରୁ ।



♥ ସମ୍ପାଦକ 'ପରାଗ', କେନ୍ଦ୍ରାପଡ଼ା
ମୋ: ୯୪୩୭୨୭୬୨୨୬

## ଶବ୍ଦପତ୍ର — ପୂଜା ପତ୍ରିକା ସମୀକ୍ଷା




### ସୃଜନ ସ୍ୱପ୍ନ

ସମ୍ପାଦିକା :
ଦେବଶ୍ରୀ ଧଳ
ଠିକଣା : ଏଲ୍ ବି ୨୨୬, ବରଗଡବ୍ରିଟ୍ କଲୋନୀ, ବରଗଡ, ଭୁବନେଶ୍ୱର-୧୮
(ମୋ) ୮୮୯୫୮୨୬୦୨୯

"ଶିକ୍ଷିତ ଉଚ୍ଚ ଶିକ୍ଷିତ ପରିବାରରେ ଓଡ଼ିଆ ଭାଷାର ପ୍ରଚଳନ ପ୍ରାୟ ସଂକୁଚିତ । ସେମାନଙ୍କ ପୁଅ, ଝିଅ, ନାତି, ନାତୁଣୀ କେବଳ ଇଂରାଜୀ ଲେଖିବେ, ପଢ଼ିବେ । ମାତୃଭାଷା ଓଡ଼ିଆ ସେମାନଙ୍କର ମୌଖିକ ଭାଷା । ପୂର୍ବେ ଇଂରାଜୀରେ ଚିଠି ଖଣ୍ଡେ ଆସିଲେ ପଢ଼ିବା ପାଇଁ ଲୋକ ଖୋଜା ହେଉଥିଲେ । ଏପରିକି ଓଡ଼ିଆର ଚିଠି ଖଣ୍ଡେ ମଧ୍ୟ ପଢ଼ିବା ପାଇଁ ଲୋକ ଦରକାର ହେଉଥିଲେ । ଏବେ ତ ସେଇ ଅବସ୍ଥା ହେବାକୁ ଯାଉଛି । ଆମ ଇଂରାଜୀ ପଢୁଆ ବର୍ତ୍ତମାନ ଓ ଭବିଷ୍ୟତମାନେ ଓଡ଼ିଆର ଚିଠି ଖଣ୍ଡିଏ ପଢେଇବା ପାଇଁ ଲୋକ ଖୋଜିବେ । ଓଡ଼ିଆ ବହିଟିର ନାମ କଣ ଓ ତା' ଭିତରେ କଣ ବିଷୟ ଅଛି ଏବଂ ଲେଖକ କିଏ ତାହା ମଧ୍ୟ ଅନେକ ଓଡ଼ିଆ ଶିକ୍ଷିତ ପିଲାଙ୍କ ଜ୍ଞାନର ବାହାରେ । ତେବେ ଏସବୁ ହେବା ପାଇଁ ଦାୟୀ କିଏ ? ଏହି ଦାୟିତ୍ୱହୀନତା ହେତୁ ଏ ଦେଶକୁ ଅନାର୍ଯ୍ୟମାନେ ବର୍ଷ ବର୍ଷ ଧରି ଆମ ଭାରତୀୟଙ୍କୁ ଶାସନ କଲେ ଏବଂ ସେମାନଙ୍କର କ୍ରୀତଦାସ କରି ଭାରତର ଶିକ୍ଷା ସଂସ୍କୃତି ଗୌରବ ଓ ଗରିମାକୁ ଧୂଳିସାତ୍ କରିଦେଇଗଲେ" ବୋଲି ବକ୍ତବ୍ୟ ରଖିଛନ୍ତି ସୃଜନ ସ୍ୱପ୍ନର ସମ୍ପାଦିକା ଦେବଶ୍ରୀ ଧଳ, ଯାହା ନିଶ୍ଚିତ ଭାବେ ଚିନ୍ତାଶୀଳ ପାଠକଙ୍କୁ ଚିନ୍ତା କରିବାକୁ ବାଧ କରିବ ।

ପତ୍ରିକାଟି ୨୭୪ ପୃଷ୍ଠା ସମ୍ବଳିତ ହୋଇଥିବା ବେଳେ ଏହାର ପ୍ରଚ୍ଛଦ ଅତ୍ୟନ୍ତ ସୁନ୍ଦର ଓ ଭାବୋଦ୍ଦୀପକ ହୋଇଛି ।

ଏଥିରେ ସୃଜନ ସଂସ୍କୃତି ସ୍ତମ୍ଭରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଡ. ସୁରେଶ ଚନ୍ଦ୍ର ପଣ୍ଡା, ଡ. ଦେବାଶିଷ ପାଣ୍ଡିଆ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ସୁଶାନ୍ତ କୁମାର ସ୍ୱାଇଁ ଓ ଡ. ସଂଜୀବ କୁମାର ପାଣିଗ୍ରାହୀଙ୍କ ଲେଖା ସ୍ଥାନିତ ହୋଇଛି ।

ସୃଜନ ଆଳାପରେ କବି ଜଳଧର ସ୍ୱାଇଁ ଓ ଲେଖିକା ସଂଯୁକ୍ତା ମହାନ୍ତିଙ୍କ ସାକ୍ଷାତକାର ପ୍ରକାଶ ପାଇଥିବା ବେଳେ କାବ୍ୟ ସୃଜନରେ ନୃସିଂହ ତ୍ରିପାଠୀ, ଡ. ଗୌତମ ଜେନା, ଅମରେନ୍ଦ୍ର ଖଟୁଆ, ଡ. ନୀତା ବହିଦାର, ଡ. ଦିଲ୍ଲୀପ କୁମାର ସ୍ୱାଇଁ, ଡ. ହିମାଂଶୁ ପଟ୍ଟନାୟକ, ରକ୍ଷକ ନାୟକ, ଦେବେନ୍ଦ୍ର କୁମାର ବାଉରୀ, ସୁଧାଂଶୁ ଅଶୋକ, ଭରତ ବେହେରା, କ୍ଷମାନିଧି ଭୋଇ, ସୁଶାନ୍ତ ନାୟକ, ବ୍ରହ୍ମାନନ୍ଦ ବେହେରା, ସ୍ୱୟଂପ୍ରଭା ରଥ, ଅଂଜଳିପ୍ରଭା ପଟ୍ଟନାୟକ, ସିଦ୍ଧେଶ୍ୱର ପଣ୍ଡା, ପ୍ରଭାତ ନଳିନୀ ମହାପାତ୍ର, ବିଦ୍ୟୁତ ଲତା ଦାସ, ନୃସିଂହ ତରାଇ, ବିଜୟ କୁମାର ବହଳି, ମନୋଜ ପଟ୍ଟନାୟକ, ଶ୍ରୀକାନ୍ତ ଜେନା ପ୍ରମୁଖଙ୍କ ଲେଖା ପ୍ରକାଶ ପାଇଛି ।

କଥା ସୃଜନରେ ଦେଶବନ୍ଧୁ ସ୍ୱାଇଁ, ଅରବିନ୍ଦ ରାୟ, କୈଳାସ ରାଉତ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ରମେଶ ପଟ୍ଟନାୟକ, ସୁନୀତା କର, ସଂଯୁକ୍ତା ମହାନ୍ତି, ସଚ୍ଚିଦାନନ୍ଦ କର, ବୀରେଶ୍ୱର ମହାନ୍ତି, କମଳା ଶତପଥୀ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ମୌସୁମୀ ପରିଡା, ଅଜୟ ମହାପାତ୍ର, ହଂସନାଥ ମୁଦୁଲି, ଦାଶରଥୀ ଭୂୟାଁ, ବିପିନ ବିହାରୀ ମହାନ୍ତି, ସୀମାଞ୍ଚଳ ଦାଶ, ଜନ୍ମେଜୟ ବାବୁଙ୍କ ବହୁ ମନୋଜ୍ଞ ଗଳ୍ପ ପ୍ରକାଶ ପାଇଛି ।

ଗୀତି ସୃଜନରେ ହରିଶ୍ଚନ୍ଦ୍ର ବେହେରା, ଉମାକାନ୍ତ ନାୟକ, ଡ. ଲିଙ୍ଗରାଜ ରଥ, ବାବାଜୀ ଚରଣ ଜେନା, ଶ୍ରୀମତୀ ବସନ୍ତ ମିଶ୍ର, ଇଂ ପ୍ରଦୀପ ଷଡଙ୍ଗୀ, ଜେନା ପ୍ରଦୀପ, ଡ. ଗୀତାଞ୍ଜଳି ମିଶ୍ର, ଭିକାରୀ ଧଳଙ୍କ ଗୀତିକବିତା ସ୍ଥାନିତ ହୋଇଥିବା ବେଳେ କଥା ଅନୁସୃଜନରେ ନଗେନ୍ଦ୍ରନାଥ ପଟ୍ଟନାୟକ, ସୁକୋମଳ ଦାଶ, ଶାରଦା ରଥଙ୍କ ଲେଖା ସ୍ଥାନିତ ହୋଇଛି।

ସୃଜନ ବ୍ୟକ୍ତିତ୍ୱ ସ୍ତମ୍ଭରେ ଅଭୟ ସୂତାର ଓ ଶାଶ୍ୱତ ଧଳ ଯଥାକ୍ରମେ ଖଗେନ୍ଦ୍ର ନାଥ ମଲ୍ଲିକ ଓ ଅର୍ଜ୍ଜୁନ ଘଡେଇଙ୍କ ବ୍ୟକ୍ତିତ୍ୱ ଆପରେ ଆଲେଖ୍ୟ ପ୍ରସ୍ତୁତ କରିଥିବା ବେଳେ କାବ୍ୟ ସୃଜନରେ ପ୍ର. ଗିରିଜା ଶଙ୍କର ଶର୍ମା, ପ୍ରଭାକର ମହାପାତ୍ର, ଲତିକା ମହାପାତ୍ର, ଡ. କୃଷ୍ଣଚନ୍ଦ୍ର ରଥ, ସରୋଜିନୀ ଜେନା, ଡ. ରାମଚନ୍ଦ୍ର ପଲାଇ, ଡ. ପଲିମର ଦାଶ, ଡ. ଦୀନବନ୍ଧୁ ପଣ୍ଡା, ସରୋଜିନୀ ନାୟକ, ଇଂ. ସୁଧାଂଶୁ ଶେଖର ନାୟକ, ଡା. ନିହାର ରଂଜନ ତ୍ରିପାଠୀ ମାତୃପ୍ରସାଦ ଶତ୍ରୁଜିତ୍, ବିନୋଦ, ଗୀତା ଷଡଙ୍ଗୀ, ପୀୟୁଷ ପଟ୍ଟନାୟକ, ରାଜେଶ ପୂଜାରୀ, କୃଷ୍ଣ ମିଶ୍ର, ବିଚିତ୍ର ବେହେରାଙ୍କ ଲେଖା ସ୍ଥାନିତ ହୋଇଛି।

ସୃଜନ ସମ୍ଭାରରେ ୩୩ ଜଣ ବିଶିଷ୍ଟ ଲେଖକଙ୍କ ଲେଖା ସହ ସୃଜନ ସମୀକ୍ଷାରେ ସୁମନ୍ତ ନାଏକ ଓ ହରିପ୍ରସାଦ ମୁଣ୍ଡଙ୍କ ସମୀକ୍ଷା ପ୍ରକାଶ ପାଇଛି ।

ସବୁଥର ପରି ସୁନିର୍ବାଚିତ ଲେଖା, ପରିଚ୍ଛନ୍ନ ପରିପାଟୀକୁ ନେଇ ସମୃଦ୍ଧ ହୋଇଛି 'ସୃଜନ ସ୍ୱପ୍ନ'ର ଶାରଦୀୟ ସଂଖ୍ୟାର କଳେବର । ଏହା ପାଠକ ମହଲରେ ଆଦୃତି ଲାଭ କରିବ ବୋଲି ନିଶ୍ଚିତ ଭାବେ ଆଶା ପୋଷଣ କରାଯାଇପାରେ । ♥

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

# ମନଗହନର କଥା...



ବିଶ୍ୱ ବଦଳୁଛି । ବଦଳିଯାଉଛି ଜୀବନ । ଜଗତିକରଣ ଅକ୍ତିଆର କରିଛି ଆମ ଖିଆଲ । ଏଭଳି ସମୟକୁ ଆମେ ପ୍ରତ୍ୟକ୍ଷ କରୁଛେ, ଯାହା ଆମ ଜୀବନଶୈଳୀରେ ଆଣିଛି ଅପୂର୍ବ ପରିବର୍ତ୍ତନ । ଆମର ସବୁ ସ୍ୱପ୍ନ କେନ୍ଦ୍ରିତ ହୋଇଛି ଜୀବନରୁ କେବଳ ବିଳାସର ବେଳ ଲୋଡ଼ିବାରେ । ବିଜ୍ଞାନ ସାଜିଛି ଆମ ସୁଖସଂହିତା । ଆମ ଜୀବନଯାପନରୁ ସେବା, କାର୍ପଣ୍ୟ ଓ ପୁଣ୍ୟର ମନ୍ତ୍ର ଉଭାନ୍ । ତା'ରି ଜାଗା ମାଡ଼ିବସିଛି ଏକ ପ୍ରଖର ଭୋଗବାଦ । ଅୟସର ରାସ୍ତା ଲଂବି ଲଂବି ଯାଇଛି ସୀମାହୀନ । ସବୁ ଛକରେ ଛିଡ଼ା ହୋଇଛନ୍ତି ଜଣେଜଣେ, ହାତରେ ଭୋଗର ଅର୍ଘ୍ୟଥାଳି ଧରି । ସଭିଙ୍କ ଇଚ୍ଛା, କେମିତି ନିର୍ମାଣ ହେବ ନିଜନିଜ ଇନ୍ଦ୍ରପ୍ରସ୍ଥ ।

ଇନ୍ଦ୍ରପ୍ରସ୍ଥ ଏକ ବିଳାସର ହର୍ମ୍ୟ, ଯାହା ତିଆରି ହେବାର ଅନ୍ତରାଳରେ ଅଛି ବେସୁମାର ବେଦନା ଓ ବିଳାପ । ଅଥଚ ସେଇ ବେଦନା ଭୋଗି ଚାଲିଥବା ମଣିଷମାନଙ୍କର ନଥାଏ ପରିଚୟ । ଅବସାଦର ପିଠିରେ ସେମାନେ ବୋହୁଥାନ୍ତି ଆଉ କାହାପାଇଁ ସୁଖର ଭାରି ବୋଝ ।

ଭୋଗ କରିବା ଓ ଭୋଗିବାରେ ପ୍ରଭେଦ ଆକାଶ ପାତାଳ । ଜଣେ ଭୋଗ କରୁଥାଏ ତ ଆଉ ଜଣେ ପଛରେ ଥାଏ ଭୋଗିବାକୁ । ସ୍ୱପ୍ନାତୁର ମଣିଷ ବଂଚୁଥାଏ କଳ୍ପନା ଓ କୃତ୍ରିମତାରେ । ତା' ଲାଗି ସ୍ୱପ୍ନ ହି ସବୁକିଛି । ସତକୁ ସାମ୍ନା କରିବାର ଇଚ୍ଛା ନଥାଏ ତା'ର ।

ଭୋଗ କଣ ନଜାଣି କେବଳ ଭୋଗି ଚାଲିଥିବା ମଣିଷ ପାଇଁ ମୋର କିଛି କହିବାର ଅଛି । ତା' ସାଂଗେ ଦରଦ ବାଣ୍ଟିବାର ଅଛି । ତାକୁ କେହି ମନେ ନରଖୁ । ସେ ଗଢିଥିବା ସ୍ୱପ୍ନପୁରୀରେ ଆଉ କାହାର ନାମଫଳକ ଝୁଲୁଥାଉ । କେହି ଆସି ଦିନେ ଅବଶ୍ୟ ପଚାରିବ- ଏ ମହଲକୁ ଗଢିଛି କିଏ ? କିଏ ଏ ଇନ୍ଦ୍ରପ୍ରସ୍ଥର ଅସଲ ଦାବିଦାର ?

'ନିଜ ନିଜ ଇନ୍ଦ୍ରପ୍ରସ୍ଥ' (କବିତା ସଂକଳନ)ର ମୁଖବନ୍ଧରେ ପ୍ରକାଶିତ...

- କମଳ କୁମାର ମହାନ୍ତି
♥ ଆରସା, ଭଦ୍ରକ
(ମୋ) ୯୪୩୭୮୩୪୯୬୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୦ ନଭେମ୍ବର ୨୦୨୫



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ମଧୁରୋକ୍ତି...(୮)



## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ନିଜ ମାତୁଳ ମାରୀଚ ସହାୟତାରେ ତୁମକୁ ମାତାଙ୍କ ଠାରୁ ଦୂରେଇ ଦେଇ ତାଙ୍କୁ ହରଣ କରିବାର ଘୃଣ୍ୟ ଯୋଜନା କେବଳ ରାବଣ ପରି ଜଣେ ପାପୀ ହିଁ କରିପାରେ ।ମାରୀଚ ନିଜକୁ ଏକ ସୁବର୍ଣ୍ଣ ମୃଗରେ ପରିଣତ କରିଦେଲେ। ପଞ୍ଚବଟୀର ପର୍ଣ୍ଣ କୁଟୀର ସାମ୍ନାରେ ଦୌଡ଼ାଦୌଡ଼ି କରି ମାତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲାଗିଲା ।ନିଜକୁ ଜମାରୁ ରୋକି ପାରିଲେନି ମାତା ।ଆଉ ନିଜେ ଟିକେ ଆଗକୁ ଯାଇ ନିରୀକ୍ଷଣ କରିବାକୁ ଲାଗିଲେ ଏହି ଅପୂର୍ବ ସୁନ୍ଦର ଅଲୌକିକ ଜୀବକୁ।

ତୁମ ପାଖରେ ଆସି ଆଗ୍ରହ କରିଲେ ଯେ ତୁମେ ଯଦି ସେହି ସ୍ୱର୍ଣ୍ଣ ମୃଗ ଧରି ଆଣିଥାନ୍ତ ତେବେ ସେ ତାହାର ପାଳନ କରି ବହୁତ୍ ଖୁସି ହୁଅନ୍ତେ ।ତୁମେ ଜାଣି ପାରିଥିଲ ଆସନ୍ନ ବିପଦ ବିଷୟରେ ।କିନ୍ତୁ ତୁମେ ଏକଥା ମଧ ଜାଣିଥିଲ ଯେ ତୁମକୁ ଦୂରେଇ ଯିବାକୁ ହିଁ ହେବ ।ସେତେବେଳେ ହିଁ ଯାଇ ନିୟତି ତା' ଖେଳ ଦେଖେଇ ପାରିବ ।ଆଉ ସେଇଥିପାଇଁ ତୁମେ ଲକ୍ଷ୍ମଣଙ୍କୁ ମାତାଙ୍କ ସୁରକ୍ଷା ଭାର ସମର୍ପି ଦେଇ ଆଗେଇଗଲ ସ୍ୱର୍ଣ୍ଣ ମୃଗ ପଛରେ...!!

ଅସମ୍ଭବ କଳ୍ପନା ନିଶ୍ଚୟ ଥିଲା ଏହି ସୁନା ହରିଣ। ଜୀବ ଜଗତକୁ ତୁମେ ଏହି ଶିକ୍ଷା ଦେଉଛ ଯେ ଏପରି କପୋଳକଳ୍ପିତ ବିଷୟବସ୍ତୁ ପଛରେ ଗୋଡାଇଲେ କେବଳ ବିନାଶ ହିଁ ସାର ହେବ ।ଯାହାର ପ୍ରାରମ୍ଭ ହୋଇ ସାରିଥିଲା ସେତେବେଳେ ତୁମର ଅନ୍ୱେଷଣ ସହିତ...!!

ମାୟାମୃଗ ତୁମକୁ ନେଇ ଜଙ୍ଗଲର ଅତି ଗହନ ମାର୍ଗ ଭିତରକୁ ଚାଲି ଯାଇଥିଲା ।କିନ୍ତୁ ତୁମର ବାଣ ସନ୍ଧାନ ଠାରୁ ନିଜକୁ ବଞ୍ଚେଇ ପାରି ନଥିଲା ।ଜୀବନ ଯିବା ବେଳେ ମାରୀଚ ଖୁବ୍ ବଡ ପାଟିରେ ଲକ୍ଷ୍ମଣ ରକ୍ଷାକର ବୋଲି ଚିତ୍କାର କରି ଡକା ଦେଲା ।ତା ପାଟି ଶୁଣି ମାତା ସୀତା ପ୍ରମାଦ ଗଣିଲେ ଆଉ ଲକ୍ଷ୍ମଣଙ୍କୁ ତୁରନ୍ତ ତୁମ ସାହାଯ୍ୟ ପାଇଁ ଆଗେଇ ଯିବାକୁ ଅନୁରୋଧ କରିଲେ। ତୁମର ସାମର୍ଥ୍ୟ କଣ ଲକ୍ଷ୍ମଣଙ୍କୁ ଅଛପା ଥିଲା କି ପ୍ରଭୁ...!! ତେଣୁ ସେ ନିର୍ବିକାର ହୋଇ ଚୁପ୍ ରହିବାକୁ ଉଚିତ୍ ମନେ କଲେ ।କିନ୍ତୁ ମାତାଙ୍କର ସରଳ ମନ ମାନିଲାନି ।ସେ ବାରମ୍ବାର ଲକ୍ଷ୍ମଣଙ୍କୁ ତୁମ ସହାୟତା ପାଇଁ ଯିବାକୁ ବାଧ କଲେ । ମାତାଙ୍କର ସୁରକ୍ଷା ପାଇଁ ଚିନ୍ତିତ ଲକ୍ଷ୍ମଣ ଯିବାକୁ ଜମାରୁ ରାଜି ହେଉ ନଥିଲେ। କିନ୍ତୁ ସେତେବେଳକୁ ମାତା ଅଧୈର୍ଯ୍ୟ ହୋଇ ପଡୁଥିଲେ। ଖର ଦୂଷଣଙ୍କର ଆକ୍ରମଣକି ମନେ ପକେଇ ଲକ୍ଷ୍ମଣ କୁଟୀର ସମ୍ମୁଖରେ ନିଜ ସବୁ ଦୈବୀଶକ୍ତି ନେଇ ତିନୋଟି ରେଖା କାଟିଦେଲେ। ଆଉ କହିଦେଲେ ଯେ ସେହି ରେଖା ଲଙ୍ଘି କେହି ମଧ ପ୍ରବେଶ କରି ପାରିବେ ନାହିଁ। ଏବଂ ମାତାଙ୍କୁ ସତର୍କ କରାଇଦେଲେ ଯେ ସେ ମଧ କୌଣସି ପରିସ୍ଥିତିରେ ଏହି ଲକ୍ଷ୍ମଣ ରେଖା ଲଂଘନ କରିବେ ନାହିଁ।

ରାବଣ ଠିକ୍ ଜାଣିଥିଲା ଯେ ସେ ଯଦି କୌଣସି ନାରୀର ସହମତି ବିନା ତାକୁ ସ୍ପର୍ଶ କରେ ତେବେ ତାର ମସ୍ତକ ଖଣ୍ଡ ବିଖଣ୍ଡ ହୋଇଯିବ ।ଲକ୍ଷ୍ମଣ କାଟିଥିବା ତିନୋଟି ରେଖା ମଧ ସେ ସ୍ପଷ୍ଟ ଦେଖି ପାରୁଥିଲା ।ଯାହାକୁ ସେ ଡେଇଁ ଭିତରକୁ ଯାଇ ପାରିବନି ।ତେଣୁ ସଙ୍ଗେ ସଙ୍ଗେ ରୂପ ବଦଳେଇ ଏକ ବ୍ରାହ୍ମଣ ଭିକ୍ଷୁକ ସାଜି ଭିକ୍ଷା ମାଗିବାକୁ ଲାଗିଲା ।ସୀତା ମାତା ଭିକ୍ଷାଥାଳ ନେଇ ଆସିବା ପରେ କହିଥିଲା ଯେ ସେ ଜଣେ ସିଦ୍ଧ ସାଧୁ ହୋଇଥିବାରୁ କୌଣସି ଗୃହସ୍ଥର ଗୃହ ସୀମା ଭିତରକୁ ଯାଇ ପାରିବନି ।ତେଣୁ ଆଗ୍ରହ କରିଥିଲା ଯେ ମାତା ନିଜେ ଆସି ତାକୁ ଭିକ୍ଷା ଦିଅନ୍ତୁ।

ଲକ୍ଷ୍ମଣ ରେଖା ଡେଇଁ ଯାଇ ପାରିବେନି ବୋଲି ମାତା ତାକୁ ଜଣେଇ ଥିଲେ ମଧ ସାଧୁରୂପୀ ରାବଣ ଭିକ୍ଷା ନ ନେଇ ଫେରି ଯିବାକୁ ବାହାରିଥିବା ବେଳେ କାଳେ ତୁମର କିଛି ଅମଙ୍ଗଳ ହେବ...ଏଇୟା ଭାବି ମାତା ସୀତା ଡେଇଁ ଚାଲି ଯାଇଥିଲେ ଲକ୍ଷ୍ମଣ ରେଖା...!!

ଠିକ୍ ଏହି ସୁଯୋଗକୁ କେଜାଣି କେଉଁ କାଳୁ ଅପେକ୍ଷା କରି ରହିଥିଲା ଦଶାନନ ।ଆଉ ସେଥିପାଇଁ ସଙ୍ଗେ ସଙ୍ଗେ ମାତାଙ୍କ ହାତକୁ ଧରି ନେଇ ଉଠିଗଲା ପୁଷ୍ପକ ବିମାନ ଉପରକୁ ।ଏହି ପୁଷ୍ପକ ବିମାନ ତା ଭ୍ରାତା କୁବେରଙ୍କର ଥିଲା ।କିନ୍ତୁ ସେ ଜୋର ଜବରଦସ୍ତି କରି ଏହାକୁ ନିଜର କରି ନେଇଥିଲା। ପୁଷ୍ପକ ବିମାନରେ ମାତାଙ୍କୁ ବସାଇ ସେ ଆକାଶ ମାର୍ଗରେ ଉଡ଼ି ଚାଲିଲା ସ୍ୱର୍ଣ୍ଣପୁରୀ ଲଙ୍କାକୁ...

ହେଲେ...ସତରେ କଣ ରାବଣ ମାତା ସୀତାଙ୍କୁ ହରଣ କରି ନେଇ ପାରିଲା...!! ନା.. ଜଗତଜନନୀଙ୍କୁ କଣ ତାଙ୍କ ଛାୟାକୁ ମଧ କେହି ପାପୀ ତାଙ୍କ ଅନୁମତି ବିନା ଛୁଇଁ ପାରିବନି । ଏହାହିଁ ଏକମାତ୍ର ସତ୍ୟ ଥିଲା...!! ତେବେ ରାବଣ କାହାକୁ ହରଣ କରି ନେଇ ଯାଉଥିଲା ନିଜ ସହିତ...!!

ପୁରାଣ କଥା ଅନୁସାରେ ଦେବୀ ବେଦମତୀ ଯେଉଁ କଥା ଦେଇଥିଲେ ସେହି କଥାକୁ ପୁରା କରିବା ପାଇଁ ସେ ଆସିଥିଲେ ମାତା ସୀତାଙ୍କ ପାଖକୁ ।କୁଟୀର ମଧ୍ୟରେ ତପୋଗ୍ନି ପ୍ରଜ୍ୱଳିତ କରି ସେହି ଅଗ୍ନି ମଧ୍ୟରେ ସୁରକ୍ଷିତ କରି ସେ ରଖି ଦେଇଥିଲେ ମାତାଙ୍କୁ ।ଆଉ ନିଜେ ଆଗେଇ ଯାଇଥିଲେ ରାବଣ ସହିତ ।କାରଣ ସେ ପ୍ରତିଜ୍ଞା କରିଥିଲେ ଯେ ରାବଣର ମୃତ୍ୟୁର କାରଣ କେବଳ ସେହି ହିଁ ହେବେ ।ନିଜ କଥା ରଖିବା ପାଇଁ ଦେବୀ ବେଦମତୀ ସଠିକ୍ ସମୟରେ ଆସି ପହଞ୍ଚି ଯାଇଥିଲେ ।କିନ୍ତୁ ଏହି ଗୂଢ ରହସ୍ୟ ଅନ୍ୟ କେହି ଜାଣି ପାରି ନଥିଲେ ।ଦୁନିଆ ଆଗରେ ରାବଣ ସୀତାମାତାଙ୍କ ଅପହରଣ କରିନେଇ ତାଙ୍କୁ ନିଜ ଲଙ୍କାପୁରକୁ ନେଇ ଯାଇଥିଲା।

ରାବଣ ମାତାଙ୍କୁ ନେଉଥିବା ସମୟରେ ସେ ଚିତ୍କାର କରି ସମସ୍ତଙ୍କୁ ଡକା ପକାଉଥିଲେ ।ଆଉ ନିଜର ଆଭୂଷଣ ସବୁ ତଳକୁ ପକେଇ ଦେଉଥିଲେ ।ତା ହେଲେ କେହି ହୁଏତ ସେସବୁ ଦେଖି ତୁମକୁ ଜଣେଇ ଦେଇ ପାରିବେ ତାଙ୍କ ବିଷୟରେ...!!

ବନବାସ ସମୟରେ ତୁମେ ଅନେକ ମୁନିଋଷିଙ୍କ ସହିତ ସାକ୍ଷାତ କରି ସେମାନଙ୍କ ଆଶୀର୍ବାଦ ପ୍ରାପ୍ତି କରିବା ସହିତ ମାର୍ଗଦର୍ଶନ ମଧ ଲାଭ କରିଥିଲ ।ଏମିତି ଥରେ ଅତ୍ରି ମୁନିଙ୍କ ଆଶ୍ରମକୁ ମଧ ଯାଇଥିଲ ।ସେଠାରେ ତାଙ୍କ ଧର୍ମପତ୍ନୀ ସତୀ ଅନୁସୟା ମଧ ନିଜ ଆଶିଷ ପ୍ରଦାନ କରିଥିଲେ ।ସେତେବେଳେ ସେ ସୀତାମାତାଙ୍କୁ ଅମ୍ଳାନ ବସ୍ତ୍ର ଏବଂ ଏହି ଦିବ୍ୟ ଆଭୂଷଣ ଦେଇ ସୌଭାଗ୍ୟବତୀ ହେବାର ଆସିର୍ବାଦ ଦେଇଥିଲେ ।ମାତା ଅନୁସୟା ପରମ ସତୀ ଥିଲେ ।ତାଙ୍କ ସତୀତ୍ୱର ପରୀକ୍ଷା ନେଇ ନିଜକୁ ତାଙ୍କଠାରୁ ଉନ୍ନତ ପ୍ରମାଣିତ କରିବାକୁ ତ୍ରିଦେବୀ ଅହେତୁକ ଆଗ୍ରହ ପ୍ରକାଶ କଲେ ।ଲକ୍ଷ୍ମୀ,ପାର୍ବତୀ ଏବଂ ବ୍ରହ୍ମାଣୀଙ୍କ ମନକଥା ବୁଝି ପାରି ବ୍ରହ୍ମା,ବିଷ୍ଣୁ ଏବଂ ମହାଦେବ ଅତ୍ରି ମୁନିଙ୍କ କୁଟୀର ଆଗରେ ଭିକ୍ଷା ଯାଚନା କଲେ ।ଦେବୀ ଭିକ୍ଷା ଦେବାକୁ ଉଦ୍ୟତ ହେଲା ବେଳେ ସେମାନେ ସର୍ତ୍ତ ରଖିଥିଲେ ଯେ ଯଦି ସେ ନିର୍ବସ୍ତ୍ରା ହୋଇ ସ୍ତନ୍ୟପାନ କରାନ୍ତି ତେବେ ହିଁ ଯାଇ ସେମାନେ ଗ୍ରହଣ କରିବେ...!!

ସତୀ ସାଧ୍ୱୀ ନାରୀର ଏହାଠାରୁ ଅଧିକ ଆଉ କିପରି ସତୀତ୍ୱର ପରୀକ୍ଷା ନିଆ ଯାଇପାରେ...!! ଋଷି ମାନଂକର କଥା ଶୁଣିବା ପରେ ଦେବୀ ନିଜର ତପୋଶକ୍ତି ବଳରେ ତୁରନ୍ତ ଜାଣି ପାରିଥିଲେ ଯେ ଭିକ୍ଷୁକ ମାନେ ଆଉ କିଏ ନୁହନ୍ତି ବରଂ ସ୍ୱୟଂ ତ୍ରିଦେବ ଅଟନ୍ତି ।ଅଳ୍ପ ହସି ସେ କହିଲେ ଯେ ଜଣେ ନାରୀ କେବଳ ନିଜ ପୁତ୍ରକୁ ହିଁ ଅମୃତ ପାନ କରେଇପାରେ ।ଆଉ ସେହି ଦୃଷ୍ଟିରୁ ସେହି ଭିକ୍ଷୁକ ମାନଙ୍କୁ ମଧ ନିଜ ଇପ୍ସିତ ଦାନ ଗ୍ରହଣ କରିବା ପାଇଁ ବାଲ୍ୟରୂପ ଧାରଣ କରିବାକୁ ହେବ।

ଆଉ ଦେବୀ ଅନୁସୟା ଯେତେବେଳେ ଟିକେ ମନ୍ତ୍ରପୂତ ଜଳ ପକେଇ ଦେଲେ...ସେତେବେଳେ ତ୍ରିଦେବ ଛୋଟ ଛୋଟ ଶିଶୁ ହୋଇ ମାତାଙ୍କ ବାତ୍ସଲ୍ୟ ସ୍ନେହ ପାଇବା ପାଇଁ ଆତୁର ହେଲେ ।କିଛି ସମୟ ଉପରାନ୍ତେ ତ୍ରିଦେବଙ୍କ ଅନୁପସ୍ଥିତିର କାରଣ ଖୋଜି ଖୋଜି ଯେତେବେଳେ ତ୍ରିଦେ୍ୱୀ ଆସି ପହଁଚିଲେ ଦେଖିଲେ ଯେ ପ୍ରଭୁମାନେ ଛ ମାସର ଶିଶୁ ହୋଇ ଶିଶୁସୁଲଭ ଖେଳରେ ମାତି ଯାଇଛନ୍ତି ।ଆଉ ଦେବୀ ଅନୁସୟା କହିଲେ ନିଜ ନିଜ ସ୍ୱାମୀ ମାନଙ୍କୁ ଚିହ୍ନି ସାଙ୍ଗରେ ନେଇ ଯିବାକୁ ।କିନ୍ତୁ ଶିଶୁ ସ୍ୱରୂପ ଦେବମାନଙ୍କୁ ଚିହ୍ନି ନ ପାରି ଅନୁସୟାଙ୍କ ସହିତ ଅସୂୟା କରୁଥିବା ତ୍ରିଦେବୀ ଲଜ୍ଜିତ ହୋଇ ତଳକୁ ମୁହଁ କରି ଠିଆ ହୋଇଥିଲେ। ଦେବୀ ସେମାନଙ୍କ ଦ୍ୱିଧା ବୁଝିପାରି ସେମାନଙ୍କୁ କ୍ଷମା କରିଦେଇଥିଲେ ।ପରେ ବ୍ରହ୍ମା,ବିଷ୍ଣୁ, ମହେଶଙ୍କୁ ସେମାନଙ୍କ ନିଜ ରୂପ ଫେରେଇ ଦେବା ପାଇଁ ସେ ତ୍ରିଦେବଙ୍କ ସମ୍ମିଳନରେ ଏକ ପୁତ୍ର ବାଞ୍ଛା କରିଥିଲେ ।ଇତିହାସ କୁହେ ଭଗବାନ ଦତ୍ତାତ୍ରେୟ ଏହିପରି ଭାବରେ ଜନ୍ମ ଲାଭ କରିଥିଲେ।

ସେହି ପରମ ସତୀ ସାଧ୍ୱୀ ଅନୂସୟା ସୀତା ମାତାଙ୍କ ଚିତ୍ରକୂଟରେ ରହଣି ସମୟରେ ତାଙ୍କୁ ସତୀତ୍ୱ ଧର୍ମର ଜ୍ଞାନ ପ୍ରଦାନ କରିବା ସହ ଏହି ଅମଳୀନ ବସ୍ତ୍ର ଅଳଙ୍କାର ପ୍ରଦାନ କରିଥିଲେ ।ଏହି ବସ୍ତ୍ର ଅଳଙ୍କାର ସବୁ ସତିତ୍ୱର ଆଭାରେ ସଦା ଝଲସି ଉଠନ୍ତି ।ମାତା ସୀତା ନିଜର ସେସବୁ ଅଳଙ୍କାର ବିକଳ ହୋଇ ତଳକୁ ପକେଇ ଚାଲିଥାନ୍ତି ଆଉ ବନ,ଲତା,ଜଙ୍ଗଲ,ପାହାଡ,ପକ୍ଷୀ ପଶୁ ସମସ୍ତଙ୍କୁ ଗୁହାରି କରୁଥାନ୍ତି ଯେ ଯେତେବେଳେ ତୁମେ ତାଙ୍କୁ ଖୋଜିବ ସେତେବେଳେ ସେମାନେ ତୁମର ଯିବା ମାର୍ଗ ଜଣେଇ ଦେବେ...!!

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

---

ଅନନ୍ୟା ଅତୁଳନୀୟା

# ଭାରତବର୍ଷର ପ୍ରଥମ ମହିଳା ଆଇନଜୀବୀ



## ପ୍ରଦୀପ କୁମାର ରାୟ

ସ୍କୁଲରେ ପଢ଼ିବା ବେଳେ ଆପଣ ଚାଣକ୍ୟ ଶ୍ଳୋକ ନିଶ୍ଚୟ ପଢ଼ିଥିବେ । ଆମେ ହାଇସ୍କୁଲରେ ପଢ଼ିବା ବେଳେ କିଛି ଚାଣକ୍ୟ ଶ୍ଳୋକ ମୁଖସ୍ଥ କରିବାକୁ ପଡୁଥିଲା । ସେହି ଶ୍ଳୋକ ଗୁଡ଼ିକ ଭିତରେ ଗୋଟିଏ ଶ୍ଳୋକ ଥିଲା ନାରୀ ମାନଙ୍କ ସମ୍ପର୍କରେ । ଶ୍ଳୋକଟି ଥିଲା ଏହିପରି...' ସ୍ତ୍ରୀନାଂ ଦ୍ୱିଗୁଣ ଆହାର ଲଜ୍ଜା ଚାପି ଚତୁର୍ଗୁଣା, ସାହସାଂ ଷଡଗୁଣଂ ଚୈବ କାମଶ୍ଚାଷ୍ଟଗୁଣଃ ସ୍ମୃତଃ ।' ଅର୍ଥାତ୍ ପୁରୁଷ ତୁଳନାରେ ନାରୀମାନଙ୍କର ଦ୍ୱିଗୁଣ ଆହାର, ଚାରିଗୁଣ ଲଜ୍ଜା , ଛଅଗୁଣ ସାହସ ଏବଂ ଆଠଗୁଣ କାମଭାବର କଥା କହି ଯାଇଛନ୍ତି ମୌର୍ଯ୍ୟ ଯୁଗର ବିଷ୍ଣୁଗୁପ୍ତ ଓରଫ୍ ଚାଣକ୍ୟ ।

ଅତୀତରେ ଚାଣକ୍ୟ କହିଥିବା ଏହି କଥାକୁ ପ୍ରମାଣ କରି ଦେଖାଇଛନ୍ତି ଜଣେ ଭାରତୀୟ ନାରୀ ।

ଗତ ଶତାବ୍ଦୀର ପ୍ରାରମ୍ଭରେ ନାରୀମାନେ ଆଇନଜୀବୀ ଭାବରେ ସ୍ୱୀକୃତି ପାଇବା ଥିଲା ଏକାବେଳକେ ସ୍ୱପ୍ନ । ତା ପୂର୍ବରୁ ତ ନାରୀ ମାନଙ୍କୁ ଆଇନ୍ ପଢ଼ିବାର ଅନୁମତି ମଧ ମିଳୁନଥିଲା । ନାରୀ ମାନଙ୍କ ପ୍ରତି ଏହି ଅବିଚାର ବିରୁଦ୍ଧରେ ଦୃଢ଼ ଭାବରେ ଛିଡ଼ା ହୋଇଥିଲେ ଜଣେ ଭାରତୀୟ ନାରୀ । କେବଳ ଭାରତରେ ନୁହେଁ, ସମଗ୍ର ୟୁରୋପରେ ସେ ପ୍ରଥମ ନାରୀ ଭାବରେ ଆଇନ୍ ପାଶ୍ କରିଥିବା ନାରୀର ଗୌରବ ଅର୍ଜନ କରିଥିଲେ ।

ସେ ନାସିକ , ମହାରାଷ୍ଟ୍ରର ଗୋଟିଏ ପାର୍ସୀ ପରିବାରରେ ୧୮୬୬ ମସିହା ନଭେମ୍ବର ମାସ ୧୫ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପା ରେଭାରେଣ୍ଡ ସୋରାବଜୀ କାରସେଦଜୀ ଥିଲେ ଜଣେ ଧର୍ମ ପ୍ରଚାରକ । ମିଶନାରୀ ସ୍କୁଲରେ ପଢ଼ିବା ପରେ ଡେକାନ କଲେଜରୁ ଗ୍ରାଜୁଏସନ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାଶ୍ କରିବା ପରେ ଇଂଲଣ୍ଡରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ ତାଙ୍କୁ ସେହି ବୃତ୍ତି ଦିଆଯାଇ ନଥିଲା । ତାଙ୍କର ବଡ଼ ଭଉଣୀମାନେ ମଧ କେହି ବିଶ୍ୱବିଦ୍ୟାଳୟ ଯାଇ ପାରିନଥିଲେ କାରଣ ସେତେବେଳେ ଝିଅମାନଙ୍କୁ ପଢିବାର ଅନୁମତି ମିଳୁନଥିଲା , କିନ୍ତୁ ସେହି ପରମ୍ପରା ଭାଙ୍ଗି ପ୍ରଥମ ଝିଅ ଭାବରେ ସେ ବମ୍ବେର ହେଲେନ ବିଶ୍ୱବିଦ୍ୟାଳୟର ପ୍ରଥମ ଛାତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ ।

୧୮୮୯ ମସିହାରେ ସେ ଇଂଲଣ୍ଡ ପହଞ୍ଚିଥିଲେ ଆଇନ ପଢିବା ପାଇଁ, କିନ୍ତୁ ସେତେବେଳେ ମଧ ଭାରତ ତ ଦୂରର କଥା କୌଣସି ବ୍ରିଟିଶ ଝିଅ ମଧ ଆଇନ୍ ପଢୁନଥିଲେ। ଝିଅମାନଙ୍କର ଆଇନ୍ ପଢ଼ିବାର ଅଧିକାର ନଥିଲା । ସେ କିନ୍ତୁ ଆନ୍ଦୋଳନ କରି, ପିଟିସନ୍ ଦାଖଲ କରି ଆଦାୟ କରି ପାରିଥିଲେ ଆଇନ୍ ପଢ଼ିବାର ବିଶେଷ ଅନୁମତି । ଫଳରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ନାଗରିକ ଯିଏ କୌଣସି ବ୍ରିଟିଶ ବିଶ୍ୱବିଦ୍ୟାଳୟରେ ଆଇନ୍ ପଢିବାର ଅଧିକାର ପାଇଥିବା ଛାତ୍ରୀ ।

୧୮୯୨ ମସିହାରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ସମରଭିଲ୍ କଲେଜରୁ ବ୍ୟାଚଲର ଅଫ୍ ସିଭିଲ ଲ - ପରୀକ୍ଷା ଦେଲେ। ପରୀକ୍ଷାରେ ପାଶ୍ କରି ପ୍ରଥମ ଆଇନଜୀବୀ ମହିଳା ଭାବରେ ବିବେଚିତ ହେଲେ , କେବଳ ଭାରତରେ ନୁହେଁ ସମଗ୍ର ଇଂଲଣ୍ଡରେ । ଏତେସବୁ ପରେ ମଧ ୧୯୨୪ ମସିହା ପର୍ଯ୍ୟନ୍ତ ଆଇନଜୀବୀ ଭାବରେ ସେ ସ୍ୱୀକୃତି ପାଇନଥିଲେ ।

ଭାରତକୁ ଫେରି ଆସି ମହିଳାମାନଙ୍କର ପର୍ଦ୍ଦାପ୍ରଥା ବିରୁଦ୍ଧରେ ଜନମତ ଗଢ଼ି ଆନ୍ଦୋଳନ ଚଳାଇବାକୁ ଲାଗିଲେ । କୋର୍ଟ ଅଫ୍ ୱାର୍ଡସ୍ ରେ ଲେଡି ଆସିଷ୍ଟାଣ୍ଟ ହୋଇ ସେସମୟର ବଙ୍ଗ ବିହାର ଓଡ଼ିଶା ଏବଂ ଆସାମରେ ବିସ୍ତାରିତ କାର୍ଯ୍ୟ କରିଥିଲେ ଏବଂ ତାସହିତ ପରାଧୀନ ଭାରତରେ ପ୍ରାୟ ୬୦୦ ଜଣ ମହିଳା ଏବଂ ଅନାଥ ଶିଶୁଙ୍କୁ ବିନା ପାରିଶ୍ରମିକରେ ଆଇନର ଲଢେଇରେ ସାହାଯ୍ୟ କରିଥିଲେ ।

ସେତେବେଳେ ପର୍ଦ୍ଦା ଆଢୁଆଳରେ ରହୁଥିବା ନାରୀମାନେ ଅଦାଲତକୁ ଯାଇ ପାରୁନଥିଲେ , ପୁରୁଷ ଆଇନଜୀବୀମାନଙ୍କ ସହିତ କଥା ମଧ ହୋଇ ପାରୁନଥିଲେ । ଫଳରେ ନାରୀମାନେ ଅଦାଲତରେ ପରାଜୟ ବରଣ କରୁଥିଲେ । ଯଦିଓ ମହିଳା ବୋଲି ଅଦାଲତରେ ଛିଡ଼ା ହୋଇ ସୱାଲ ଜବାବ୍ କରିବାକୁ ଯାଇ ପ୍ରତି ପଦରେ ବାଧାର ସମ୍ମୁଖୀନ ହେଉଥିଲେ ତଥାପି ସେଭଳି ମହିଳାମାନଙ୍କ ସପକ୍ଷରେ ଦୃଢ଼ ଭାବରେ ଛିଡ଼ା ହେଉଥିଲେ ସେ । ଭାରତର ସ୍ୱାଧୀନତା ସଂଗ୍ରାମକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରୁଥିଲେ ମଧ ତାଙ୍କର ଯୁକ୍ତି ଥିଲା ଯେ ନାରୀମାନଙ୍କର ସମାନଧିକାର ନଥିଲେ ସ୍ୱାଧୀନତା ଲାଭ ଅପୂର୍ଣ୍ଣ ରହିଯିବ ।



ପ୍ରାଚୀନ ଭାରତୀୟ ସଂସ୍କୃତିର ଅନୁରାଗୀ ହେଲେ ମଧ ବିଧବା ମାନଙ୍କ ପ୍ରତି କଠୋର ନିୟମ , ଅବିଚାର ଓ ବାଲ୍ୟ ବିବାହ ଇତ୍ୟାଦିକୁ ଆଦୌ ସହି ପାରୁନଥିଲେ ।

ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ନାରୀ ମାନଙ୍କର ମୁକ୍ତି ଓ ମାନବାଧିକାର ଆଣିବାକୁ ଅସମର୍ଥ ବୋଲି ମନେକରି ସେ ମହାତ୍ମାଗାନ୍ଧୀଙ୍କୁ ମଧ ବିରୋଧ କରିବାକୁ ପଛାଇନଥିଲେ ।

୧୯୨୯ ମସିହାରେ ହାଇକୋର୍ଟରୁ ଅବସର ଗ୍ରହଣ କରିବା ପରେ ଲଣ୍ଡନ ଚାଲିଯାଇ ୧୯୫୪ ମସିହାରେ ମୃତ୍ୟୁ ପର୍ଯ୍ୟନ୍ତ ଅବଶିଷ୍ଟ ଜୀବନ ସେଠାରେ ଅତିବାହିତ କରିଥିଲେ ।

ଏହି ଅସାଧାରଣ ବ୍ୟତିକ୍ରମୀ ମହିଳା ଶ୍ରୀମତୀ କର୍ଣ୍ଣେଲିଆ ସୋରାବଜୀ ହେଉଛନ୍ତି ଦେଶର ପ୍ରଥମ ମହିଳା ସ୍ନାତକ ଏବଂ ଆଇନଜୀବୀ ।

♥ କୁଚିଣ୍ଡା, ସମ୍ବଲପୁର

---

## ପଢ଼ିବା ପରେ... ଉଆଁସୀ ଲଗ୍ନ




ବାଗ୍ମୀ ପବ୍ଲିକେଶନ୍ସ, ଭୁବନେଶ୍ୱର ତରଫରୁ ପ୍ରକାଶିତ ହୋଇଛି କବୀ ଜ୍ୟୋସ୍ନାରାଣୀ ପଣ୍ଡାଙ୍କ କବିତା ସଂକଳନ ଉଆଁସୀ ଲଗ୍ନ। କବିତାଗୁଡ଼ିକ ବେଶ୍ ସରଳ ଆଉ ବୋଧଗମ୍ୟ। ଖୁବ୍ ନିକଟରୁ ସେ ଜୀବନକୁ ପରଖିଛନ୍ତି। ଜୀବନ କେତେ ଗହନ ଆଉ ଗଭୀର ସେ ଅନୁଭବ କରିଛନ୍ତି ତା'ର ତିକ୍ତତା ଆଉ ମଧୁରତା।

ଏଠି ଜୀବ ହେଉ / ଅବା ଜୀବନ / ଜିଇଁଥିଲେ ଜକଜକ / ମରିଗଲେ ମହାଶୋକ।

( ମୌସୁମୀ ଓ ମଉଳାଫୁଲ, ପୃ : ୩୨)

ଜୀବନ କେବେ ସାଥୀ ଓ ସ୍ୱାର୍ଥର/ଏକ ସୁଦୃଢ଼ ସମ୍ପର୍କ / କେବେ ନିଃସଙ୍ଗ ଓ ନିର୍ବାସନର/ ଏକ ନିଷ୍ଠୁର ନର୍କ।

( ଜୀବନ ଏମିତି ବୋଧେ, ପୃ : ୧୭)

ବେଳେବେଳେ ଜୀବନ ତାଙ୍କୁ ଅନୁଭବ ହୋଇଛି ସୁଖହୀନ ଆଉ ଯନ୍ତ୍ରଣା ଜର୍ଜରିତ। ସେତେବେଳେ ମନେପଡ଼େ ମା'। ମନେପଡ଼େ ତା ସ୍ନେହ ସୋହାଗ। ସେତେବେଳେ ଦୁଇ ବୁନ୍ଦା ଅଶ୍ରୁ ନିଗିଡ଼ି ଆସେ ଚକ୍ଷୁର ନିଭୃତ କୋଣରୁ।

ମାଆର ପଣତ / ରେଶମୀ ସୁତା ପରି / ସ୍ନେହସିକ୍ତ.. ବିଦଗ୍ଧ ବସନ୍ତ /ଛୁଇଁଦେଲେ / କୋମଳ ମଧୁର.. ଅମୃତର ଝର...

(ମାଆର ପଣତ,ପୃ : ୧୨)

ସମୟ ଅବିରାମ ଗତିରେ ଗଡ଼ି ଚାଲେ।



ସକାଳର ବାଳସୂର୍ଯ୍ୟ ସନ୍ଧ୍ୟାରେ ଦୂର ଦିଗବଳୟରେ ହଜିଯାଏଁ। ଦେବାଳୟର ଘଣ୍ଟିଘଣ୍ଟା ଶବ୍ଦରେ ଜଗତ ଈଶ୍ୱରମୟ ହୋଇଉଠେ। ମନେ ପଡ଼ନ୍ତି ମହାବାହୁ।

ତୁମେ ବିସ୍ମୟ, ଚିର ଚିନ୍ମୟ / ତୁମେ ବାସିଲେ ମଳୟ / କ୍ରୋଧିଲେ ପ୍ରଳୟ / ତୁମେ ନିରାଶ୍ରୟର ନିଳୟ

(ଆହେ ମହାବାହୁ, ପୃ :୧୫)

ଜ୍ୟୋସ୍ନାରାଣୀଙ୍କ କବିତାଗୁଡ଼ିକରେ ଜୀବନକୁ ନେଇ ତାଙ୍କର ଦୃଷ୍ଟିଭଙ୍ଗୀ ଏବଂ ହୃଦୟର ସୂକ୍ଷ୍ମକୋଣରୁ ଜନ୍ମ ନେଇଥିବା ତାଙ୍କର ଦାର୍ଶନିକତା ଆଉ ବୌଦ୍ଧିକତା ପାଠକଙ୍କୁ ଭିନ୍ନ ସ୍ୱାଦ ଚଖେଇବ। ଅନେକ କବିତାରେ ନାରୀ ମନସ୍ତତ୍ତ୍ୱ ଆଉ ଅନ୍ତର୍ଦାହ ସୁସ୍ପଷ୍ଟ। ନାରୀ ଜୀବନର ବିଭିନ୍ନ ସୋପାନ ଆଉ ପରିସ୍ଥିତିରେ ସେ କେମିତି କାଞ୍ଚନ ପରି ଜଳିଜଳି ନିଜକୁ ଝଟକେଇଚି ତା'ର ଚମତ୍କାର ଚିତ୍ର ସବୁ ରହିଛି। ଶାଶୂଘରେ ଜୀବନର ପ୍ରଥମ ଅନୁଭବ କେମିତି ହୋଇପାରେ ଝିଅଟିଏ ପାଇଁ ? ପ୍ରେମର ମଧୁର ନିଶାରେ ମସଗୁଲ ଝିଅଟିଏ ବାପଘରକୁ ପଛକରି ଚାଲିଆସେ। ବାସର ରାତିରେ ବିମୋହିତ ଲଗ୍ନରୁ ସାରା ଜୀବନ ବିଶ୍ୱାସର ବଇଠା ଉପରେ ଦୀପଟିଏ ହୋଇ ଜଳିବାର ସଂକଳ୍ପ ନେଇଥାଏ। କାହିଁକି ସେ ଦୀପ ପରି ଜଳେ ପୁଣି ମେଘ ପରି ଝରେ !

ଝଡ଼ ଯଦି କ୍ଷିପ୍ର ବେଗେ / ଆସେ କେବେ / ଆଲିଙ୍ଗନ ମୁଦ୍ରାରେ /ଆବେଷ୍ଟନ କରିନେବ/ ଅନ୍ତତଃ../ ଜୀବନର ମହାଦୀପ / ଉଠିବା ଯାଏଁ!

(ବିମୋହିତ ଲଗ୍ନ,ପୃ: ୪୧)

ଅନ୍ତିମ ଲକ୍ଷ୍ୟ ? ସୋଅରାଏ ପ୍ରେମ। ସେଇ ପ୍ରେମ ପାଇଁ ତମାମ ଜୀବନ ସେ ବାଜି ଲଗାଏ। ବୈଶାଖର ବିଭୀଷିକାରେ ମଳୟ ହୋଇ ବହେ, ବେଦରଦୀ ବର୍ଷାର ବିଘାତ ସହେ, ଫଗୁଣ ଫେରିଗଲେ ବି ସେ ଫୁଲ ହୋଇ ଫୁଟେ। ତା ଭିତରେ ସେ ରୂପାନ୍ତରିତ ହୋଇ ସାରିଥାଏ ଦେବୀରେ। ସଦା ସ୍ଥିତପ୍ରଜ୍ଞ। କାରଣ

(ତଥାସ୍ତୁରେ ତୃପ୍ତି ତା'ର, ପୃ : ୪୪)

ଦେଖନ୍ତୁ

ଜଳିବାର ଯନ୍ତ୍ରଣା ଅପେକ୍ଷା/ଆଲୋକିତ କରିବା ମୋହରେ/ ମୁଁ ବେଶ୍ ବିଭୋର/ ସହିପାରେ ନିର୍ଘାତ ପ୍ରହାର...

ସହି ସହି ସେ ଦିନେ ପାଲଟି ଯାଏଁ ପଥର ଅହଲ୍ୟା। ସେତେବେଳେ ସେ ହୀନସ୍ତା ଆଉ ଶାପଗ୍ରସ୍ତା ହୋଇବି ମନରେ ନଥାଏ ଅନୁଶୋଚନା। କାରଣ ସର୍ବଂସହା ସାଜି ପ୍ରଭୁ ଶ୍ରୀରାମଙ୍କ ଅମୃତମୟ ଆତିଥେୟତା ସେ କରିଥାଏ ଅନନ୍ତ ପ୍ରତୀକ୍ଷା।

ପ୍ରଳୟରେ ବୁହାଇପାରେ ସେ/ ମୃଦୁମନ୍ଦ ମଳୟ/ ନର୍କରେ ବି ତୋଳିପାରେ ସେ/ ନିର୍ମଳ ନିଳୟ

( ସର୍ବଂସହା, ପୃ :୪୯)

ଦିନେ ସହିବା ଶେଷ ହୋଇଯାଏ, ରହିବା ଶେଷ ହୋଇଯାଏ। ଚିହ୍ନା ମୁହଁ ସବୁ ଅଚିହ୍ନା ଲାଗନ୍ତି। ମାୟାର ଆବଦ୍ଧରୁ ମୁକୁଳି ଯାଏଁ ତା'ର ନିର୍ଦ୍ଧାରିତ ଭାଗ୍ୟ ଆଉ ତା ସହ ପାର୍ଥିବ ଶରୀର ମୁଠେ ପାଉଁଶର ପ୍ରତୀକ୍ଷାରେ ଥାଏ।

ତନ୍ନତନ୍ନ ବୁଝିନେଲି/ ସମୟ ହିଁ ବଡ଼ ବଳବାନ/ଏବେ ଠୁଁ ଖୋଜିବା ଅପେକ୍ଷା/ ହଜିବାର ଅଭ୍ୟାସ/କରୁଥାଏ ମୁଁ..

(ବିଦାୟ ବେଦୀରେ ମୋହଲଗ୍ନ, ପୃ:୭୧)

ମୋଟାମୋଟି ଭାବରେ କହିବାକୁ ଗଲେ କବିତାଗୁଡ଼ିକ ନାରୀ ହୃଦୟରେ ଜମାଟ ବାନ୍ଧିଥିବା ଯନ୍ତ୍ରଣା ସବୁ ଯାହା ସମୟ କ୍ରମେ ଆଦ୍ୟ ଓଁକାର ନାଦରେ ମହାକିଛି ହୋଇଛି ଏବଂ ଶେଷରେ ଗାଢ଼ ଗୈରିକ ବର୍ଣ୍ଣରେ ଝଙ୍କୃତ ହୋଇଛି। ସଂକଳନଟି ସୁଖପାଠ୍ୟ ହୋଇଛି। ପଚାଶଟି ଭିନ୍ନ ଭିନ୍ନ ସ୍ୱାଦର କବିତାରେ ସମୃଦ୍ଧ ୧୦୪ ପୃଷ୍ଠା ବହିର ମୂଲ୍ୟ ରହିଛି ୧୨୦ ଟଙ୍କା।



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

---



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୧୭ ବୁଦ୍ଧତ୍ୱ ପ୍ରାପ୍ତି ପରର ସାତ ସପ୍ତାହ

**୧. ବୋଧିବୃକ୍ଷ ତଳେ:**

ବୁଦ୍ଧ ପୂରା ପ୍ରଥମ ସପ୍ତାହ ବୋଧିବୃକ୍ଷ ତଳେ ମୁକ୍ତିର ଖୁସି ଓ ଚିରସ୍ଥାୟୀ ଶାନ୍ତିର ଆନନ୍ଦ ଉପଭୋଗ ପୂର୍ବକ ବସି ରହିଥିଲେ। ସେ ଏବେ ସମସ୍ତ ଅଶାନ୍ତ ଚିନ୍ତାଧାରାରୁ ଥିଲେ ମୁକ୍ତ।

**୨. ବୃକ୍ଷକୁ ନିରୀକ୍ଷଣ:**

ଦ୍ୱିତୀୟ ସପ୍ତାହରେ ସେ ବୋଧିବୃକ୍ଷ ଉଦ୍ଦେଶ୍ୟରେ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କଲେ, ଯିଏ ବୁଦ୍ଧତ୍ୱପ୍ରାପ୍ତି ନିମନ୍ତେ ସଂଘର୍ଷ କରୁଥିବା ବେଳେ ତାଙ୍କୁ ଆଶ୍ରୟ ଦେଇଥିଲା। ସେ ପୂରା ସପ୍ତାହ ବୋଧିବୃକ୍ଷ ଠାରୁ କେତେ ଫୁଟ ଦୂରରେ ସ୍ଥିର ଭାବେ ଠିଆ ହୋଇ ବୃକ୍ଷଟିକୁ ଅପଲକ ନୟନରେ ନିରୀକ୍ଷଣ କରିଥିଲେ। ବୃକ୍ଷଟି ପ୍ରତି ତାଙ୍କ ଧ୍ୟାନ କେନ୍ଦ୍ରିତ ଥିଲା।

ଏହି ମହାନ ଉଦାହରଣକୁ ଅନୁସରଣ କରି ସମସ୍ତ ବୌଦ୍ଧଧର୍ମାବଲମ୍ବୀ କେବଳ ମୂଳ ବୋଧିବୃକ୍ଷକୁ ନୁହେଁ, ଏହାର ବଂଶଜ ବୃକ୍ଷକୁ ମଧ ସମ୍ମାନ ବା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି।

**୩. ସୁବର୍ଣ୍ଣ ସେତୁ:**

ତୃତୀୟ ସପ୍ତାହରେ ସେ ପୁନଶ୍ଚ ଧ୍ୟାନମଗ୍ନ ହେଲେ। ଭଗବାନ ବୁଦ୍ଧ ତାଙ୍କର ମନଶ୍ଚକ୍ଷୁରେ ଦେଖିଲେ ଯେ ସ୍ୱର୍ଗର ଦେବଗଣ ସେ ସେଠାରେ ରହିବା ସହିତ ସଂପୂର୍ଣ୍ଣ ଆତ୍ମଜ୍ଞାନ ଲାଭ କରିଥିବା ବିଷୟରେ ନିଶ୍ଚିତ ନାହାନ୍ତି। ତତ୍ପରେ ସେମାନଙ୍କ ଠାରେ ନିଜର ଆତ୍ମଜ୍ଞାନ ଲାଭକୁ ପ୍ରମାଣିତ କରିବା ପାଇଁ ବୁଦ୍ଧ ଶୂନ୍ୟରେ ଏକ ସୁବର୍ଣ୍ଣ ସେତୁ ନିର୍ମାଣ କଲେ ଏବଂ ସପ୍ତାହ ସାରା ଏଥିରେ ଆରୋହଣ ଓ ଅବତରଣ କଲେ।

**୪. ରତ୍ନଖଚିତ କକ୍ଷ :**

ଚତୁର୍ଥ ସପ୍ତାହରେ, ସେ ଏକ ସୁନ୍ଦର ରତ୍ନଖଚିତ କକ୍ଷ ନିର୍ମାଣ କଲେ ଓ ତା' ମଧ୍ୟରେ ଉଚ୍ଚ ଶିକ୍ଷଣ ବା ଅଭିଧମ୍ମ ଉପରେ ଧ୍ୟାନମଗ୍ନ ହେଲେ। ତାଙ୍କର ମନ ଓ ଶରୀର ଏତେ ଶୁଦ୍ଧ ଥିଲା ଯେ ତାଙ୍କ ଶରୀରରୁ ଷଡ଼ ରଂଗଯୁକ୍ତ କିରଣ ନିର୍ଗତ ହେଲା। ସେଗୁଡ଼ିକ ହେଲା ନୀଳ, ହଳଦିଆ (ପୀତ), ଲାଲ୍, ଧଳା, ନାରଂଗୀ ଏବଂ ଏହି ପାଞ୍ଚଟିର ଏକ



ମିଶ୍ରବର୍ଣ୍ଣ। ଅଧୁନା ବୌଦ୍ଧ ପତାକାରେ ଏହି ଛଅଟି ରଂଗ ରହିଛି। ବାସ୍ତବରେ ଏହି ସପ୍ତାହ ପରଠାରୁ ଏହି ସମସ୍ତ ଷଡ଼ବର୍ଣ୍ଣ ତାଙ୍କ ଶରୀରକୁ ଆଚ୍ଛାଦିତ କରି ରଖିଥିଲା। ପ୍ରତ୍ୟେକ ବର୍ଣ୍ଣ ବୁଦ୍ଧଙ୍କର ଗୋଟିଏ ଗୋଟିଏ ମହାନ ଗୁଣବତ୍ତାର ପ୍ରତିନିଧିତ୍ୱ କରୁଥିଲା। ପବିତ୍ରତା ନିମନ୍ତେ ହଳଦିଆ, ଶୁଦ୍ଧତା ନିମନ୍ତେ ଧଳା, ଆତ୍ମବିଶ୍ୱାସ ନିମନ୍ତେ ନୀଳ, ପ୍ରଜ୍ଞା ନିମନ୍ତେ ଲାଲ, କାମନାଶୂନ୍ୟ ନିମନ୍ତେ ନାରଂଗୀ ଏବଂ ମିଶ୍ରିତ ରଂଗ ଏହି ସବୁ ଆଦର୍ଶ ଗୁଣାବଳୀକୁ ପ୍ରତିନିଧିତ୍ୱ କରୁଥିଲା। ଆମେ ମଧ୍ୟ ଯଦି ଆମର ମନ ଓ ଶରୀରକୁ ଏକ ଉଚ୍ଚ-ପବିତ୍ର ସ୍ତରକୁ ଉତ୍ତରିତ କରିପାରିବା, ତେବେ ଏହି ବର୍ଣ୍ଣ ସମୂହକୁ ପ୍ରାପ୍ତ କରିପାରିବା।

**୫. ତିନି କନ୍ୟା :**

ଏହି ସପ୍ତାହରେ ଅର୍ଥାତ୍ ପଞ୍ଚମ ସପ୍ତାହରେ ଯେତେବେଳେ ସେ ବୋଧିବୃକ୍ଷ ସନ୍ନିକଟ ପ୍ରସିଦ୍ଧ 'ଅଜପାଳ' ବଟବୃକ୍ଷ ତଳେ ବସି ମୁକ୍ତିର ଆନନ୍ଦ ଉପଭୋଗ କରୁଥିଲେ; ତହ୍ନା, ରତି ଓ ରାଗ ନାମ୍ନୀ ତିନିଜଣ ବହୁତ ସୁନ୍ଦର ଓ ଆକର୍ଷଣୀୟ କନ୍ୟା ନିଜର ସମ୍ମୋହକ ନୃତ୍ୟ ଦ୍ୱାରା ତାଙ୍କର ଧ୍ୟାନଭଗ୍ନ ନିମନ୍ତେ ଆସି ପହଞ୍ଚିଲେ। ସେମାନେ ଭଗବାନ ବୁଦ୍ଧଙ୍କୁ ନିଜର ନୃତ୍ୟ ଆଡ଼କୁ ପ୍ରଲୋଭିତ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କଲେ। ସେ କେବଳ ନିଜର ଚକ୍ଷୁମୁଦ୍ରିତ ରଖି ଧ୍ୟାନରେ ମଗ୍ନ ରହିଲେ। କେତେ ଘଣ୍ଟା ପରେ ସେମାନେ ଏତେ ଥକିଗଲେ ଯେ ବୁଦ୍ଧଙ୍କୁ ଶାନ୍ତିରେ ରହିବାକୁ ଦେଇ ସେଠାରୁ ନିଷ୍କ୍ରାନ୍ତ ହେଲେ।

(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

ଧ୍ୱନି ପ୍ରତିଧ୍ୱନି
ରବିବାର, ନଭେମ୍ବର ୩୦, ୨୦୨୫


# ଉଦଳା ଆଇ.ଟି.ଡ଼ି.ଏ. ନିରବ ରହିବାର ଫଳ

## ବାପଛେଉଣ୍ଡ କନ୍ୟା ପଢ଼ାରେ ବାନ୍ଧିଲେ ଡ଼ୋରି : ସାଜିଲେ ଦିନ ମଜୁରିଆ

ଉଦଳା, ୨୯/୧୧ (ନି.ପ୍ର): ଖୁଂଟା ବ୍ଲକର ବାହାନଡ଼ା ପଂଚାୟତ ଅନ୍ତର୍ଗତ ସାହାର ବେଡ଼ା ଗ୍ରାମର ବାପଛେଉଣ୍ଡ କନ୍ୟା ସୁମି ଟୁଡୁ ପାଠପଢ଼ାରେ ଡ଼ୋରି ବାନ୍ଧିଦେବା ସହ ଦିନମଜୁରିଆ ଭାବରେ କାମ କରି ପଇସା ରୋଜଗାର କରୁଛନ୍ତି । ଏଥିପାଇଁ ପରିସ୍ଥିତି ତାଙ୍କୁ ବାଧ କରିଥିବାର ସେ ଜଣାଇଛନ୍ତି । ଖବର ନେବାରୁ ସୁମି ବାହାନଡ଼ାସ୍ଥିତ ଶାନ୍ତିନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ଏତିକିବେଳେ ତାଙ୍କର ବାପା ଗଣେଶ୍ୱର ଟୁଡୁଙ୍କର ଦେହାନ୍ତ ହେଲା । ଫଳରେ ସୁମି ମାଟ୍ରିକ ପରୀକ୍ଷା ଦେଇନପାରି ପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହେଲେ । କାରଣ ତାଙ୍କ ତଳକୁ ଥିବା ଦୁଇ ଭଉଣୀଙ୍କର ପାଠପଢ଼ା ସାଙ୍ଗକୁ



ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଇବା ଖୁବ୍ କଷ୍ଟକର ହୋଇ ପଡ଼ିଲା । ଏଥିପାଇଁ ସୁମି ଦିନମଜୁରିଆ ଭାବରେ କାମ କରି ପଇସା ରୋଜଗାରରେ ଲାଗିପଡ଼ିଲେ । ଦିର୍ଘ ୫ ବର୍ଷ ତଳୁ ପଢ଼ାରେ ଡ଼ୋରି ବାନ୍ଧିଥିବା ସୁମିଙ୍କୁ ବର୍ତ୍ତମାନ ବୟସ ୧୮ବର୍ଷ ଛୁଇଁଲା । ଏହିପରି ବିଭିନ୍ନ କାରଣରୁ ବହୁସଂଖ୍ୟାରେ ଛାତ୍ର ଛାତ୍ରୀ ଅଧାରୁ ପାଠପଢ଼ା ଛାଡ଼ିବାକୁ ବାଧ ହେଉଥିବା ବେଳେ ସରକାରଙ୍କ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ଘୋଷଣା ପହସନରେ ପରିଣତ ହୋଇଛି । ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଥିଲେ ମଧ ଏହିଭଳି ଛାତ୍ର ଛାତ୍ରୀଙ୍କ ପାଇଁ କିପ୍ରକାର ସହଯୋଗର ହାତ ବଢ଼ାଉଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବହୁ ଆଦିବାସୀ ଛାତ୍ର ଛାତ୍ରୀଙ୍କର ଭାଗ୍ୟ ଅନ୍ଧକାର ମଧକୁ ଠେଲି ହୋଇ ଯାଉଥିବାର ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଥିବା ବେଳେ ନିରବଦ୍ରଷ୍ଟା ସାଜିଛି ଉଦଳା ଆଇ.ଟି.ଡ଼ି.ଏ. । ଯାହାକି ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଗୀତାର ଜ୍ଞାନ ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ କରୁଛି: ପୁଷ୍କର ସିଂହ ଧାମି

ଚଣ୍ଡିଗଡ଼, ୨୯/୧୧: ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଶନିବାର ଦିନ କୁରୁକ୍ଷେତ୍ରରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଗୀତା ମହୋତ୍ସବରେ କହିଛନ୍ତି ଯେ ଧର୍ମଭୂମି କୁରୁକ୍ଷେତ୍ରର ପବିତ୍ର ଭୂମିରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଦିବ୍ୟ ଶିକ୍ଷା ଦେଇଥିଲେ, ତାହା ଶ୍ରୀମଦ୍ ଭଗବଦ୍ ଗୀତା ରୂପରେ ମାନବତାର ଅନନ୍ତ ଜ୍ଞାନ ପାଲଟିଛି, ଯାହା ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ କରୁଛି । ଆଜି ଏଠାରେ ଆନ୍ତର୍ଜାତୀୟ ଗୀତା ମହୋତ୍ସବରେ ଅଂଶଗ୍ରହଣ କରି ଧାମି ଏହି କଥା କହିଥିଲେ ।

ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି ଯେ ଧର୍ମ, କର୍ତବ୍ୟ, ସତ୍ୟ, ନିଃସ୍ୱାର୍ଥପର କର୍ମ ଏବଂ ଆତ୍ମ-ଉନ୍ନତିର ବାର୍ତା ଏହି ଭୂମିରୁ ସମଗ୍ର ମାନବ ସମାଜକୁ ପ୍ରସାରିତ ହୋଇଛି । ଏହି ମହାନ ମହୋତ୍ସବ ମାଧମରେ ଜନସାଧାରଣଙ୍କ ନିକଟରେ ଗୀତାର ବାର୍ତା ପ୍ରସାର କରିବା ପାଇଁ ସେ ହରିୟାଣା ସରକାର ଏବଂ ସ୍ୱାମୀ ଜ୍ଞାନାନନ୍ଦ ଜୀ ମହାରାଜଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଶ୍ରୀମଦ୍ ଭଗବଦ୍ ଗୀତା କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ, ବରଂ ମାନବ ଜୀବନର ଏକ କାଳଜୟୀ ମାର୍ଗଦର୍ଶିକା । ଏହା ଏକ ଦିବ୍ୟ ଆଲୋକ କିରଣ, ଯେଉଁଥିରେ ମାନବ ଆଚରଣ, ଚିନ୍ତାଧାରା, କର୍ତବ୍ୟ, ଭକ୍ତି, ଜ୍ଞାନ ଏବଂ ଜୀବନ ଆଚରଣର ଏକ ଅନନ୍ୟ ସଂକଳନ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶୁଭଙ୍କର ମିଶ୍ରଙ୍କ...

ଯୋଜନା କରାଯାଉଛି । ଶୁଭଙ୍କର ମିଶ୍ରଙ୍କ ଏଭଳି ମନ୍ତବ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ଓ ବିଶ୍ୱାସ ଉପରେ କୁଠାରଘାତ । ଜଗନ୍ନାଥଙ୍କ ବିଜେସ୍ଥଳୀ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଧର୍ମ ଉପରେ ଏଭଳି ମନ୍ତବ୍ୟ ହିନ୍ଦୁଙ୍କ ଭାବାବେଗକୁ କଷ୍ଟ ଦେଇଛି । ଶୁଭଙ୍କର ମିଶ୍ରଙ୍କ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ପ୍ରତି ଏଭଳି ଭୁଲ୍ ଉପସ୍ଥାପନା ଚାରିଆଡେ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ନେଇ ବିରୋଧ ଦେଖିବାକୁ ମିଳିଛି ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସେବାୟତ । ଶ୍ରୀ ମନ୍ଦିର ଏବଂ ଜଗନ୍ନାଥଙ୍କ ଉପରେ ବାରମ୍ୱାର ଏଭଳି ଭୁଲ ତଥ୍ୟ ସାମାଜିକ ଗଣ ମାଧମରେ ଆସୁଛି । ସରକାର ଏହା ଉପରେ ଆଇନ କେବେ ଆଣିବେ ତାହା ଉପରେ ଏବେ ସମସ୍ତଙ୍କ ନଜର ।

### ଅତିରିକ୍ତ ବଜେଟ୍ ପରେ...

ମୋହନ ମାଝୀ । ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପିତ ହୋଇଛି । ପ୍ରାଶାସନିକ ଖର୍ଚ୍ଚ ୩ ହଜାର ୩୮୯ କୋଟି । ପାଇପ ଜଳ ଯୋଗାଣ ପାଇଁ ୧୧୬ କୋଟି । ବିପର୍ଯ୍ୟୟ ପରିଚାଳନା ପାଇଁ ୧୭୧ କୋଟି । ସାମାଜିକ ସେବା ପାଇଁ ପାଇଁ ୫୯୪୮ କୋଟି । 'ସୁଭଦ୍ରା' ଯୋଜନା ପାଇଁ ୨୯୫ କୋଟି । ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୫୪ କୋଟି । ରାଷ୍ଟ୍ରୀୟ ଗ୍ରାମ୍ୟ ସ୍ୱରାଜ ଅଭିଯାନ ପାଇଁ ୪୦ କୋଟି । ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୪୦ କୋଟି । ମମତା ଯୋଜନା ପାଇଁ ୧୪୨ କୋଟି । ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୫୭ କୋଟି । ମିଶନ ଶକ୍ତି ପାଇଁ ୪୦୫ କୋଟି । ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ ୨୦୦ କୋଟି । ଅତିରିକ୍ତ ବଜେଟରେ ବ୍ୟୟବରାଦ କରିଛନ୍ତି ରାଜ୍ୟ ସରକାର ।

### ଆମ ମଧରେ କୌଣସି ...

ଡିକେ ଶିବକୁମାର ଉପସ୍ଥିତ ଥିଲେ । ସେ ମଧ ମୁଖ୍ୟମନ୍ତ୍ରୀଙ୍କ ଭଳି କହିଥିଲେ । ସେ ନିଜକୁ କଂଗ୍ରେସର ବିଶ୍ୱସ୍ତ ସୈନିକ କହିଥିଲେ ଓ କଂଗ୍ରେସ ହାଇକମାଣ୍ଡ ସମନ ପାଇଲେ ଦିଲ୍ଲୀ ଯିବେ ବୋଲି କହିଥିଲେ । ଶିବକୁମାର କହିଥିଲେ, ଯେତେଦୂର ନେତୃତ୍ୱ କଥା ଉଠୁଛି, ସେଥିରେ ଆମେ ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ଅନୁସରଣ କରିବୁ । ହାଇକମାଣ୍ଡ ଯାହା କହିବେ, ତାହା ଆମ ନିଷ୍ପତ୍ତି ହେବ । ଆମେ ଦଳର ବିଶ୍ୱସ୍ତ କର୍ମୀ । ଆମେ ଜାଣିଛୁ, ଦେଶରେ ଦଳ ଏବେ ଏକ ଦୁଃସ୍ଥ ସମୟ ଦେଇ ଗତି କରୁଛି । କିନ୍ତୁ ଆମେ ଜାଣିଛୁ କର୍ଣ୍ଣାଟକା ଏକ ପ୍ରମୁଖ ଭୂମିକା ନିର୍ବାହ କରିବ । ଆମେ ୨୦୨୮ରେ ପୁଣି ସରକାର ଗଠନ କରିବୁ ।

# ବିଦେଶୀ ମଦର ମୂଲ୍ୟକୁ ନେଇ ଠେଲକୋଲୋଇରେ ଫୁଟିଲା ଗୁଳି

ସମ୍ବଲପୁର, ୨୯/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଠେଲକୋଲୋଇ ଥାନା ଅଂଚଳର ଏକ ବିଦେଶୀ ମଦ ଦୋକାନରେ ଶୁକ୍ରବାର ରାତିରେ ଗୁଳିଚାଳନା ହୋଇଥିଲା । ଏହି ଘଟଣାରେ ପୋଲିସ ଝାରସୁଗୁଡା ଥାନା ଅନ୍ତର୍ଗତ ହୃଷିକେଶ କିସାନ(୪୫)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ତା ନିକଟରୁ ଏକ ୧୨ଡିବିବିଏଲ୍ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ଗୋଟିଏ ଖୋଖା, ଓଡି୨୩ଡି- ୧୭୮୭ ନମ୍ବରର ଏକ ବାଇକ୍, ସାମସଙ୍ଗ ମୋବାଇଲ ଫୋନ, ନଗଦ ୫୮୦୦ଟଙ୍କା ଜବତ କରାଯାଇଥିବା ଆଇଆଇସି ବୁଲୁ ସ୍ୱାଇଁ ସୂଚନା ଦେଇଛନ୍ତି । ଏନେଇ ଅଭିଯୁକ୍ତ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଏବଂ ଅସ୍ତ୍ରଶସ୍ତ୍ର ଆଇନ ବଳରେ ମୋକଦ୍ଦମା ରୁଜୁ କରାଯାଇଛି । ବିଦେଶୀ ମଦର ମୂଲ୍ୟକୁ ନେଇ ଦୋକାନ କର୍ମଚାରୀଙ୍କ ସହିତ ଅଭିଯୁକ୍ତଙ୍କ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା । ଏହି ସମୟରେ ବନ୍ଧୁକରୁ ସେ ଗୁଳିଚଳାଇ ଥିଲା । ହେଲେ ସଂଯୋଗ ବସତଃ ଗୁଳିଟି କାହାରି ଦେହରେ ବାଜିନଥିଲା ।

# ସେଲ୍, ଆରଏସପିର ସିଏସ୍ଆର୍ ବିଭାଗ ଦ୍ୱାରା ଗ୍ରାମୀଣ ମହିଳାଙ୍କ ଜୀବିକା ନିମନ୍ତେ କନ୍ଥା ସିଲେଇ ଏବଂ କପଡା ଡିଜାଇନର ଦ୍ୱିତୀୟ ବ୍ୟାଚ୍ ତାଲିମ କାର୍ଯ୍ୟକ୍ରମ ଆରମ୍ଭ



ରାଉରକେଲା, ୨୯/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ୍ ପି)ର ଏକ ଅନନ୍ୟ ସି ଏସ ଆର ପଦକ୍ଷେପ, ଲିଡ୍ସ ରାଞ୍ଚି ସହଯୋଗରେ, କନ୍ଥା ସିଲେଇ ଏବଂ କପଡା କାରିଗରୀରେ ଏକ ତିନି ମାସିଆ ଜୀବିକା ନିର୍ବାହ ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ବ୍ୟାଚ୍ ନଭେମ୍ବର ୨୭ ତାରିଖ ଦିନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ନୂଆଗାଁ ଗ୍ରାମର ୨୦ ଜଣ ବଞ୍ଚିତ ଶ୍ରେଣୀର ମହିଳା ଯୋଗ ଦେଉଛନ୍ତି । ଏହି କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହର ଆର ଏସ ପି ର ସହରସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ମୁଖ୍ୟ ଅତିଥି ଭାବେ ଯୋଗ ଥିଲେ । ସୁନ୍ଦରଗଡ଼ର ନୂଆଗାଁର ଅଧକ୍ଷା ଶ୍ରୀମତୀ ବିଶ୍ୱାସୀ ଟପ୍ପୋ ଏବଂ ନୂଆଗାଁର ବିଡିଓ ଶ୍ରୀ ଜ୍ୟୋତି ବିକାଶ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଲିଡ୍ସର ନିର୍ଦ୍ଦେଶକ ଶ୍ରୀ ଏ କେ ସିଂହ ଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶ୍ରୀ କାନେକର ସ୍ଥାୟୀ ଜୀବିକା ନିର୍ବାହ ପାଇଁ ସୃଜନଶୀଳ କୌଶଳ ପ୍ରଦାନ କରିବାରେ ସହଭାଗୀ ସଂସ୍ଥାଗୁଡ଼ିକର ପ୍ରୟାସକୁ ପ୍ରଶଂସା କରିଥିଲେ ।

ଶ୍ରୀମତୀ ବିଶ୍ୱାସୀ ଟପ୍ପୋ ସମ୍ପୃକ୍ତ ଅଞ୍ଚଳର ମହିଳାମାନଙ୍କ ଉନ୍ନତି ପାଇଁ ଏପରି ଏକ ଉଦ୍ୟୋଗୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଆର ଏସ ପି ଏବଂ ଲିଡ୍ସ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ।

ଶ୍ରୀ ଜ୍ୟୋତି ବିକାଶ ଦାଶ ଗ୍ରାମର ମହିଳାମାନଙ୍କ ପାଇଁ ଲାଭଦାୟକ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ପ୍ରଚଳନ କରିବାରେ ସେଲ ଆର ଏସ ପି ଏବଂ ଲିଡ୍ସ ର ପ୍ରୟାସକୁ ମଧ ପ୍ରଶଂସା କରିଥିଲେ ।

ସୁଶ୍ରୀ ମିତ୍ର, ପ୍ରଥମ ବ୍ୟାଚର ସଫଳତା ଏବଂ ଦ୍ୱିତୀୟ ବ୍ୟାଚ କାର୍ଯ୍ୟକ୍ରମ ସହିତ ଏହାର ରୂପରେଖା ବିଷୟରେ ସୂଚନା ଦେଇଥିଲେ ଏବଂ ଏକ ଆତ୍ମନିର୍ଭରଶୀଳ ପରିବେଶ ସୃଷ୍ଟି କରିବାରେ ପ୍ରକଳ୍ପର ଉଦ୍ଦେଶ୍ୟ ଏବଂ ଦୀର୍ଘକାଳୀନ ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଶ୍ରୀ ଏ କେ ସିଂହ ସମାବେଶକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆରଏସପିର ସିଏସଆର ଅତିରିକ୍ତ ମହିଳାମାନଙ୍କୁ ତାଲିମ ଦେବା ଏବଂ ବିଦ୍ୟମାନ ହସ୍ତଶିଳ୍ପ-ଆଧାରିତ କ୍ଷୁଦ୍ର-ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ପାଇଁ ସମାନ କ୍ଲଷ୍ଟରରେ ପ୍ରକଳ୍ପକୁ ବିସ୍ତାର କରିଛି । ଉଲ୍ଲେଖଯୋଗ୍ୟ ଯେ, ଗ୍ରାମୀଣ ମହିଳାମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା, ସ୍ୱାବଲମ୍ବନକୁ ଉତ୍ସାହିତ କରିବା ସହିତ ସମ୍ପ୍ରଦାୟ ବିକାଶକୁ ସମର୍ଥନ କରିବା ସେଲ ଆରଏସ୍ ପି ର ସି ଏସ ଆର ବିଭାଗର ଏହି ପ୍ରକଳ୍ପର ଲକ୍ଷ ରହିଛି ।

ତିନି ମାସର ପାଠ୍ୟକ୍ରମ ମଧ୍ୟରେ, କନ୍ଥା ସିଲାଇ ର ମାଷ୍ଟର ଟ୍ରେନର ଏବଂ କପଡ଼ା ଚିତ୍ରକଳା ବିଷୟରେ ତାଲିମ ପ୍ରଦାନ କରିବେ, ଯାହା ମହିଳାମାନଙ୍କୁ ରଙ୍ଗିନ ପୋଷାକ, ଗୃହ ସାଜସଜ୍ଜା ଏବଂ ଆନୁଷଙ୍ଗିକ ସାମଗ୍ରୀ ଭଳି ବଜାର ରେ ବିକ୍ରୟ ଯୋଗ୍ୟ ଜିନିଷ ଉତ୍ପାଦନ କରିବାକୁ ସକ୍ଷମ କରିବ । ତୃତୀୟ ମାସରୁ, ଏହି ଉତ୍ପାଦଗୁଡ଼ିକୁ ବିକ୍ରୟ ପାଇଁ ବଜାର ଦୋକାନ ସହିତ ମଧ ସଂଯୋଗ କରାଯିବ । ମୌଳିକ ଶିକ୍ଷା ଏବଂ ପୂର୍ବ ଚିତ୍ରାଙ୍କନ ଦକ୍ଷତା ଥିବା ବିପିଏଲ ପରିବାରରୁ ୧୫ ରୁ ୪୫ ବର୍ଷ ବୟସର ମହିଳାମାନେ ଏହି ତାଲିମ ପାଇଁ ମନୋନୀତ ହୋଇଛନ୍ତି ।

ଉଲ୍ଲେଖନୀୟ ଯେ, ପ୍ରଥମ ବ୍ୟାଚର ଅନେକ ତାଲିମପ୍ରାପ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ ଏଚ ଜି) ମାଧମରେ ନିଜର ଆୟର ମାଧମ ସୃଷ୍ଟି କରିଛନ୍ତି ।

# ବାସୁଦେବପୁର ଏବିଭିପିର ନଗର ସମ୍ମିଳନୀ ଅନୁଷ୍ଠିତ



ବାସୁଦେବପୁର , ୨୯/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାସୁଦେବପୁର ଶାଖା ପକ୍ଷ ରୁ ନଗର ସମ୍ମିଳନୀ ସ୍ଥାନୀୟ ହନୁମାନ ବାଟିକା ରେ ସରସ୍ୱତୀ ଶିଶୁ ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଭଦ୍ରକ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଯାଇଛି କାର୍ଯ୍ୟ କ୍ରମ । ପ୍ରଥମ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କାର୍ଯ୍ୟ କର୍ତ୍ତା ପୂର୍ଣ୍ଣିମା ମହାନ୍ତି, ନଗର ସଭାପତି ପୁରୁଷୋତ୍ତମ ବେହେରା, ସମ୍ପାଦକ ରଶ୍ମୀ ରଞ୍ଜନ ମହାନ୍ତି,ମୃତ୍ୟୁଞ୍ଜୟ ବିଶ୍ୱାଳ ଉପସ୍ଥିତ ରହି ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଉପରେ ଆଲୋକ ପାତ କରିଥିଲେ । ଏହି ଅବସରରେ ପୂରାତନ ଟିମ୍ କୁ ଭଙ୍ଗ କରାଯାଇ ଥିଲା । ଦ୍ୱିତୀୟ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ଆର୍ ଏସ ଏସ ର ଭଦ୍ରକ ଜିଲ୍ଲା ସେବା ପ୍ରମୁଖ ଶଶାଙ୍କ ଶେଖର ସାମଲ, ଭଦ୍ରକ ଜିଲ୍ଲା ର ଏ ବି ଭି ପି ଜିଲ୍ଲା ସଂଯୋଜକ ଓମ୍ କାର ମହାନ୍ତି, ବିଭାଗ ଏସ ଏଫ୍ ଏସ୍ ପ୍ରମୁଖ ମାଧୁରୀ ରାଉତ ଉପସ୍ଥିତ ରହି ଥିଲେ । ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ନୂତନ ସଭାପତି ପୁରୁଷୋତ୍ତମ ବେହେରା ଓ ସମ୍ପାଦକ ରଶ୍ମୀ ରଞ୍ଜନ ମହାନ୍ତିଙ୍କ ନାମ ଘୋଷଣା କରିଥିଲେ । ନୂତନ ସଭାପତି ପୁରୁଷୋତ୍ତମ ବେହେରା ସମ୍ପୂର୍ଣ୍ଣ ଟିମ୍ ଘୋଷଣା କରିଥିଲେ ଯଥା କ୍ରମେ ଉପ ସଭାପତି ଭାବେ ପୂର୍ଣ୍ଣମା ମହାନ୍ତି, ଚିରଞ୍ଜିବୀ ଭୋଇ, ମାନୋଜ ମଲ୍ଲିକ, ମୃତ୍ୟୁଞ୍ଜୟ ବିଶ୍ୱାଳ, ପ୍ରଭାତ ମହାନ୍ତି, ସହ ସଂପାଦକ ଭାବେ ଜ୍ୟୋତି ପ୍ରଭା ମହାନ୍ତି, ଶୁଭମ ଜେନା, ସାଗର ମଣ୍ଡଳ, ପାଠ୍ୟ ଚକ୍ର ପ୍ରମୁଖ ଦିବ୍ୟାଂଶୁ ଦାସ, ଜନ ସମ୍ପର୍କ ପ୍ରମୁଖ ରାକେଶ ରାୟ, ମିଡ଼ିଆ ପ୍ରମୁଖ ତାରାକାନ୍ତ ଆଦା କ, ଏସ ଏଫ୍ ଡ ପ୍ରମୁଖ ଦେବସ୍ମିତା ନାୟକ, ଏସ ଏଫ୍ ଏସ ପ୍ରମୁଖ ସାଗରିକା ନାୟକ, କ୍ରୀଡା ପ୍ରମୁଖ ସୁଶାନ୍ତ କୁମାର ଦାସ, କାର୍ଯ୍ୟ କାରିଣୀ ସଦସ୍ୟ ଭାବେ ପାଞ୍ଚ ଜଣଙ୍କ ନାମ ଘୋଷଣା କରାଯାଇଛି । ଏହି ଅବସର ରେ ବାଲେଶ୍ୱର ବିଭାଗ ପ୍ରମୁଖ ରମେଶ ଚନ୍ଦ୍ର ବେହେରା ଓ ବିଭିନ୍ନ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୁ ଶତାଧିକ ଛାତ୍ର ଛାତ୍ରୀ ଓ ପୂରାତନ କାର୍ଯ୍ୟ କର୍ତ୍ତା ଉପସ୍ଥିତ ରହିଥିଲେ ।

# ଗୋଡିଖାଳ ଶିବମୁନି ଯୋଗାଶ୍ରମରେ ମୁନି ସମାଜର ବ୍ରହ୍ମଯଜ୍ଞ



ଗୋଡିଖାଳ, ୨୯/୧୧ (ନି.ପ୍ର): ଗୋଡ଼ିଖାଳ ଶିବମୁନି ଯୋଗାଶ୍ରମର ସାପ୍ତାହିକ ସହଙ୍ଗ ରେ ଆତ୍ମଜ୍ଞାନୀ ଯୋଗୀ କୃପାସିନ୍ଧୁ ମୁନିଙ୍କ ଅଧକ୍ଷତାରେ, ବରିଷ୍ଠ ଆତ୍ମଜ୍ଞାନୀ ଯୋଗୀ ପରମା ନନ୍ଦ ମୁନି-ମୁନିରାଜ୍ଞୀ ଗୀତାଞ୍ଜଳୀ ମୁନିଙ୍କ ଜ୍ୟେଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ସୌଦାମିନୀ ବାରିକଙ୍କ ୪୮ତମ ଶୁଭ ଜନ୍ମଦିନ ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ପ୍ରଧାନ, ମୁଖ୍ୟବକ୍ତା ଆତ୍ମଜ୍ଞାନୀ ଯୋଗୀ ଅରୁନ ମୁନିଜୀ ମହୋଦୟ, ସମ୍ମାନୀତ ବକ୍ତା ଯୋଗ ଶିକ୍ଷୟତ୍ରୀ ଶାନ୍ତି ଦିଦି, ଆତ୍ମଜ୍ଞାନୀ ଯୋଗୀ ବଳରାମ ମୁନିଜୀ ମହୋଦୟ ଏବଂ ସମ୍ମାନୀତ ଅତିଥି ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମୁନି, ଯୋଗୀ ହରିପଦ ମୁନି ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ, ମୁନିମତୀ ସୌଦାମିନୀଙ୍କୁ, ଦୀର୍ଘ ନିରୋଗ ନିରାମୟ, ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭଆଶୀର୍ବ ପ୍ରଦାନ କରାଯାଇଥିଲା । ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଣ୍ଠଶିଳ୍ପୀ କମଳକାମିନୀ ଦେ ମୁନି ସଙ୍ଗୀତ ଗାନ କରିଥିଲେ । ବହୁ ଆଶ୍ରମରୁ ବହୁ ମୁନି-ମୁନିମତୀ ମାନେ ଯୋଗଦାନ କରିଥିଲେ । ସୌଦାମିନୀ ୨୦୦୬ ମସିହାରେ ଦକ୍ଷିଣ-ପୂର୍ବ ରେଳପଥର, କର୍ତ୍ତବ୍ୟନିଷ୍ଠ ସତ୍ୟନିଷ୍ଠ ଆଦର୍ଶ ସର୍ବଶ୍ରେଷ୍ଠ ସେବିକା ହିସାବରେ ପୁରସ୍କୃତ ହୋଇଥିଲେ ରେଳବିଭାଗ ତରଫରୁ । ସର୍ବଭାରତୀୟ ପରୀକ୍ଷାରେ ଓଡ଼ିଶାରୁ ଏକମାତ୍ର ସିଲେକସନ ହୋଇ ୨୦୦୦ ମସିହାରେ ସେ ଚାକିରି ଜୀବନ ଆରମ୍ଭ କରିଥିଲେ । ମୁନି ସମାଜ ର ଯମ ନିୟମ ପାଳନ କରି, ପ୍ରତିଦିନ ଯୋଗ ସାଧନା କରିଚାଲିଲେ, ଜଣେ ନିଶ୍ଚିତ ଆତ୍ମଦର୍ଶନ କରିବା ସହିତ ସମସ୍ତ ସଂକଳ୍ପର ସଫଳତା ପାଇପାରିବ । ଶେଷରେ ପିତା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବର୍ତ୍ତନାରେ ବିଜେପିର ମିଶ୍ରଣପର୍ବ: ୮୦ରୁ ଉର୍ଦ୍ଧ୍ୱ ପରିବାର ଅନ୍ୟ ଦଳ ଛାଡ଼ି ବିଜେପିରେ ଯୋଗଦାନ



ଜଳେଶ୍ୱର, ୨୯/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତ୍ତନା ଗ୍ରାମର ବସନ୍ତ ବେହେରାଙ୍କ ବାସଭବନରେ ୫ ଟି ୱାର୍ଡ଼ର ବିଜେପିର ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ ବହୁ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଥିଲା । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କ ବିକାଶ ମିଶନ, ବାଲେଶ୍ୱରର ଲୋକପ୍ରିୟ ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଆଦର୍ଶ ଓ ଜଳେଶ୍ୱର ବିଜେପିର ନିର୍ବାଚନ ମଣ୍ଡଳୀ ନେତା ଶ୍ରୀ ବ୍ରଜ ମୋହନ ପ୍ରଧାନଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ୮୦ ରୁ ଉର୍ଦ୍ଧ ପରିବାର ବିଧିବଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ । ନୂତନ ସଭ୍ୟମାନଙ୍କ ଯୋଗଦାନ ସହିତ ମିଶ୍ରଣ ପର୍ବ ବର୍ତ୍ତନା ଅଞ୍ଚଳରେ ଏକତା, ସଙ୍ଗଠନ ଓ ଦଳୀୟ ଶକ୍ତିର ସ୍ପଷ୍ଟ ପରିଚୟ ଦେଲା ବୋଲି ବିଜେପି ନେତା ବ୍ରଜ ମୋହନ ପ୍ରଧାନ କହିଥିଲେ । ଏହି ମିଶ୍ରଣ ପର୍ବରେ ବର୍ତ୍ତନା ପଞ୍ଚାୟତ ବିଜେପି ସଭାପତି ରବିନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମବାର୍ଡ଼ ମଣ୍ଡଳ ସଭାପତି ବିଜୟ କୁମାର ସାମଲ(ନବୀନ), ମନକିବାତ ଜିଲ୍ଲା ସଂଯୋଜକ କୃଷ୍ଣଚନ୍ଦ୍ର ଦତ୍ତ, ସହଯୋଗୀ ନୃସିଂହ ଦତ୍ତ, ବିଜେପି ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ଦିବାକର ରାଉତ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ଅନୁପ ପ୍ରଧାନ, ବର୍ତ୍ତନା ପଞ୍ଚାୟତ ସମିତି ସଭ୍ୟ ତ୍ରିଲୋଚନ ଦାସ, ୧୦ ନମ୍ବର ମଣ୍ଡଳ ସାଧାରଣ ସମ୍ପାଦକ ଧରଣୀଧର ଦାସ, ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଚନ୍ଦନା ଦାସ, ମଣ୍ଡଳ ସମ୍ପାଦକ ସନ୍ଦୀପ କୁମାର ସାମଲ, ବର୍ତ୍ତନା ପଞ୍ଚାୟତ ମହିଳା ସଭାପତି ପଦ୍ମାବତୀ ବେହେରା, ଯୁବନେତା କାଳିଚରଣ ଦାସ, ତାପସ ପାଣିଗ୍ରାହୀ, ହରିଶ ଚନ୍ଦ୍ର ପରିଡ଼ା, ରଞ୍ଜିତ ପାତ୍ର, ୧୦ ହରିଜନ ସେଲ ସଭାପତି ଗଙ୍ଗାଧର ଜେନା ପ୍ରମୁଖ ଉପସ୍ଥିତ ରହି ମୋଦୀ ଓ ମୋହନ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଆଲୋକପାତ କରିଥିଲେ । ଦଳରେ ଯୋଗ ଦେଇଥିବା ନୂତନ କର୍ମୀମାନଙ୍କୁ ଶ୍ରୀଯୁକ୍ତ ପ୍ରଧାନ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ପାଛୁଟି ନେବା ସହିତ ଡବଲ ଇଞ୍ଜିନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଗୁଡ଼ିକର ସୁଫଳ ରୂପାୟନ ବାବଦରେ ବକ୍ତବ୍ୟ ରଖିଥିଲେ । ଏହାଦ୍ୱାରା ବର୍ତ୍ତନା ପଞ୍ଚାୟତରେ ଦଳ ମଜବୁତ ହେଲା ବୋଲି ମଧ କହିଥିଲେ । ସମସ୍ତ କର୍ମୀ, ସମର୍ଥକ ଓ ଗଣମାନ୍ୟଙ୍କ ଭଲ ପାଇବା ଓ ସକ୍ରିୟ ଯୋଗଦାନ ପାଇଁ ଭାରତୀୟ ଜନତା ପାର୍ଟି ବର୍ତ୍ତନା ଗ୍ରାମ ପଞ୍ଚାୟତ ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି ।

# ଇଣ୍ଡିଗୋ ଏହାର ଏ-୩୨୦ ଫ୍ଲିଟରେ ୧୬୦ଟି ବିମାନରେ କରିଛି ସଫ୍ଟୱେର୍ ଅପଗ୍ରେଡ୍

ନୂଆଦିଲ୍ଲୀ, ୨୯/୧୧ (ନି.ପ୍ର): ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ମଧ୍ୟାହ୍ନ ସୁଦ୍ଧା ଏହାର ଏ-୩୨୦ ବେଡେରେ ୧୬୦ ଟି ବିମାନରେ ଆବଶ୍ୟକ ଅପଗ୍ରେଡ୍ ସମାପ୍ତ କରିଛି, ଯେତେବେଳେ ବାକି ୪୦ ଟି ବିମାନର ଯାଂଚ ଚାଲିଛି । ଏହି ଯାଂଚ ଯୋଗୁଁ କୌଣସି ଉଡ଼ାଣ ବାତିଲ ହୋଇନାହିଁ । ତଥାପି, କିଛି ବିମାନରେ ସାମାନ୍ୟ ବିଳମ୍ବ ହୋଇଛି । ଏୟାରଲାଇନ୍ସ ଶନିବାର କହିଛି ଯେ ଏହାର ପରିଶ୍ରମି ଇଞ୍ଜିନିୟରିଂ ଦଳ ଏହାର ୨୦୦ ଏଆଇବି-ନିର୍ଦ୍ଦେଶିତ ଏ ୩୨୦ ବିମାନ ମଧ୍ୟରୁ ୧୬୦ ଟିରେ ଆବଶ୍ୟକୀୟ ଏୟାରବସ୍ ସୁରକ୍ଷା ଅପଡେଟ୍ ସମାପ୍ତ କରିସାରିଛି, ଯାହା ନିଶ୍ଚିତ କରିଥାଏ ଯେ ଆମର ଫ୍ଲିଟ୍ ପ୍ରସ୍ତୁତ, ନିର୍ଭରଯୋଗ୍ୟ ଏବଂ ଆପଣଙ୍କ ଯାତ୍ରା ପାଇଁ ସୁରକ୍ଷିତ । 'ରାତି ସାରା ଆମର ନିରନ୍ତର ପ୍ରୟାସ ନିଶ୍ଚିତ କରିଛି ଯେ ଆମେ ସର୍ବନିମ୍ନ ବିଳମ୍ବ ଏବଂ ଶୂନ୍ୟ ବାତିଲକରଣ ବଜାୟ ରଖିଛୁ, ନିଶ୍ଚିତ କରିଛୁ ଯେ ଆପଣଙ୍କ ଯୋଜନାଗୁଡ଼ିକ ସର୍ବନିମ୍ନ ବାଧା ସହିତ ଟ୍ରାକରେ ରହିବ । ଅବଶିଷ୍ଟ ବିମାନଗୁଡ଼ିକ ଆବଶ୍ୟକ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ଅନୁପାଳନ କରିବ । ଏୟାରଲାଇନ୍ସ କହିଛି ଆମେ ପ୍ରତ୍ୟେକ ପଦକ୍ଷେପରେ ଆପଣଙ୍କ ପାଇଁ ଏକ ସୁଗମ ଅଭିଜ୍ଞତା ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ ।

# ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ ପ୍ରଧାନଶିକ୍ଷକ

ଖଇରା, ୨୯/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମହତିପୁର ପଞ୍ଚାୟତ ଗନ୍ଧାଳୀ ଗ୍ରାମର ବାସିନ୍ଦା ତଥା ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ମୁଖୀ(୪୯)ଶୁକ୍ରବାର ରାତିରେ ବିଶାଖାପାଟଣାର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଛନ୍ତି । ସେ କିଛି ମାସ ତଳେ କର୍କଟ ରୋଗରେ ଆକ୍ରାନ୍ତ ପରେ ବିଶାଖାପାଟଣାକୁ ଚିକିତ୍ସାପାଇଁ ପଳାଇଥିଲେ । ପ୍ରଥମେ କଣ୍ଟାପଡା ପରେ ତେଲଦିଆ ରେ ଶିକ୍ଷକତା ପରେ ସାରକୋଣାରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିଲେ । ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ଖବର ପାଇଁ ବିଭିନ୍ନ ଶିକ୍ଷକ ସଂଗଠନ ତରଫରୁ ଶୋକ ପ୍ରକାଶ କରାଯାଇଛି ।

ରବିବାର, ନଭେମ୍ବର ୩୦, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମୋବାଇଲ ଖେଳକୁ ତ୍ୟାଗ କରି ଶାରିରୀକ କ୍ରୀଡ଼ାକୁ ଗୁରୁତ୍ୱ ଦେବା ଆବଶ୍ୟକ

ବଡ଼ସାହି , ୨୯/୧୧ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ବିହାର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ଉପଦେଷ୍ଟା ତଥା ସମାଜସେବୀ ରାଜକିଶୋର ଆଚାର୍ଯ୍ୟ ଉଦ୍‌ଘାଟକ ଭାବେ ଯୋଗଦାନ କରି ଜଗତର ନାଥ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବକୁ ଉଦ୍ ?ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ଥାନାର ଆଇ.ଆଇ.ସି ସ୍ୱର୍ଣ୍ଣଲତା ମିଞ୍ଜ ଯୋଗଦାନ କରି ଅଲମ୍ପିକ ମଶାଲ ପ୍ରଜ୍ଜ୍ୱଳନ କରି ପିଲାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଆଜିକାଲି ଯେଉଁ ମାତ୍ରାରେ ମୋବାଇଲ ଗେମ୍ କାୟା ବିସ୍ତାର କରିଛି ସେଥିରେ ନଭୁଲି ମୋବାଇଲ ଖେଳକୁ ତ୍ୟାଗ କରି ଶାରିରୀକ କ୍ରୀଡ଼ାକୁ ଗୁରୁତ୍ୱ ଦେବା ଆବଶ୍ୟକ ତେବେ ଯାଇ ସମାଜ ସୁଧାରିବ। ମୁଖ୍ୟବକ୍ତା ଭାବେ ବଡ଼ସାହି ହ୍ୟୁମାନ ରାଇଟ୍ ମିସନର ସଭାପତି ସୁବୋଧ କୁମାର ଦଣ୍ଡପାଟ, ଆଦରଣୀୟ ଅତିଥି ଭାବେ ସିଆରସିସି ସନକ କୁମାର ଘୋଷ, ସମ୍ମାନିତ ଅତିଥି ଭାବେ ଆଦର୍ଶ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଓ ବରିଷ୍ଠ ଖେଳ ଶିକ୍ଷକ ମନୋରଞ୍ଜନ ମହାପାତ୍ର ଯୋଗଦାନ କରି କ୍ରୀଡାର ମହତ୍ୱ ଓ ସଫଳ କ୍ରୀଡ଼ାବିତ୍ ପାଇଁ କ'ଣ ଆବଶ୍ୟକ ସେ ମର୍ମେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶୁଭଜିତ୍ ଶୁଭଙ୍କର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଗୁରୁଜୀ ଦୀପକ ଦାସ ଓ ଗୁରୁମା ମଳୟ ମଞ୍ଜରୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ନାୟକ ଓ ବୀଣାପାଣି ବାରିକ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁଜୀ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ଗୋବିନ୍ଦ ହେମ୍ବ୍ରମ, ରଣଜିତ କୁମାର ମହାନ୍ତି, ସୌଭାଗ୍ୟବତୀ ରାଉତ, ଭାଗ୍ୟବତୀ ନାୟକ, କବିତା ପତି, ପ୍ରିୟଙ୍କା ମହାନ୍ତ, ସୋନାଲି ଦଣ୍ଡପାଟ, ବର୍ଷା ମହାନ୍ତ ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସର୍ବଶେଷରେ ଗୁରୁଜୀ କାର୍ତ୍ତିକ ସେଠୀ ଧନ୍ୟବାଦ ପର୍ପଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ୩ଦିନ ଧରି ଚାଲିବ ବୋଲି କ୍ରୀଡ଼ା ଅଧିକାରିଣୀ ସବିତା ମହାନ୍ତି ସୂଚନା ଦେଇଛନ୍ତି।

# ମହାଲକ୍ଷ୍ମୀଙ୍କ ପୂଜା କରୁଥିବାବେଳେ ନିଆଁଲାଗି ଧର୍ମପ୍ରାଣା ମହିଳାଙ୍କ ମୃତ୍ୟୁ

ନୀଳଗିରି , ୨୯/୧୧ (ନି.ପ୍ର): ପବିତ୍ର ମାର୍ଗଶିର ମାସ ଗୁରୁବାରଦିନ ମହାଲକ୍ଷ୍ମୀଙ୍କ ପୂଜା ଆରାଧନା କରୁଥିବା ସମୟରେ ନିଆଁଲାଗି ଜଣେ ମହିଳାଙ୍କ ମୃତ୍ୟୁକୁନେଇ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା 'ବଣଧୂଳିର ଫୁଲ' ସାମାଜିକ ସଂଗଠନର ପ୍ରତିଷ୍ଠାତା ବିଜୟ କୁମାର ଆଚାର୍ଯ୍ୟଙ୍କ ଧର୍ମପତ୍ନୀ କବିତା ଆଚାର୍ଯ୍ୟ ଏକଲା ନିଜ ଅରଡବଜାର ସ୍ଥିତ ଭଡ଼ାଘରେ ଗତ ୨୭ତାରିଖ ଗୁରୁବାର ଅବସରରେ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରୁଥିବାବେଳେ ଧୂପରେ ନିଆଁଲଗାଇବା ପରେ ଜଳନ୍ତା ଦିଆସିଲିକାଠିକୁ ପାଖରେ ଫିଙ୍ଗିଦେଇଥିଲେ। ଅସାବଧାନତା କାରଣରୁ ଶାଢ଼ୀରେ ନିଆଁ ଲାଗିଯାଇଥିଲା। ଚିତ୍କାର କରିଥିଲେ ହେଁ ପାଖରେ ଏକ କାଗଜ ଦୋନା ଏବଂ ଥାଳି ତିଆରି କାରଖାନା ଥିବାରୁ ଆବାଜ ନଶୁଭିବାରୁ ତାଙ୍କୁ କେହି ଉଦ୍ଧାର କରିପାରିନଥିଲେ। କିଛି ସମୟପରେ ତାଙ୍କ ରୋଷେୟା ପାଖପଡୋଶୀ ଆସି ଖବରଦେଲା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରେମୁଣା ମେଡିକାଲ କଲେଜକୁ ନିଆଯାଇଥିଲା। ସେତେବେଳକୁ ଶରୀରର ୮୫ପ୍ରତିଶତ ପୋଡିଯାଇଥିଲା। ଅବସ୍ଥା ସଙ୍ଗୀନହେବାରୁ କଟକ



ବଡ଼ମେଡ଼ିକାଲ ପରେ ଏମ୍ସ ଭୁବନେଶ୍ୱର ନିଆଯାଇଥିଲେ ହେଁ କବିତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ କରାଯାଇଥିବା ବେଳେ ତାଙ୍କର ଏକମାତ୍ର ଝିଅ ମାନସୀ ମୁଖାଗ୍ନୀ ଦେଇଥିଲେ। ମହିଳାଜଣକ ଜଣେ ସର୍ବଧର୍ମ ସମନ୍ୱୟର ପ୍ରତୀକ ଥିଲେ। ତାଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିଥିଲା। ବିଶେଷକରି ଦୀନ,ଦରିଦ୍ର ଦୁଃଖୀଙ୍କ ପାଇଁ ସେ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଆବାଳ ବୃଦ୍ଧ ବନିତା ତାଙ୍କ ନିକଟରୁ କେହି ଖାଲିପେଟରେ ଫେରୁନଥିଲେ। ସଦାସର୍ବଦା ସମାଜସେବାରେ ବ୍ରତୀଥିବା ସ୍ୱାମୀ ବିଜୟ ଆଚାର୍ଯ୍ୟ ଏବେ ସ୍ତ୍ରୀଙ୍କ ମୃତ୍ୟୁପରେ ବେସାହାରା। ତେବେ ସ୍ତ୍ରୀ କବିତାଙ୍କ ମୃତ୍ୟୁ ପାଇଁ ବିଶେଷକରି ସ୍ୱାସ୍ଥ୍ୟବିଭାଗର ଅବ୍ୟବସ୍ଥାକୁ ଦାୟୀକରିବା ସହିତ ଆଗାମୀ ଦିନରେ ସରକାର ଏଥିପ୍ରତି ଯତ୍ନବାନ ହେବାକୁ ଦୁଃଖର ସହିତ ପ୍ରତିକ୍ରିୟା ଦେଇଛନ୍ତି।

# ଗୌରାଙ୍ଗ ଚନ୍ଦ୍ର ବାରିକ ପାଇଲେ ସଂଗୀତ ନାଟକ ଏକାଡେମୀ ପୁରସ୍କାର ୨୦୨୪

ଭଦ୍ରକ, ୨୯/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ରାନ୍ଧିଆ କୋରଂଟ ଗ୍ରାମର ଲୋକନାଟ୍ୟ ମୋଗଲ ତାମସାର ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ ଙ୍କୁ ୨୦୨୪ ବର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଅଛି। ଭୁବନେଶ୍ୱର ଲୋକ ସେବା ଭବନରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ବର୍ଣ୍ଣାଢ଼୍ୟ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିକଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ସଂଗୀତ ନାଟକ ଏକାଡେମୀ ସଚିବ ଡଃ ଚନ୍ଦ୍ରଶେଖର ହୋତା ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ବିଧାୟକ ସିଦ୍ଧାନ୍ତ



ମହାପାତ୍ର, ବାବୁ ସିଂ, ଆକାଶ ଦାସ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବାରିକ ଲୋକ ନାଟ୍ୟ ମୋଗଲ ତାମସାରେ ଦୀର୍ଘଦିନ ଧରି ଅଭିନୟ କରି ସନାମ ଅର୍ଜନ କରିଥିବାବେଳେ ଜଣେ ସଫଳ ନିର୍ଦ୍ଦେଶକ ଭାବେ ମଧ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ସେ ରାଜ୍ୟ ଓ ରାଜ୍ୟ ବାହେରେ ଲୋକ ନାଟ୍ୟ ମୋଗଲ ତାମସାକୁ ମଂଚସ୍ଥ କରିବା ସହିତ ପ୍ରସାର ଓ ପ୍ରଚାର କରାଇ ଲୋକ ନାଟ୍ୟ ମୋଗଲ ତାମସାକୁ ଉଜ୍ଜୀବିତ କରିବା ସଂଗେ ସଂଗେ ଭଦ୍ରକର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାର ନିଜକୁ ଉତ୍ସର୍ଗ କରିଛନ୍ତି। ବିମଳା ନାଟ୍ୟ ସଂସରେ ସମ୍ପାଦକ ରହି ବିଭିନ୍ନ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ କରି ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ଆସୁଛନ୍ତି। ସେ ଜଣେ ସୁସଙ୍ଗଠକ ଭାବରେ ବହୁ ଅନୁଷ୍ଠାନ ସହ ଜଡିତ ରହି ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରି ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ଆସୁଛନ୍ତି। ସେ ଜଣେ ସୁ ସଂଗଠକ ହିସାବରେ ବହୁ ଅନୁଷ୍ଠାନ ସହ ଜଡିତ ରହି ସାମାଜିକ ସାଂସ୍କୃତିକ ସାଂଗଠନିକ ଓ ସମାଜ କଲ୍ୟାଣ କାର୍ଯ୍ୟକରି ଲୋକ ପ୍ରିୟ ହୋଇ ପାରିଛନ୍ତି। ସେ କଳା ସଂସ୍କୃତିର ଅଭିବୃଦ୍ଧି କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି। ସେ ପୁରସ୍କାର ପାଇବା ପରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ପୁରସ୍କାର ପାଇବା ପରେ ଭଦ୍ରକ ତ୍ୟାଗଭୂମି ସମ୍ମେଳନ, ସାଇ ନୃତ୍ୟ ଏକାଡେମୀ, ମନ୍ଦିରା ନୃତ୍ୟ ଏକାଡେମୀ, ବଂଶିବଲ୍ଲବ ସାହିତ୍ୟ ସଂସ୍କୃତି ପରିଷଦ, ତିହିଡି କଳାକର ସଂଘର ପକ୍ଷରୁ ସଂକେତ ଭଦ୍ରକ, ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ କରାଯାଇଅଛି।

# ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୯ତମ ବାର୍ଷିକ କ୍ରୀଡା

ଖଇରା, ୨୯/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତର ବାଣପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୯ତମ ବାର୍ଷୀକ କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ସମ୍ପାଦକ ଶତ୍ରୁଘ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବର୍ଦ୍ଧନା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନିମାଇଁ ଚରଣ ଦାସ ମୁଖ୍ୟଅତିଥି,ଗରସଙ୍ଗ ଜମ୍ବେଶ୍ୱର ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ବିଜୟ କୁମାର ବେହେରା ସମ୍ମାନନୀୟ ଅତିଥି




ଭାବେ ଯୋଗ ଦେଇ ଶାରିରୀକ ବିକାଶରେ କ୍ରୀଡାର ଆବଶ୍ୟକତା ଉପରେ ପିଲା ମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରଧାନଆଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶ ଅତିଥି ପରିଚୟ ସହିତ ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । କ୍ରୀଡା ପ୍ରମୁଖ ଚିତ୍ତରଞ୍ଜନ କରଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଚାମଚ ଦୌଡ, ମ୍ୟୁଜିକ ଚେୟାର ସମେତ ଅନ୍ୟାନ୍ୟ ପ୍ରତିଯୋଗିତାରେ ୫ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ସମସ୍ତ କୃତି ପିଲାଙ୍କୁ ପୁରସ୍କୃତ କରାଯାଇଥିଲା ।

# ମୋବାଇଲ ଚୋରି ସନ୍ଦେହରେ ଦୁଇ ଫେରିବାଲା ଯୁବକଙ୍କୁ ଉତ୍ତମ ମଧ୍ୟମ ଦେବା ସହିତ ଫାଣ୍ଡିରେ ଜିମା ଦେଲେ

ବସ୍ତା , ୨୯/୧୧ (ନି.ପ୍ର): ମୋବାଇଲ ଚୋର ସନ୍ଦେହରେ ଦୁଇ ଯୁବକଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ପୋଲିସ ର ଜିମା ଦେଲେ ଲୋକେ,ଫେରି କରିବା ବାହାନାରେ ଆସି ଚୋରି କରୁଥିବା ବେଳେ ଧରା ପଡ଼ିଥିଲେ,ଏପରି ଘଟଣା ଆଜି ସକାଳ ପ୍ରାୟ ୮ ଘଟିକା ସମୟର ଦେଖିବାକୁ ମିଳିଛି ଅମର୍ଦାରୋଡ଼ ବଜାରରେ। ସୂଚନା ଅନୁଯାୟୀ ସିଂଲା ଥାନା କାଦରାୟାଁ ଅଞ୍ଚଳର ଆବେଦ ଏବଂ ଉସମାନ ନାମକ ଦୁଇଜଣ ଯୁବକ ଆଜି ସକାଳେ ବସ୍ତା ଥାନା ଅର୍ନ୍ତଗତ ଅମର୍ଦାରୋଡ ବଜାରରେ ସ୍ୱର୍ଗତ ଗଙ୍ଗାଧର ସାହୁଙ୍କ ଘରେ ପସି ମୋବାଇଲ ଚୋରି କରିବାକୁ ଉଦ୍ୟମ କରୁ ଥିବା ବେଳେ ପରିବାର ଲୋକେ ପହଞ୍ଚି ଯିବାରୁ



ସେମାନେ ଦୌଡି ପଳାଉଥିବା ଉଦ୍ୟମ କରୁଥିବା ବେଳେ ଘର ଲୋକେ ସହିତ ପଡୋଶୀ ମାନେ ଉକ୍ତ ଯୁବକ ମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଉଭୟଙ୍କୁ ଦଉଡ଼ିରେ ବାନ୍ଧି ଉତ୍ତମ ମଧ୍ୟମ ଦେବା ସହିତ ଦୌଦିରେ ବାନ୍ଧି ଚଳାଇ ଚଳାଇ ଆଣି ଅମର୍ଦାରୋଡ ଫାଣ୍ଡି ପୋଲିସକୁ ଜିମାଦେଇ ଥିଲେ।ତେବେ ଦୁଇଜଣଙ୍କୁ ଫାଣ୍ଡିରେ ଅଟକ ରଖି ପଚରାଉଚରା କରୁଛି,ଯୁବକ ମାନେ ଫେରି କରିବା ବାହାନାରେ ଚୋରି କରୁଥିବା ରାମ ଚନ୍ଦ୍ର ସାହୁ ଅଭିଯୋଗ ହୋଇଛି।

# ଜବତ ବାଲି ଚୋରୀ ବେଳେ ଟ୍ରାକ୍ଟର ଜବତ କଲା ଖଇରା ପୋଲିସ

ଖଇରା, ୨୯/୧୧ (ନି.ପ୍ର): ବାଲେଶ୍ୱର ଖଣି ବିଭାଗ ତରଫରୁ ଚଢାଉ କରି ଖଇରା ବ୍ଲକ ପରିସରରେ ରଖାଯାଇଥିବା ବାଲିକୁ ଚୋରୀ କରାଯାଉଥିବା ବେଳେ ଖଇରା ପୋଲିସ ହାତରେ ଧରା ପଡିଛି । ଖଣି ବିଭାଗ ପକ୍ଷରୁ ବାଲି ବୋଝେଇ ଟ୍ରକ କୁ ଜବତ କରାଯିବା ପରେ ଟ୍ରକ ମୁକୁଳିବା ପରେ ବାଲିକୁ ବ୍ଲକ ପରିସରରେ ମହଜୁଦ ରଖାଯାଉଥିଲା । ଶନିବାର ସକାଳେ ଟ୍ରାକ୍ଟରରେ ଉକ୍ତ ବାଲିକୁ ନେଇ ଖଇରା ହାଇସ୍କୁଲରେ ଢଳାଚାଲିଥିବା ବେଳେ ଖବର ପାଇଁ ଏସଆଇ ତପନ ଜେନା ଉକ୍ତ ଟ୍ରାକ୍ଟରକୁ ଜବତ କରି ଖଇରା ଥାନାକୁ ଆଣିଥିଲେ । ଏ ସମ୍ପର୍କରେ ଆଇଆଇସି ଭୁବନ ମୋହନ ସେଠୀଙ୍କ ପ୍ରତିକ୍ରିୟା ନେବାରେ ଟ୍ରାକ୍ଟର ମାଲିକ ଙ୍କୁ ପଚରାଉଚୁରା ପରେ ସବୁକିଛି ଜଣାପଡିବ ବୋଲି କହିଛନ୍ତି ।

# ଶୂନ ମୃତାହତ ପକ୍ଷ ଉଦ୍‌ଯାପିତ

ଭଦ୍ରକ,୨୯/୧୧( ): ଜିଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଶୂନ ମୃତାହତ ପକ୍ଷ ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ସାଇକଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ନୂଆ ବସଷ୍ଟାଣ୍ଡ ନିକଟରେ ପହଂଚିଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଓ ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ,ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ ଓ ଅତିରିକ୍ତ ଏସପି ସମ୍ବିତ ମାଝୀ, ଜିଲା ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ଅତିରିକ୍ତ ଜିଲ୍ଲା



ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ବସ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି, ରୋ. ଅତିସ ବେହେରା, ସାମ୍ବାଦିକ ତଥା କମିଟିର ସଭ୍ୟ ରବିନାରାୟଣ ଖିଲାର, ଏନସିସି ଛାତ୍ର ଛାତ୍ରୀ, ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ର କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ । ସେହିପରି ବିଭିନ୍ନ ସ୍କୁଲ କଲେଜ ପିଲାମାନେ ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ, ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରି ଶେଷରେ ନୂତନ ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ରାଉତରାଏ ଙ୍କ ସହ ଅତିଥିମାନେ ସାଇକଲ ଚଳାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ, ଏହି ଅବସରରେ ହେଲମେଟ ବ୍ୟବହାର କରିବା, ସିଟ ବେଲ୍ଟ ପିନ୍ଧି ଗାଡି ଚଳାଇବା ସହ ସମସ୍ତେ ଟ୍ରାଫିକ ନିୟମ ମାନିବା ଓ ମଦ ପିଇ ଗାଡି ନଚଳାଇବା ଆଦି ନିୟମ ମାନିଲେ ଦୁର୍ଘଟଣାରୁ ବର୍ତ୍ତିବା ସହ ଜୀବନ ବଞ୍ଚି ଯାଇପାରିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ।

# ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗଦ୍ୱାରା ଆୟୋଜିତ ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା, ୨୯/୧୧ (ନି.ପ୍ର): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଦ୍ୱାରା ପିଏମ୍ ଉଷା ଆନୁକୂଲ୍ୟରେ 'ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣା ପଦ୍ଧତିର ପ୍ରୟୋଗବିଧି' ବିଷୟରେ ଆୟୋଜିତ ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ସାହିତ୍ୟିକା ତଥା ଗବେଷିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ରୂପେ



ଯୋଗଦାନ କରି ସ୍ଥାନୀୟ ମହନୀୟତାକୁ କିପରି ଗବେଷଣା ମାଧ୍ୟମରେ ବିଶ୍ୱଦରବାରରେ ପହଞ୍ଚାଯାଇ ପାରିବ ସେ ସମ୍ବନ୍ଧରେ ଗବେଷକମାନେ ଯତ୍ନବାନ ହେବା ଉଚିତ୍ ବୋଲି ବ୍ୟକ୍ତବ୍ୟ ରଖିଥିଲେ। ଦିଲ୍ଲୀ ଜବାହରଲାଲ ନେହେରୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗ ସାରଳା ଚେୟାରର ପ୍ରଫେସର ଉଦୟନାଥ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଗବେଷକମାନେ ଗବେଷଣାର ଗଭୀରତମ ପ୍ରଦେଶକୁ ପ୍ରବେଶ କରିବା ଉଚିତ୍ ବୋଲି ଅଭିଭାଷଣ ରଖିଥିଲେ। ଆବାହକ ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରା ସମାହିତ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଶତପଥୀ ନିଜର ସଭାପତି ଅଭିଭାଷଣରେ ଗବେଷକମାନେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ତଥା ଅନୁଷ୍ଠାନର ଗୌରବ ଗବେଷଣା ମାଧ୍ୟମରେ ବୃଦ୍ଧି କରିବା ପାଇଁ ଏକ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଭାଗର ସହକାରୀ ପ୍ରଫେସର ବିଚିତ୍ରନାଥ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ବ୍ୟବସାୟିକ ସଂସ୍କାର କାର୍ଯ୍ୟ ଯୋଜନା ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା , ୨୯/୧୧ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟିରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା ବୈଠକ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀମତୀ କସ୍ତୁରୀ ବାଳା ଜେନା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପ କେନ୍ଦ୍ର,ସମୁଚିତା ମଲ୍ଲିକ ମଞ୍ଚାସୀନ ଥିବା ବେଳେ ଇପିକଲ ବୃହତ୍ ବୃତ୍ତିଗତ ସେବା ସଂସ୍ଥା , ସହଯୋଗୀ ସମୀର ଦାସ, ଏସ କେ ବେହେରା, ପରିଚାଳକ ତେଜସ କୁଲକର୍ଣ୍ଣି, ପରିଚାଳିକା, ସିକିଲ ମିଶ୍ର,ଟିମ୍ ଲିଡର, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଡିପା)ଜୟ ପ୍ରକାଶ ସ୍ୱାଇଁ, ଆଇ.ପି. ଇ, (ଦୀପା )ଓମ୍ ପ୍ରକାଶ ଶତପଥୀ ,ଏ ପି ଇ,(ଦୀପା) ଲୋକନାଥ ବିଶ୍ୱାଳ ଯୋଗଦେଇଥିଲେ । ବିଷୟ ବିଶେଷଜ୍ଞ ତେଜସ୍ କୁଲକର୍ଣୀ ଓ ସିକିଲ୍ ମିଶ୍ର ସରକାରଙ୍କ ୪୬ ଗୋଟି ବିଭାଗର ବିଭିନ୍ନ ଯୋଜନାରେ ଜନସାଧାରଣ ମାନେ ଏକକ କୌଶଳ ସିଙ୍ଗିଲ ଉଇଣ୍ଡୋ ଗୋସ୍ୱିଫ୍ଟ ଏଣ୍ଡଂଡଓରଞ୍ଜ ଅନଲାଇନ୍ ମାଧ୍ୟମରେ ହିତାଧିକାରୀ ମାନେ କିପରି ଉପକୃତ ହେବେ ସେ ସମ୍ବନ୍ଧରେ ପାୱାର ପଏଣ୍ଟ ଉପକରଣରେ ବୈଠକରେ ଯୋଗ ଦେଇଥିବା ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେବାସହ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ କହିଲେ ଯେ ଜିଲ୍ଲା ସ୍ତରରେ ଯେଉଁମାନେ ବ୍ୟବସାୟ କରିବା ନିମନ୍ତେ ପୁଞ୍ଜି ବିନିଯୋଗ କରିବାକୁ ଚାହୁଁ ଛନ୍ତି ସେମାନଙ୍କୁ ଇପିକଲ,ପିଡବ୍ଲୁସି ତରଫରୁ ସୁବିଧା ଓ ସହଜ,ଡି ପି ଆର ପ୍ରସ୍ତୁତ କରିବା ଏବଂ ଜନସାଧାରଣ ମାନଙ୍କୁ ବ୍ୟାପକ ସଚେତନତା କରାଇବା, ବାଣିଜ୍ୟିକ ପ୍ରତିଷ୍ଠାନ ନିମନ୍ତେ ବ୍ୟାଙ୍କରୁ ଋଣ ପ୍ରଦାନ ନିମନ୍ତେ ସାଧନ ସୁବିଧା ସମସ୍ତ ତଥ୍ୟ ବିଭାଗ ଅନୁଯାୟୀ ଗୋସ୍ୱିଫ୍ଟ ରେ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଜନିତ ପ୍ରତ୍ୟେକ ବିଭାଗ ହିତାଧି କାରୀ ମାନଙ୍କୁ ସଠିକ୍ ସମୟରେ ସ୍ୱଚ୍ଛତା ବଜାୟ ରଖି ଯୋଜନାର ସୁଫଳ ପାଇ ପାରିବେ ବୋଲି ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଜିଲ୍ଲା ନୋଡାଲ ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର, ଖୋର୍ଦ୍ଧା,ସାଧାରଣ ପରିଚାଳିକା ସମୁଚିତା ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକରେ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ରଶ୍ମିତା ଦାସ, ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା,ସୁମତି ତ୍ରିପାଠୀ, ଅବକାରୀ ଅଧିକ୍ଷକ, ଭୁବନେଶ୍ୱର, ଦେବାଶିଷ ପଟେଲ, ଜିଲ୍ଲା ପଂଚାୟତ ଅଧିକାରୀ ଶୁଭେନ୍ଦୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଉପନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ ଅଶୋକ କୁମାର ବେହେରା, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇ ଥିଲେ।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି , ୨୯/୧୧ (ନି.ପ୍ର): ସକାଳ ପ୍ରାୟ ନଅଟା ସମୟରେ ନିକଟସ୍ଥ ଜଙ୍ଗଲକୁ ଜାଳେଣିକାଠ ଆଣିବାକୁ ଯାଇଥିବା ଜୈନିକ ମହିଳାଙ୍କୁ ଭାଲୁ ଆକ୍ରମଣ କରିବାରୁ ଗୁରୁତରହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ନୀଳଗିରି ଏନଏସି ୪ନଂ ୱାର୍ଡ ମିରିଗିଣି ପଥୁରିଆସାହି ଗ୍ରାମର ଜୟୀରାମ ଦେହୁରୀ ଏବଂ ତାଙ୍କ ସ୍ତ୍ରୀ ମିନତୀ ଦେହୁରୀ ନିକଟସ୍ଥ ଖଣ୍ଡିଆହୁଡି ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ମିନତୀଙ୍କୁ ପଛପଟୁ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ଜଙ୍ଘ ଏବଂ ମୁଣ୍ଡର ପଛପଟେ ଗଭୀର କ୍ଷତ



ହୋଇଥିବା ଜଣାପଡିଛି। ତୁରନ୍ତ ମହିଳାଙ୍କ ସ୍ୱାମୀ ଏବଂ ସ୍ଥାନୀୟ ଲୋକ ଉଦ୍ଧାରକରି ନୀଳଗିରି ମେଡିକାଲ ଆଣିଥିଲେ। ଆଶୁଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ରେମୁଣା ମେଡିକାଲ କଲେଜକୁ ପଠାଇଦିଆଯାଇଛି। ମିନତୀଙ୍କ ଜଙ୍ଘହାଡ ଭାଙ୍ଗିଯାଇଥିବା ବେଳେ ଖପୁରୀ ଉପୁଡ଼ିଯାଇଥିବା ସ୍ଥାନୀୟ କାଉନସିଲର ତଥା ନୀଳଗିରି ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଉକ୍ତ ପରିବାର ଅତ୍ୟନ୍ତ ଗରିବଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବନବିଭାଗକୁ ଅନୁରୋଧ କରିଛନ୍ତି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida